ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

ମାର୍ଚ୍ଚ ୨୦୨୩
ମୂଲ୍ୟ : ୨୫ ଟଙ୍କା



ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଦ୍ୱାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 8, March 2023, Issue No. XII

ISSN NO. 2583-147X(P)

RNI No. : ODIODI/2015/64435

P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

ଆମ ଅଭିଲେଖରେ ଆମ ଭାଷା କଥା

– ଡକ୍ଟର ଦେବାଶିଷ ମହାପାତ୍ର ୦୭

ମାଦଳା ପାଞ୍ଜିରେ ପ୍ରାଚୀନ ଓଡ଼ିଆ ଭାଷା

– ଡକ୍ଟର ଅମ୍ବରୀଶ ଶତପଥୀ ୧୧

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ : 'ରୁଦ୍ର ସୁଧାନିଧି'

– ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ ୧୪

ସାରଳା ମହାଭାରତର ଆଦିପର୍ବରେ ବ୍ୟାକରଣ ଚର୍ଚ୍ଚା (ପ୍ରସଙ୍ଗ : କ୍ରିୟାପଦ)

– ସତ୍ୟବ୍ରତ ସେଠୀ ୧୯

ଜଗନ୍ନାଥ ଦାସଙ୍କ ଭାଗବତ : ଏକ ଭାଷାତାତ୍ତ୍ୱିକ ବିଶ୍ଳେଷଣ

– ଡ. କଳ୍ପତରୁ ନାୟକ ୩୧

ଭାଷାବିତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ

– ଡକ୍ଟର ଆଶୁତୋଷ ରାଉତ ୪୧

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଗ ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର... ତାରିଖ...................................

ବ୍ୟାଙ୍କ୍.. ସ୍ଥାନ...

ତାରିଖ...................................... ଦସ୍ତଖତ..

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No.XII, March 2023
Bastabatara Pariprakash Prachee
Peer Reviewed and Referred Research Journal

ଆମ ଅଭିଲେଖରେ ଆମ ଭାଷା କଥା

ଡକ୍ଟର ଦେବାଶିଷ ମହାପାତ୍ର

ଭାରତ ଗୋଟିଏ ବହୁଭାଷୀ ଦେଶ । ଏହାର ସମ୍ବିଧାନରେ ୨୨ଟି ଭାଷାକୁ ସ୍ୱୀକୃତି ମିଳିଛି । ସେହିଭଳି ଭାରତରେ ୬ଟି ପ୍ରାଚୀନ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି । ୨୦୦୪ରେ ପ୍ରଥମ ଶାସ୍ତ୍ରୀୟ ଭାଷା ଭାବେ ତାମିଲ, ୨୦୦୫ରେ ସଂସ୍କୃତ, ୨୦୦୮ରେ କନ୍ନଡ଼ ଓ ତେଲୁଗୁ ଏବଂ ୨୦୧୩ରେ ମାଲୟାଲମ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବା ବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା । ଅଭିଲେଖରେ ଆମ ଭାଷାର ପ୍ରାଚୀନତାର ପଦଚିହ୍ନ ରହିଛି । ଅଭିଲେଖ ସାଧାରଣତଃ ଦୁଇଭାଗରେ ବିଭକ୍ତ, ଯଥା– ଶିଳାଲେଖ ଓ ସନନ୍ଦ ବା ତାମ୍ରପାତ୍ର । ସେହିଭଳି ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର ।ଓଡ଼ିଶାରେ ଏପର୍ଯ୍ୟନ୍ତ ଆଠଶହ ପଞ୍ଚଷଠିଟି ଅଭିଲେଖ ମିଳିଥିବା ଐତିହାସିକମାନେ ସୂଚନା ଦିଅନ୍ତି । ସେଥିମଧ୍ୟରୁ ଭୁବନେଶ୍ୱରର ବିଭିନ୍ନ ମନ୍ଦିରର ଅଠେଇଶିଟି ଶିଳାଲେଖ, ଯେଉଁଥିରୁ କେବଳ ଲିଙ୍ଗରାଜ ମନ୍ଦିରର ଏକୋଇଶିଟି ଶିଳାଲେଖ । ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ମଧ୍ୟପର୍ବରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ଗୁରୁ ସନ୍ଦିପନୀଙ୍କ ଠାରୁ ୬୪ଟି ଭାଷା ଶିକ୍ଷା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି– ଓଡ଼ିଆ ତେଲଙ୍ଗା ଆଉ ନାଗରୀ ଦକ୍ଷିଣୀ/ କନାଉଜ ଦ୍ରାବିଡ଼ ଯେ ଆଦି ଭାଷା ଘେନି / ଏହିପରି ଲେଖିଲେ ଯେ ଭାଷା ଚଉଷଠି / ନବଦିନେ ଲେଖିଲେ ଯେ ତାଳପତ୍ର ଚିଠି । ସେହିଭଳି ଲଳିତବିସ୍ତରରେ ବୁଦ୍ଧଦେବ ୬୪ଟି ଲିପି ଜାଣିଥିଲେ ବୋଲି ଉଲ୍ଲେଖ ଅଛି, ଯେଉଁଥିରେ ପ୍ରାଚୀନ ଓଡ଼ିଆ ଉଗ୍ର ବା ଉଡ୍ର ଲିପି ଅନ୍ୟତମ । ଏହିସବୁ ପ୍ରାଚୀନତା ଆଧାରରେ ଆମ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା । ତାମ୍ରପତ୍ର, ସନନ୍ଦ, ପାହାଡ଼ ଗୁମ୍ଫା, ମନ୍ଦିର କାନ୍ଥ, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ ଦେଖିଲେ ଆମେ ଯେ ଏତେ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ । ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉରଜାମ ଶିଳାଲେଖ, ଶ୍ରୀଜଙ୍ଗ ଶିଳାଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ । ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାର ସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀ ବିଚିତ୍ର ଭାନୁଦେବ, ଶୁଭକର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେସବୁର ପାଠୋଦ୍ଧାର ହୋଇଛି ସତରେ ଖୁବ୍ ଉତ୍ସାହପ୍ରଦ । ଏକାଦଶ ଶତାବ୍ଦୀର ଗଣ୍ଡିବେଡ଼ ଅଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟଖେଡ଼ିଙ୍କ ଗଞ୍ଜାମ ସନନ୍ଦ, ୧୦୨୩ ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନ କାଳୀନ ଅଭିଲେଖ ଆମକୁ ଅନେକ କଥା କହେ । ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର, ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଲେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଂଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି । ଆମ ଅଭିଲେଖରେ ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ । ପ୍ରତ୍ନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରି ଆସିଛି । ଅଭିଲେଖର ଭାଷାକୁ ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ । ପୋଥି, ପଥର, ପ୍ରତ୍ନତତ୍ତ୍ୱରେ ସାଇତା ସଂପଦ, ଆମ ଓଡ଼ିଆ ଭାଷା । ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା, ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣ ଖୋଦିତ ହୋଇରହିଛି । ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ

ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ । ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମାନ୍ୱୟରେ କ୍ରମବିକଶିତ ହୋଇଛି ତାହା ବାସ୍ତବିକ୍ ଅବର୍ଣ୍ଣନୀୟ । ଅନେକ ଶିଳାଲେଖ, ଆମ ଲିପି ଓ ଭାଷାର ଅନନ୍ୟ ସ୍ୱାକ୍ଷର । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ଖ୍ରୀଷ୍ଟାବ୍ଦ ୧୦୫୧ ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦ୍ରଗିରି ହାତୀ ଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ର ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬ ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶ୍ୱର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ – "ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ ।" ଏସବୁରେ ରହିଛି ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ । ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ । ଖାଲି ସେତିକି ନୁହେଁ ଓଡ଼ିଆ ବିଭକ୍ତିର ଚିହ୍ନ ମଧ୍ୟ ଏସବୁଥିରେ ସ୍ପଷ୍ଟ । ଅବଶ୍ୟ ଇ, ଈ, ଉ, ଊ, ସ, ଶ, ଷ ଏଭଳି ସ୍ୱାତନ୍ତ୍ର୍ୟର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ । ପ୍ରାଚୀନ ଅଭିଲେଖଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟି, ବଡ଼ ବୈଶିଷ୍ଟ୍ୟ । ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜ ରଣଭଦ୍ରଙ୍କ ଖୋଦିତ ଭଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ – ଅଗି (ଅଗ୍ନି), ଆଯ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି । ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳ ଭିତର, ଭୂମି, ଶଏ ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଲା, ମଠ, ମାତ୍ରା ଆଦି ବହୁ ଓଡ଼ିଆ ଶବ୍ଦ ଦେଖୁ । ଯାହା ଆଲୋଚନା କରୁଥିଲେ, ଶଏ ଷ, ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି । ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି । କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି । ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ । ତେବେ ଏଥିରେ ତରତର, ସଙ୍ଗରେ, ଧୁନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ । ଅଭିଲେଖର ଆଲୋଚନାବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା ଉଚିତ୍ ମନେହୁଏ- ସିରି (ଶ୍ରୀ), ପନ୍ଦରସ (ପନ୍ଦର), ଲଖନେନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠମେ (ଅଷ୍ଟମେ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ), ପବତେ (ପର୍ବତେ) ଆଦି ଶବ୍ଦ ସହ ସୁଭ (ଲାଭ), ସିତଳ (ଶୀତଳ), ଗଜ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ, କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ । ବ୍ରାହ୍ମଣ ଶବ୍ଦ ପାଇଁ ଏହି ଶିଳାଲେଖରେ ଦମ୍ଯଣାନଂ, କୁଶଳ ପାଇଁ କୁସଲୋ, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲିପିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି । ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ଭଳି ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ । ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ପ୍ରମାଣିକ ନମୁନା । ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ । ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖରେ ଆଖି, ଇସା, କଳେ, କିଟ, ତିନି, ଦୁବେ, ହସ, ନିଲଠା, ପୁଠିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ । ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ ୧୦୫୧ ଖ୍ରୀ.ଅ. ଉରଜାମ ଶିଳାଲେଖଠାରୁ ୧୫୬୮ ଖ୍ରୀ.ଅ. ଶ୍ରୀମନ୍ଦିର ଜୟବିଜୟ ଶିଳାଲେଖ ପର୍ଯ୍ୟନ୍ତ ସମୁଦାୟ ଅଶିଟି ଶିଳାଲେଖର ପାଠୋଦ୍ଧାର ହୋଇପାରିଛି । ଆମ ଅଭିଲେଖର ଭାଷା କଥା ବିଚାର କଲାବେଳେ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ, ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଲୋକପାତ କରିବା- (୧) ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮ x ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର

ହୋଇଛି । ଏ ବିଷୟରେ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରଙ୍ଗର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଆଲୋଚନା କରିଛନ୍ତି । ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ, (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ । ଏହା ଗଜପତି କପିଳେଶ୍ୱର ଦେବଭକ୍ତ ସମୟର ଶିଳାଲିପି । ଏ ବିଷୟରେ ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ)ରେ 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି । (୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨ ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି । ଏହା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନକାଳୀନ ଶିଳାଲେଖ । ଏ ବିଷୟରେ ବିଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆଲୋଚନା କରିଛନ୍ତି । (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ୍‌ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ । ଶକାବ୍ଦ ୧୦୦୪ ର ଏହି ଶିଳାଲେଖ ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ । (୫) ଶକାବ୍ଦ ୧୧୮୨ର ସିହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ । ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର ବ୍ୟବହାର ହୋଇଛି । ତେବେ ଏହାର ଲିପି ତେଲୁଗୁ । ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା । ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନା ଗୁଡ଼ିକରେ ମଧ୍ୟ ସ୍ପଷ୍ଟ ସୂଚନା ରହିଛି । ଦେଶୀ ଓ ବିଦେଶୀ ବିଦ୍ୱାନ୍‌ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର । ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତାମତବ୍ୟ ଦେଇଛନ୍ତି । ଓଡ଼ିଶାର ବିଶିଷ୍ଟ ଗବେଷକ ଡକ୍ଟର ବେଣୀ ମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, "ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ । ନଚେତ୍ ଅନୁଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇ ନଥାନ୍ତେ । ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ । ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ ।" (ପୃଷ୍ଠା-୬) ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ । ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ, କେତେକ ଶିଳାଲେଖରେ 'ଶକାବ୍ଦ'ର ସୂଚନା ରହିଛି । କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନ ଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳେ ସମ୍ମାନାର୍ଥେ ଏ' ମଧ୍ୟ ଏକବଚନରେ ବ୍ୟବହାର କରାଯାଇଛି - କପିଳେଶ୍ୱର ରାଜାଏ ଦିଲେ । ସେମିତି କର୍ମକାରକରେ - କୁ,ନ୍ତି, ସଂପ୍ରଦାନକାରକରେ କୁ, କି, କଇ, କୈ, କେ, ଙ୍କୁ, ଙ୍କୀ, ଙ୍କର, କରଣକାରକରେ- ଏଁ, ଏ, ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ ଠାରୁ, ଷଷ୍ଠୀ ବିଭକ୍ତିରେ - ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ, ଏଁ, ରେ, ମାନଙ୍କରେ ଓ ସମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ । ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା କୈ ବା କଇ'ର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ । ଭାରତର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି । ଗଞ୍ଜାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ୍ଡ ତାମ୍ରପତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ, କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗଞ୍ଜାମର ୬୧୯-୨୦ ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ଧାରାବାହିକ ଭାବେ କିଭଳି ହୋଇଛି ଏବଂ ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ । ଓଡ଼ିଆ ଅଭିଲେଖରେ ବ୍ୟବହାର

ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି । ଗଙ୍ଗବଂଶୀ ପଂଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥିବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି (ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି । ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲ । ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶ କାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମ୍ଭରେ ଥିବା ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଂଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖାଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ୱଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉରଜାମ ଶିଳାଲେଖ ଓ ପରବର୍ତ୍ତୀ କାଳରେ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି । ଏହା ଆମ ଭୂମି ଓ ଭାଷାର ସଂପଦ, ଗୌରବ ।

ଶିଳାଲେଖ ଶବ୍ଦାବଳୀ

ଧଉଳି ଶିଳାଲେଖ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ, ଭୁବନେଶ୍ୱର

କଳେ, ତିନି, ଦୁବେ, ପଛା, ପନି, ସେ, ହାନି, ଆଖି, ଦସ, ନିଲଠା, ମାଝି, ବାମନ, ମହାମାତ, ମନିସ, କିଟି, ପଟିକା, ବୁଢ଼, ପାଟିପରି, ଲହେବୁ, ଇସା ।

ହାତୀଗୁମ୍ଫା ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ, ଭୁବନେଶ୍ୱର

ଲୁଠିତ, ସିରି, ପନ୍ଦରସା, ସୁଭ, ଲଖନେନ, ଗୁଣ, ଯୋବରାଜ, ମହାରାଜା, ଯୁଗେ, ବିହତ, ଗୋପୁର, ପଛିମ, ହୟ, ଗଜ, ନର, ଗଧ, ବହୁଳଂ, ପୁନ, ରତନ, ପାଦେ, ପଚମେ, ସତ, ବାଟ, କର, ବଣ, ଘରିସି, ସେନ, ବାହନ, ଅନେକ, ପୋର, ଅଠମେ, ମହତ, ମଧୁର, ସହ, ଅଠତିସାୟ, ଯୋଜନା, କାଳ, ଚତୁର, ପବେସା, ଦୁତିୟେ ।

ଉଭୟ ଶିଳାଲେଖର ଲିପି – ବ୍ରାହ୍ମୀଲିପି ଓ ଭାଷା–ପାଲିଭାଷା ତେବେ ବହୁ ପ୍ରତ୍ନ ଓଡ଼ିଆ (ଚକ୍ଷୁକ୍ଷୁପକ୍ଷ ଙୟସବ) ଶବ୍ଦ ଦେଖିବାକୁ ମିଳେ ।

ଆମ ଶିଳାଲେଖ : ତିଥି ଓ ତାରିଖ

(୧) ମଧୁକେଶ୍ୱର ମନ୍ଦିର ମୁଖଲିଙ୍ଗ ଶିଳାଲେଖ, ଜାନୁୟାରୀ ୨୩, ୧୨୦୦ ଖ୍ରୀଷ୍ଟାବ୍ଦ, ଶୁକ୍ରବାର ।

(୨) ହଟକେଶ୍ୱର ମନ୍ଦିର ସିଂହଭରମ୍ ଶିଳାଲେଖ, ମାର୍ଚ୍ଚ ୨୪, ୧୨୦୫ ଖ୍ରୀଷ୍ଟାବ୍ଦ, ଗୁରୁବାର ।

(୩) ପାଟଳେଶ୍ୱର ମନ୍ଦିର ଶିଳାଲେଖ, ପୁରୀ, ଜୁନ୍ ୧୪, ୧୨୨୫ ଖ୍ରୀଷ୍ଟାବ୍ଦ, ଗୁରୁବାର ।

(୪) ଲକ୍ଷ୍ମୀନୃସିଂହ ମନ୍ଦିର ଶିଳାଲେଖ, ସିଂହାଚଳମ୍, ଡିସେମ୍ବର ୧, ୧୨୨୫ ଖ୍ରୀଷ୍ଟାବ୍ଦ, ମଙ୍ଗଳବାର ।

(୫) ଲିଙ୍ଗରାଜ ମନ୍ଦିର ଶିଳାଲେଖ, ଭୁବନେଶ୍ୱର, ଅପ୍ରେଲ୍ ୧୭, ୧୨୫୭ ଖ୍ରୀଷ୍ଟାବ୍ଦ, ମଙ୍ଗଳବାର ।

ସହାୟକ ସୂଚୀ :

(୧) ସତ୍ୟନାରାୟଣ ରାଜଗୁରୁ, ଉତ୍କଳୀୟ ଲିପିତତ୍ତ୍ୱ, 'ସହକାର' ଏକାଦଶ ଭାଗ, ଏକାଦଶ ସଂଖ୍ୟା, ଫାଲଗୁନ ୧୩୩୮, ପୃଷ୍ଠା-୪୮୩-୪୮୭ ।

(୨) ସତ୍ୟନାରାୟଣ ରାଜଗୁରୁ, ଓଡ଼ିଆ ଲିପିର କ୍ରମବିକାଶ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୯୬୦ ।

(୩) କୁଞ୍ଜବିହାରୀ ତ୍ରିପାଠୀ, The Evolution of Oriya language and Script, Utkal University, ୧୯୬୨ ।

(୪) D.C. Sircar, Indian Epigraphy, Motilal Baranasi Das, New Delhi, 1965.

ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର,
ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର,
ଭୁବନେଶ୍ୱର-୭୫୧୦୦୯
ମୋ - ୬୩୭୨୦୮୨୬୯୦

ISSN -2583-147X(P), **Vol.- 8, Issue No.XII, March 2023**
Bastabatara Pariprakash Prachee
Peer Reviewed and Referred Research Journal

ମାଦଳା ପାଞ୍ଜିରେ ପ୍ରାଚୀନ ଓଡ଼ିଆ ଭାଷା

ଡକ୍ଟର ଅମ୍ବରୀଶ ଶତପଥୀ

ବର୍ଷାଣାଂ ଭାରତବର୍ଷ ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶଃ ଦେଶନାସ୍ତି ମହୀତଳେ ।
– କପିଳ ସଂହିତା

ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଅତି ପ୍ରାଚୀନ କାଳରୁ ଉତ୍କଳ, କଳିଙ୍ଗ ବା ଆଜିର ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ଶ୍ରୀ ଜଗନ୍ନାଥଙ୍କ ସହିତ ଓଡ଼ିଆ ଭାଷା, ଓଡ଼ିଶୀ ନୃତ୍ୟ ତଥା ଓଡ଼ିଆ ଜାତିର ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଖ୍ରୀ.ପୂ. ୨୬୧ରେ ମଗଧ ସମ୍ରାଟ ଅଶୋକ ଓଡ଼ିଶା ଆକ୍ରମଣ କରିଥିଲେ ଏବଂ ଦୟାନଦୀ କୂଳରେ ଐତିହାସିକ କଳିଙ୍ଗ ଯୁଦ୍ଧ ସଂଗଠିତ ହୋଇଥିଲା, ଯେଉଁ ଯୁଦ୍ଧରେ ଲକ୍ଷାଧିକ ଲୋକ ମୃତାହତ ଓ ବନ୍ଦୀ ହୋଇଥିଲେ ଏବଂ ସର୍ବୋପରି ଦୟାନଦୀର ଜଳ ରକ୍ତବର୍ଣ୍ଣ ଧାରଣ କରିଥିଲା । ସମ୍ରାଟ ଅଶୋକଙ୍କର ବିଜୟ ହେଲା ସତ ମାତ୍ର ତାଙ୍କ ହୃଦୟରେ ଆସିଲା ବିରାଟ ପରିବର୍ତ୍ତନ । କ୍ରୂର ନିର୍ମମ ଚଣ୍ଡାଶୋକରୁ ସେ ପାଲଟିଗଲେ ଧର୍ମାଶୋକ । ସମଗ୍ର ବିଶ୍ୱରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ପାଇଁ ସେ ଉଦ୍ୟମ କରିବା ସହ ଶାନ୍ତି ଓ ଅହିଂସାର ବାଣୀ ପ୍ରଚାର କରିବାକୁ ଲାଗିଲେ । ଧଉଳି ପାହାଡ଼ରେ ପାଲୀ ଭାଷାରେ ଓ ବ୍ରାହ୍ମୀଲିପିରେ ଖୋଦିତ ଶିଳାଲେଖ ଆଜି ମଧ୍ୟ ମୂକସାକ୍ଷୀ ପରି ବିଦ୍ୟମାନ ଯେଉଁଥିରେ କି ବହୁ ଓଡ଼ିଆ ଶବ୍ଦ ଖୋଦିତ ହୋଇଛି । ଏଥିରୁ ପ୍ରମାଣ ମିଳେ ଯେ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାଚୀନ ଓଡ଼ିଆ ଭାଷାର ଉଦ୍ଭବ ହୋଇଛି ଠିକ୍ ସେହିପରି ଜୈନ ସମ୍ରାଟ ଖାରବେଳଙ୍କ ଖଣ୍ଡଗିରି ଓ ଉଦୟଗିରିରେ ଥିବା ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ବହୁ ପ୍ରାଚୀନ ଓଡ଼ିଆ ଶବ୍ଦର ସମ୍ଭାର ଦୃଷ୍ଟିଗୋଚର ହୋଇଥାଏ । ତା'ଛଡ଼ା ବିଭିନ୍ନ ଶିଳାଲେଖ, ତାମ୍ରଫଳକ, ତାଳପତ୍ର ପୋଥି ଇତ୍ୟାଦିରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ମିଳିବା ସହିତ ଓଡ଼ିଆ ଭାଷା ତଥା ଲିପିର ପ୍ରାଚୀନତା ସମ୍ପର୍କରେ ସୂଚନା ମିଳିଥାଏ ।

ଓଡ଼ିଆ ଭାଷାର ଗଦ୍ୟରୂପ ସମ୍ପର୍କରେ ଆଲୋଚନା ତଥା ଗବେଷଣା କଲେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଲେଖା ହେଉଥିବା ମାଦଳାପାଞ୍ଜିର ଗଦ୍ୟରୂପ ସର୍ବାଗ୍ରେ ଆତ୍ମପ୍ରକାଶ କରିଥାଏ । ପ୍ରଖ୍ୟାତ ଗବେଷକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ-

– ଟ୍ରେନିଂ ସ୍କୁଲରେ ସଂସ୍କୃତ ପରିବର୍ତ୍ତେ ଉଚ୍ଚଧରଣର ଓଡ଼ିଆ ସାହିତ୍ୟ ପ୍ରବର୍ତ୍ତନ କରିବାର ଉପଯୋଗିତା ଉପଲବ୍ଧି କରି ୧୯୩୦ ମସିହାରେ ବିହାର-ଓଡ଼ିଶାର ଡିରେକ୍ଟର ଫକସ ସାହେବ ପ୍ରାଚୀନ ଗଦ୍ୟ ଓ ପଦ୍ୟ ସମ୍ବଳିତ ଗୋଟିଏ ଗ୍ରନ୍ଥ ସଂକଳନ କରିବାକୁ ମୋତେ ଅନୁରୋଧ କରିଥିଲେ । ସେହି ଉଦ୍ଦେଶ୍ୟ ସାଧନ ନିମିତ୍ତ ମାଦଳାପାଞ୍ଜିର କେତେକ ଅଂଶ କେତେକ ଶିଳାଲିପି, କେତେକ ବାରବ୍ରତ କଥା ଓ ଅନ୍ୟାନ୍ୟ ପ୍ରାଚୀନ ଗଦ୍ୟ ସହିତ ପ୍ରାଚୀନ ପଦ୍ୟ କେତେକ ସନ୍ନିବେଶିତ କରି 'ଗଦ୍ୟ ପଦ୍ୟାଦର୍ଶ' ନାମକ ଖଣ୍ଡିଏ ଗ୍ରନ୍ଥ ୧୯୩୨ ମସିହାରେ ପ୍ରକାଶିତ ହେଲା । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ଏହି ଉକ୍ତିରୁ ମାଦଳାପାଞ୍ଜିର ଭାଷାରେ ଯେ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ରୂପର ପ୍ରକୃତ ପରିଚୟ ଥିଲା ଏହା ଅନସ୍ୱୀକାର୍ଯ୍ୟ ।

ବିଭିନ୍ନ ଗବେଷକ, ଐତିହାସିକ ତଥା ସାହିତ୍ୟିକମାନଙ୍କର ମାଦଳାପାଞ୍ଜି ରଚନାର କାଳ ସମ୍ପର୍କରେ ଭିନ୍ନ ଭିନ୍ନ ମତ ପରିଲକ୍ଷିତ ହୋଇଥାଏ । ମାଦଳାପାଞ୍ଜିର ଭାଷା ଓ ଶୈଳୀ ସମ୍ବନ୍ଧରେ ବିଭିନ୍ନ ଗବେଷକଙ୍କର ବିଭିନ୍ନ ମତ ରହିଛି । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ

ମତରେ– The language of the Panji does not seen to be older than that of the 11 or 12 century. From the 12 century onwards the development of the language is traceable.

ଯେ କୌଣସି ଦେଶର ପ୍ରାଚୀନ ଇତିହାସ, ସଂସ୍କୃତି ଓ ସାହିତ୍ୟ ଗବେଷଣାର ବିଷୟବସ୍ତୁ ଅଟନ୍ତି । କାରଣ ପ୍ରାଚୀନ ଯୁଗରେ ଏସବୁର ପରିଚର୍ଯ୍ୟା ନଥିବାରୁ ବହୁ ବିଷୟ ଅନ୍ଧକାର ଗହ୍ୱରରେ ଏବେ ସୁଦ୍ଧା ଲୁକ୍କାୟିତ ହୋଇ ରହିଅଛି । ସେହି ନ୍ୟାୟରେ ଅତୀତ ଓଡ଼ିଶାର ଇତିହାସ, ସଂସ୍କୃତି ଓ ସାହିତ୍ୟ ଏବେ ମଧ୍ୟ ଗବେଷଣାର ଅପେକ୍ଷା ରଖିଅଛି । ଓଡ଼ିଶାର ଏହି ଅମୂଲ୍ୟ ଗଦ୍ୟ ସମ୍ପଦକୁ ୧୮୨୨ ମସିହାରେ ପ୍ରଥମେ ଐତିହାସିକ ଷ୍ଟାର୍ଲିଂ, ୧୮୭୨ ମସିହାରେ 'History of Orissa' ରେ W.W. Hunter, ୧୮୭୯ ମସିହାରେ ପ୍ୟାରୀମୋହନ ଆଚାର୍ଯ୍ୟ, ୧୯୮୨ ମସିହାରେ ମନମୋହନ ଚକ୍ରବର୍ତ୍ତୀ, ୧୯୨୭ ମସିହାରେ ଫ୍ଲିଟ 'Epigratia Indica' ଓ ରମାପ୍ରସାଦ ଚାନ୍ଦ ଲୋକଲୋଚନକୁ ଆଣିଥିଲେ । ୧୯୨୯ ମସିହାରେ ପ୍ରାବନ୍ଧିକ ଓ ଗବେଷକ ଜଗବନ୍ଧୁ ସିଂହ ମାଦଳାପାଞ୍ଜିର ସାହିତ୍ୟିକ ମୂଲ୍ୟ ଅବଧାରଣା କରିଥିଲେ । ୧୯୩୨ ମସିହାରେ ଗବେଷକ ଡ. ଆର୍ତ୍ତବଲ୍ଲଭ ମହାନ୍ତି ଜଗବନ୍ଧୁ ସିଂହଙ୍କ ମତକୁ ସମର୍ଥନ କରିଥିଲେ । ୧୯୪୦ ମସିହାରେ ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ମାଦଳାପାଞ୍ଜି (ରାଜଭୋଗ-ଇତିହାସ) ପ୍ରଥମେ ସମ୍ପାଦିତ ହୋଇ ଓଡ଼ିଶାର ସୁଧୀ ପାଠକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଏହାଛଡ଼ା ଗବେଷକ ମନମୋହନ ଚକ୍ରବର୍ତ୍ତୀ, ରାଜେନ୍ଦ୍ରଲାଲ ମିତ୍ର, ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡ. ସୁନୀତି କୁମାର ଚାଟାର୍ଜୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଡ. କୁଞ୍ଜବିହାରୀ ତ୍ରିପାଠୀ, ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ, ରାଖାଲ ଦାସ ବାନାର୍ଜୀ, ଆର୍ ସୁବ୍ରମନିୟମ୍, ଡ. ହରେକୃଷ୍ଣ ମହତାବ ପ୍ରମୁଖ ମାଦଳାପାଞ୍ଜି ଉପରେ ଗବେଷଣା କରି ମତାମତ ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାଷାତତ୍ତ୍ୱବିତ୍ ଡ. ସୁନୀତି କୁମାର ଚାଟାର୍ଜୀ ୨୫.୧୨.୧୯୬୪ ମସିହାରେ କଟକଠାରେ ଅନୁଷ୍ଠିତ 'ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ'ର ସଭାପତି ଅଭିଭାଷଣରେ ମାଦଳାପାଞ୍ଜି ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ– "ପୁରୀ ମନ୍ଦିରେର୍ ଓ ସଙ୍ଗେ ସଙ୍ଗେ ଓଡ଼ିଶାର ଇତିହାସ ଲିପିବଦ୍ଧ ହଇତେ ଥାକେ 'ମାଦଳାପାଞ୍ଜି' ନାମକ ଐତିହାସିକ ସ୍ମରଣ ପୁସ୍ତିକାୟ । ଇହା ଉଡ଼ିୟା ଗଦ୍ୟେ ଲିଖିତ । କଥିତ ଅଛ ପୁରୀ ଜଗନ୍ନାଥ ମନ୍ଦିରେର ପ୍ରତିଷ୍ଠାର ସମୟ ହଇତେଇ ଏଇ ପାଞ୍ଜି ଲିପିବଦ୍ଧ ହଇତେ ଥାକେ ଖୁଣ୍ଟିନାଣ୍ଟି ବ୍ୟାପାରେ ଭୁଲଭ୍ରାନ୍ତି ଦୋଷତ୍ରୁଟି ଥାକିଲେ ଓ ପାଞ୍ଜିତେ ଯେ ଅନ୍ତତଃ ମଧ୍ୟଯୁଗେର ଉଡ଼ିୟା ଗଦ୍ୟେର ମୂଲ୍ୟବାନ ନିଦର୍ଶନ ରକ୍ଷିତ ହଇୟାଛେ ତାହା ସ୍ୱୀକାର କରିତେ ହୟ । ଏଖାନେ ରାଜାର ମୁଖନିସୃତ ଏକାଦଶ ଦ୍ୱାଦଶ ଶତକେ ଉଡ଼ିୟା ଭାଷାର ପ୍ରାଞ୍ଜଳତା, ପ୍ରସାଦ ଗୁଣ ଓ ପ୍ରକାଶ ଶକ୍ତି ଦେଖିୟାଁ ସାଧୁବାଦ ଦିତେ ହୟ ଯେ ଉଡ଼ିୟା ଜାତି ଭାରତେର କୃତି ଦେଉଳ ବା ଦେବମନ୍ଦିର ଗଠନେ ଆତ୍ମ ନିୟୋଜିତ ହଇୟାଛିଲ, ବାସ୍ତୁବିଦ୍ୟାର ଓ ଭାସ୍କର୍ଯ୍ୟେର ଉନ୍ନତିର ପରାକାଷ୍ଠା ଯେ ଜାତି ପ୍ରଦର୍ଶନ କରିୟାଛିଲ ତାହାଦେର୍ ଉପଯୁକ୍ତ ଏଇ ଭାଷା । ମାଦଳାପାଞ୍ଜି ଏଇ ରାଜୋକ୍ତି ଭାରତୀୟ ସାହିତ୍ୟେର ଏକଟି ବିଶେଷ ଲକ୍ଷଣୀୟ କୃତି ।"

ମାଦଳାପାଞ୍ଜିର ପ୍ରାଚୀନ ଓଡ଼ିଆ ଶବ୍ଦ ସହିତ ବିଭିନ୍ନ ଦେଶଜ ଓ ବୈଦେଶିକ ଶବ୍ଦ ମଧ୍ୟ ଦେଖିବାକୁ ମିଳିଥାଏ । ଯଯାତି କେଶରୀଙ୍କ ସମ୍ପର୍କରେ ବ୍ୟବହୃତ ହୋଇଥବବା 'ଓଡ଼ିଶା' ଶବ୍ଦଟି ଡ. ନବୀନ କୁମାର ସାହୁଙ୍କ ମତରେ ଏହା ପଞ୍ଚଦଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ, କାରଣ ସାରଳା ଦାସ ତାଙ୍କ ମହାଭାରତରେ ଓଡ୍ରାଷ୍ଟ ମଣ୍ଡଳ ବୋଲି ଉଲ୍ଲେଖ କରିଛନ୍ତି ।

ମାଦଳାପାଞ୍ଜିରେ ପ୍ରାଚୀନ ଓଡ଼ିଆ ଶବ୍ଦ ସୋମଦ୍ର, ଯୁଝ, ସ୍ନାହାନ ଇତ୍ୟାଦି ଦେଖିବାକୁ ମିଳିଥାଏ । ଠିକ୍ ସେହିପରି ଅନେକ ଯାଚନିକ ଶବ୍ଦ (ଆରବୀ, ପାର୍ସି ଇତ୍ୟାଦି ଭାଷାର ଶବ୍ଦ) ଯଥା ଦିଲ୍ଲୀ, ପାତିଶା, ମୁଗଲ, ଖଲିଫା ଇତ୍ୟାଦିର ପ୍ରୟୋଗ ହୋଇଥିବାରୁ କେତେକ ଗବେଷକ ଏହାକୁ ମୁସଲମାନ ଶାସନ ସମୟର ଲେଖା ବୋଲି ମତବ୍ୟକ୍ତ କରିଥାନ୍ତି ।

ଦ୍ରାବିଡ଼ ପ୍ରଭାବରେ କେତେକ ଦ୍ରାବଡ଼ି ଶବ୍ଦ ଯଥା ବାଟ, ମାଣ ଓ ମାଢ଼ ଇତ୍ୟାଦିର ବ୍ୟବହାର ଓ ବୈଦେଶିକ ଭାଷାର ପ୍ରଭାବରେ ବୈଦେଶିକ ଶବ୍ଦ ଯଥା ପୁଲିସ୍, ଗଭର୍ନମେଣ୍ଟ, ଜନରଲ ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ ।

ଠିକ୍ ସେହିପରି ଅନେକ ମୌଳିକ ଦେଶଜ ଓଡ଼ିଆ ଶବ୍ଦ

ଯଥା ପତ୍ରିବଡୁ, ମହରଗ, ସକାଳ, ସିଅଳ ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ ।

ମାଦଳାପାଞ୍ଜିରେ ମୁଖ୍ୟତଃ ଲୋକଭାଷା ଓ ଲୋକସାହିତ୍ୟକୁ ପ୍ରାଧାନ୍ୟ ଦିଆଯାଇଛି । କଥିତ ଭାଷାରେ ତତ୍କାଳୀନ ଲିଖନକାରମାନେ ପାଞ୍ଜି ଲେଖି ଯାଇଛନ୍ତି । ଯେଉଁଥିରୁ ଆମେ ସେ ସମୟର ଶବ୍ଦ ଓ ଭାଷାର ପରିଚୟ ପାଇଥାଉ ।

ଯେଉଁ ଦେଶଜ ଶବ୍ଦଗୁଡ଼ିକୁ ଆମ୍ଭେମାନେ ମାଦଳାପାଞ୍ଜିରେ ପାଇଥାଉ ସେଗୁଡ଼ିକ ମଧ୍ୟରେ ଅଇଲେ, ଅଯାଜକ, ଟୋକା, ଝିଅ, ପହଣ୍ଡି, ସୁଆରବଡୁ ଇତ୍ୟାଦି ।

ଭାଷାର ବୈଶିଷ୍ଟ୍ୟ ବିଷୟରେ ଆଲୋଚନା କଲେ ଆମେ ଲକ୍ଷ୍ୟ କରିବା ବାକ୍ୟ ଗଠନ ପ୍ରଣାଳୀ କୌଣସି ନିର୍ଦ୍ଦିଷ୍ଟ ନିୟମକୁ ଅନୁସରଣ କରିନାହିଁ । କର୍ତ୍ତା, କର୍ମ ଓ କ୍ରିୟା ବ୍ୟବହାରରେ କୌଣସି ନିର୍ଦ୍ଦିଷ୍ଟ ଶୃଙ୍ଖଳା ନାହିଁ । କେତେକ ବାକ୍ୟ ଅତି ଦୀର୍ଘ ହୋଇଥିଲା ବେଳେ କେତେକ ବାକ୍ୟ ଅତି କ୍ଷୁଦ୍ରାକାର । ସେହିପରି କର୍ତ୍ତାବିହୀନ ବାକ୍ୟ, କ୍ରିୟାବିହୀନ ବାକ୍ୟ ଓ ଅସମାପିକା କ୍ରିୟାର ପ୍ରୟୋଗ ପ୍ରଭୃତି ବିଭ୍ରମ ଦେଖାଯାଏ ।

କ୍ଷୁଦ୍ର ବାକ୍ୟ- ଗଙ୍ଗୁଆ ନଦୀରେ ଅଠରନଳା ବସାଇଲେ ।

ଦୀର୍ଘ ବାକ୍ୟ - ଥୋକାଏ ବରଷ ଗଲା ଉତ୍ତାରେ ଏକଦିନକର ରାତ୍ରରେ ରାଜା ପରମେଶ୍ୱରଙ୍କୁ ସପନରେ ଦେଖିଲାକୁ ପରମେଶ୍ୱରଙ୍କୁ ଦର୍ଶନ କରିବାକୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଛାମୁରେ ଶାଢ଼ି ପ୍ରସାଦ ଲାଗି ହୋଇ ଶ୍ରୀନବରେ ବିଜେ କରି ମୁଦୁଲ କରାଇଲେ ।

କର୍ତ୍ତାବିହୀନ ବାକ୍ୟ- ଷୋଳସାଆନ୍ତ ପଦମାନ ଦେଲେ

କ୍ରିୟାହୀନ ବାକ୍ୟ- ଗଙ୍ଗବଂଶରୁ ଜାତ ଆଦିପାଟ ଚୁଡ଼ଗଙ୍ଗ ଦେବ, ଏହି ଚୁଡ଼ଗଙ୍ଗ ଦେବ ବେତାଳ ସାଧ ।

ଏହିପରି ରାଶି ରାଶି ଉଦାହରଣ ମାଦଳାପାଞ୍ଜିରେ ମିଳିଥାଏ, ଯାହାକି ସେ ସମୟର ଭାଷାର ବୈଶିଷ୍ଟ୍ୟ ପ୍ରତିପାଦିତ କରିଥାଏ ।

ମାଦଳାପାଞ୍ଜିର କାଳ ନିର୍ଣ୍ଣୟ କ୍ଷେତ୍ରରେ ଯଦିଓ ବିଭିନ୍ନ ଗବେଷକ ଓ ଐତିହାସିକଙ୍କ ଭିନ୍ନ ଭିନ୍ନ ମତ ରହିଛି ତଥାପି ଏହାର ସାହିତ୍ୟିକ ମୂଲ୍ୟବୋଧ ନିଶ୍ଚୟ ରହିଛି ବୋଲି ସମସ୍ତେ ସ୍ୱୀକାର କରିବେ । ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ଏହା ଏକ ଦୃଷ୍ଟାନ୍ତ । ପ୍ରାଚୀନ ଓଡ଼ିଆ ଭାଷାର କଥନଶୈଳୀ, ପ୍ରାଚୀନ ଶବ୍ଦ ଇତ୍ୟାଦିରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଏଥିରେ ପ୍ରକାଶିତ ହେଉଛି । ତେଣୁ ସମଗ୍ର ଭାରତବର୍ଷରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସହାୟକ ଗ୍ରନ୍ଥସୂଚୀ :

୧. ମାଦଳାପାଞ୍ଜି ସମ୍ପାଦନା- ଡ. ଆର୍ତ୍ତବଲ୍ଲଭ ମହାନ୍ତି ।

୨. ଓଡ଼ିଆ ସାହିତ୍ୟର ଇତିହାସ - ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ।

୩. ମାଦଳାପାଞ୍ଜି ସମ୍ପାଦନା - ଅଧ୍ୟାପକ ମୃତ୍ୟୁଞ୍ଜୟ ନାୟକ ।

୪. ଶ୍ରୀମନ୍ଦିର ଶବ୍ଦକୋଷ - ପ୍ରଫେସର ସୁରେନ୍ଦ୍ରନାଥ ଦାଶ ।

ସହଯୋଗୀ ଗବେଷକ

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

ଭାରତୀୟ ଭାଷା ସଂସ୍ଥାନ, ୟୁନିଟ୍-୨, ଭୁବନେଶ୍ୱର

ଦୂରଭାଷ : ୯୬୬୮୭୧୫୫୬୩

ISSN -2583-147X(P), Vol.- 8, Issue No.XII, March 2023
Bastabatara Pariprakash Prachee
Peer Reviewed and Referred Research Journal

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ : 'ରୁଦ୍ର ସୁଧାନିଧି'

ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ

ଓଡ଼ିଆ ସାହିତ୍ୟ ସରିତାର ଆଦି ଉଦ୍‌ଗମ ସ୍ପନ୍ଦନବିନ୍ଦୁରୁ ଆଗକୁ ଆଗକୁ କ୍ରମଶଃ ଗତି କଲେ ଯେଉଁ ବିଶାଳ ପଦ୍ୟ ସମୁଦ୍ରର ସାନ୍ଦ୍ରିଭୂତ ଶୁଭ୍ରଧବଳ ବିଶାଳ ଗଦ୍ୟର ହିମାଳୟ ଦୃଷ୍ଟିଗୋଚର ହୁଏ ତାହା ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରଚିତ 'ରୁଦ୍ର ସୁଧାନିଧି' ନିଶ୍ଚିନ୍ତ ଭାବରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ଅନୁପମ ବିଭବ । ଗଦ୍ୟ ପଦ୍ୟର ସମ୍ମିଶ୍ରିତ ଏକ ଅପୂର୍ବ କାବ୍ୟମାନସର ସୃଷ୍ଟି । ବିସ୍ମିତ ହେବାକୁ ପଡ଼େ ଏହାର ଅପୂର୍ବ ଶବ୍ଦ ସୃଜନ ଓ ସଂଯୋଜନାକୁ ନେଇ । ଭାବରାଜ୍ୟରେ ଅତୀତ ଓ ବର୍ତ୍ତମାନର ଏକ ଫେଣ୍ଟାଫେଣ୍ଟି ଛାଇ ଆଲୁଅର ଖେଳ ପରି ଏ ଦିବ୍ୟ ସାରସ୍ୱତ କୃତିଟି ଆମ ସାହିତ୍ୟ, ସଂସ୍କୃତି ତଥା ଆଧ୍ୟାତ୍ମିକ ଚେତନାର ଅଦ୍ୱିତୀୟ ପରିପ୍ରକାଶ କାଳ୍ପନିକ କଥାବସ୍ତୁକୁ ନେଇ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଏଥିରେ ଶୈବ ଧର୍ମର ନିଗୂଢ଼ ଯୋଗତତ୍ତ୍ୱ, ତାତ୍କାଳୀନ ଆଧ୍ୟାତ୍ମିକ ଚେତନା, ସାମାଜିକ ଜୀବନବୋଧକୁ ରୂପାୟିତ କରିଛନ୍ତି । ଏଥିରେ କେତେବେଳେ ପଦ୍ୟର ନୂପୁର ଧ୍ୱନିରେ ନିକ୍ୱଣିତ ତ କେତେବେଳେ ଗଦ୍ୟର ପଦପାତରେ ତରଙ୍ଗାୟିତ, ବଡ଼ ବିଲକ୍ଷଣ ଏହାର ଛନ୍ଦାୟିତ ଗତି । କେଉଁଠି ସ୍ରଷ୍ଟାଙ୍କ ଉଲ୍ଲସିତ କାବ୍ୟମାନସ କବିତାର ଶବ୍ଦରେ ଶବ୍ଦାୟିତ ତ କେଉଁଠି ଗଦ୍ୟର ନିଥର ଗାମ୍ଭୀର୍ଯ୍ୟରେ ନିରବିତ । ଅନ୍ୟ ଭାଷାରେ କହିବାକୁ ଗଲେ ଆଜିର ଆଧୁନିକ କବିତାର ଏକ୍ସପେରିମେଣ୍ଟାଲ ରୂପ ପରି ଏକ ଅନୁପମ ବିଭବ । ନିର୍ଗୁଣ ତତ୍ତ୍ୱ ସହିତ ଛନ୍ଦ, ଲୟ ଓ ଆଳଙ୍କାରିକ ମହିମାରେ ବିମଣ୍ଡିତ ଏକ ଗଦ୍ୟ ପଦ୍ୟାତ୍ମକ ସୃଷ୍ଟି ଆମ ସାହିତ୍ୟଜଗତର ଏକ ଅମୂଲ୍ୟ କୃତି । ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ବାସ୍ତବିକ ଏହା ଏକ ଚମତ୍କାର ପ୍ରାଚୀନ ଓଡ଼ିଆ ଗଦ୍ୟ ରଚନା । କେହି କେହି ଏହାକୁ ପଦ୍ୟ ରଚନା ବୋଲି କୁହନ୍ତି । କିନ୍ତୁ ଏହା ଗଦ୍ୟ ଓ ପଦ୍ୟର ଏକ ବିଚିତ୍ର ସମନ୍ୱୟ । ଏହାକୁ ପଦ୍ୟମୟୀ ଗଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ଓ ଗଦ୍ୟରେ ପଦ୍ୟ ସହିତ ନିର୍ଗୁଣ ପରିସ୍ଫୁଟନର ଏକ ସାର୍ଥକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ନାରାୟଣାନନ୍ଦ ଅବଧୂତ ସ୍ୱାମୀ ତାଙ୍କ ଗଭୀର ପ୍ରଜ୍ଞା, ସାହିତ୍ୟିକ ଜ୍ଞାନ, କବିତ୍ୱର ଅପୂର୍ବ ଚାତୁରିର ସମନ୍ୱୟରେ ବିମଣ୍ଡିତ ହୋଇଛି 'ରୁଦ୍ରସୁଧାନିଧି' ।

ଅବଶ୍ୟ ପ୍ରାଚୀନ ସମୟରେ ଗଦ୍ୟ ଅଥବା ପଦ୍ୟର ପ୍ରୟୋଗ ସାହିତ୍ୟ କ୍ଷେତ୍ରରେ କାହାର ବୈଶିଷ୍ଟ୍ୟ କେତେ ଥିଲା ତାହା ନିର୍ଣ୍ଣୟ କରିବା ଭିନ୍ନ କଥା କିନ୍ତୁ ଦଶମ ଶତାବ୍ଦୀ ବେଳପରଠାରୁ ସମ୍ଭବତଃ ପଦ୍ୟ ଓ ଗଦ୍ୟର ମିଶ୍ରିତ ଅପଭ୍ରଷ୍ଟ ସାହିତ୍ୟ ସୃଷ୍ଟି ଲାଭ କରିଥିଲା ଏହି ଯୁଗକୁ ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ମେଷ କାଳ କହିଲେ ଚଳେ । ଯଦିବା ଏକାଦଶ ଶତାବ୍ଦୀ ବେଳକୁ ପର୍ଯ୍ୟାପ୍ତ ଗଦ୍ୟସାହିତ୍ୟ ସୃଷ୍ଟି ହୋଇନଥିଲେ ବି ୧୦୫୧ ଖ୍ରୀଷ୍ଟାବ୍ଦରେ ବଜ୍ରହସ୍ତଦେବଙ୍କ ଉରଜାମ୍ ଶିଳାଲେଖରେ ଗଦ୍ୟର ବ୍ୟବହାରିକ ରୂପ ଅଭିବ୍ୟକ୍ତ ହୋଇଥିଲା ।

ଶିଶୁବେଦରେ ମଧ୍ୟ ଗଦ୍ୟର ପରିପ୍ରକାଶ ଘଟିଛି । ଶିଶୁବେଦ ନାଥ ସାହିତ୍ୟର ଏକ ଅମୂଲ୍ୟ କୃତି । ଏଥିରେ ଆତ୍ମତତ୍ତ୍ୱ, ପଂଚତତ୍ତ୍ୱ ଶରୀର ଭେଦ, ଜୀବ ପରମତତ୍ତ୍ୱ, ମନ, କର୍ମ, ମନକୁ ସ୍ଥିର କରି ପରଂବ୍ରହ୍ମ ତତ୍ତ୍ୱକୁ ଉପଲବ୍ଧି କରିବାର ଗୂଢ଼ ଜ୍ଞାନ ଗଦ୍ୟାତ୍ମକ ରୀତିରେ ବର୍ଣ୍ଣିତ ହୋଇଛି ।

ଉଦାହରଣ- ଶୁଣ ମଛେନ୍ଦ୍ରେଳି, ଆତ୍ମାର ବିଚାର, ଏହି ସେ ଆତ୍ମା ଜଗତ ଯାକେ ବ୍ୟାପିଛି, ଏ ପୁଣ ଉଦାସ ହିଁ ଅଟଇ ଏହି ସେ ପଂଚଭୂତ ଆତ୍ମା ଅଟଇ । ଶୁଣ ପୁତା ଦୁଧର ଭିତରେ ଘିଅ ଯେହ୍ନେ ଥାଇ ତେହ୍ନେକ ପ୍ରକାରେ ହୋଇ । ଏ ଘଟରେ ଆତ୍ମା ଗୁପତ ।

ସେହିଭଳି ମାଦଳାପାଞ୍ଜି ପ୍ରାଚୀନ ଓଡ଼ିଆ ଗଦ୍ୟର ଏକ ଶ୍ରେଷ୍ଠ ନିଦର୍ଶନ । ଯଦିବା ଏହା ଏକ ବିବାଦୀୟ ବିଷୟ ତଥାପି ଅନେକ ଗବେଷକ ଏହା ଏକାଦଶ ଶତାବ୍ଦୀ ବୋଲି ମତବ୍ୟକ୍ତ କରନ୍ତି । ଯଥା- ପ୍ୟାରୀମୋହନ ଆଚାର୍ଯ୍ୟ, ଆର୍ତ୍ତବଲ୍ଲଭ ମହାନ୍ତି, ସୂର୍ଯ୍ୟନାରାୟଣ ଦାସ, ଜଗବନ୍ଧୁ ସିଂହ, କୃପାସିନ୍ଧୁ ମିଶ୍ର – ଏମାନଙ୍କ ମତରେ ଚୋଳଗଙ୍ଗଦେବଙ୍କ ଠାରୁ ମାଦଳାପାଞ୍ଜିର ଲିଖନ କ୍ରମ ଆରମ୍ଭ ହୋଇଛି ।

ଧୀରେ ଧୀରେ ଓଡ଼ିଆ ସାହିତ୍ୟରେ ଗଦ୍ୟ ରଚନା ବଳିଷ୍ଠତାର ରୂପ ଧାରଣ କରି ୧୬ଶତାବ୍ଦୀରେ ବହୁଳଭାବରେ ପ୍ରଚଳିତ ହେଲା 'ଜ୍ଞାନ ଚୂଡ଼ାମଣି' ଗ୍ରନ୍ଥରେ- ସୂକ୍ଷ୍ମ ଶରୀର ସମ୍ବନ୍ଧୀୟ ବର୍ଣ୍ଣନା, ଇଡ଼ା, ପିଙ୍ଗଳା, ସୁଷୁମ୍ନା ନାଡ଼ି, ବ୍ରହ୍ମରନ୍ଧ୍ର, ଜୀବ ପରମ ତତ୍ତ୍ୱ, ହଂସଯୋଗ, ପ୍ରାଣାୟମ ସୂତ୍ର ସହିତ ଅଜପା ତତ୍ତ୍ୱର ଗୁହ୍ୟ ଜ୍ଞାନକୁ ବଳରାମ ଦାସ ସୁନ୍ଦର ଭାବରେ ଅଭିବ୍ୟକ୍ତି କରିଛନ୍ତି । ପୂରକ, କୁମ୍ଭକ ଓ ରେଚକ ପ୍ରଣାଳୀ ଦ୍ୱାରା ଅହରହ ନିଜ ଅନ୍ତଃକରଣରୁ ନିନାଦିତ ଅନାଦି ନାଦ ତତ୍ତ୍ୱ 'ସୋ଼ହଂ' ଅର୍ଥାତ୍ ମୁହିଁ ବ୍ରହ୍ମତତ୍ତ୍ୱର ସାଧନ ପ୍ରଣାଳୀ ସେ ଗଦ୍ୟାତ୍ମକ ଶୈଳୀରେ ଉପସ୍ଥାପନ କରିଯାଇଛନ୍ତି । 'ବ୍ରହ୍ମାଣ୍ଡ ଭୂଗୋଳ' ମଧ୍ୟ ତାଙ୍କର ପଦ୍ୟାତ୍ମକ ଗଦ୍ୟଶୈଳୀ ଅଟେ । ସେ ସମ୍ବନ୍ଧରେ ସମଗ୍ର ବୈଷ୍ଣବ ସାହିତ୍ୟ ଗଦ୍ୟରେ ଅଭିବ୍ୟକ୍ତ ହେଉଥିଲା । ପଂଚସଖା ସାହିତ୍ୟର ଅନ୍ୟାନ୍ୟ ସାଧକଗଣ ସେମାନଙ୍କ ରଚିତ ଗ୍ରନ୍ଥ ନିଗୂଢ଼ ତଥ୍ୟର ବୋଧଗମ୍ୟତା ପାଇଁ ସରଳ ଗଦ୍ୟାଂଶର ବ୍ୟବହାର କରୁଥିଲେ, ଯାହାଫଳରେ ସମୟର ବିବର୍ତ୍ତନ ଧାରାରେ ଏକ ସମୃଦ୍ଧ ଗଦ୍ୟ ସାହିତ୍ୟ ଆତ୍ମପ୍ରକାଶ କରିଉଠିଥିଲା ।

ସୋମନାଥ ବ୍ରତ, ସୁଦଶା ବ୍ରତ, ଅନନ୍ତବ୍ରତର କାହାଣୀଗୁଡ଼ିକ ଅତ୍ୟନ୍ତ ସହଜ, ସରଳ ଓ ନିରାଡ଼ମ୍ବର ଭାବରେ ସାଧାରଣ ଜନତାଙ୍କ ବୋଧଗମ୍ୟତା ଦୃଷ୍ଟିରୁ ଏଗୁଡ଼ିକର ବର୍ଣ୍ଣନା, ଭାବଚେତନା ଓ ଚିତ୍ରମୟତା ସରଳଭାବରେ ଗଦ୍ୟ ରୂପରେ ପ୍ରକାଶିତ ହେଉଥିଲା ।

୧୮ଶ ଶତାବ୍ଦୀରେ ଲିଖିତ କୁକୁଟୀ ବ୍ରତର ଭାଷା ଅତ୍ୟନ୍ତ ଉଚ୍ଚକୋଟିର ଥିଲା । କୃଷ୍ଣ ଯୁଧିଷ୍ଠିର ସମ୍ବାଦ ଶୈଳୀରେ ରଚିତ ଏହା ଏକ ସୁନ୍ଦର ସାବଲୀଳ ପ୍ରେରଣାପ୍ରଦାୟକ ବ୍ରତ କଥା ।

ଶରଣ ଦାସଙ୍କ ଚାଚେରୀ ଲୀଳା ସପ୍ତଦଶ ଶତାବ୍ଦୀର ଏକ ସୁନ୍ଦର ଗଦ୍ୟପଦ୍ୟଧର୍ମୀ କାଳ୍ପନିକ କଥାବସ୍ତୁ । ଶ୍ରୀରାଧାଙ୍କ ରୂପଲାବଣ୍ୟ ବର୍ଣ୍ଣନା ସହିତ ପ୍ରକୃତି ସ୍ୱରୂପିଣୀ ମହାମାୟୀ ଚେତନାର ଦିବ୍ୟତା ଏବଂ ଜନଜୀବନର ବାସ୍ତବ ସାମାଜିକ ଚିତ୍ରର ସାମଞ୍ଜସ୍ୟକୁ ବହୁ ସୁନ୍ଦର ଭାବରେ କବି ଚିତ୍ରିତ କରିଛନ୍ତି ।

ସମୟ ସ୍ରୋତରେ ଅନେକ ସଂସ୍କୃତ ସାହିତ୍ୟ ଓଡ଼ିଆ ଗଦ୍ୟରେ ଅନୁବାଦ ହୋଇଛି । ଗୀତଗୋବିନ୍ଦ, ହିତୋପଦେଶ, ବତିଶ ସିଂହାସନ, ପଞ୍ଚତନ୍ତ୍ର ଆଦି ଗ୍ରନ୍ଥ ଜନମାନସରେ ତା'ର ଜୀବନ୍ତ ଛବି ଛାଡ଼ି ଦେଇଯାଇଛି । ଏହାବ୍ୟତୀତ ଚକଡ଼ା ବସାଣ, ଚକଡ଼ା ପୋଥି, ଚଇନିକ ଚକଡ଼ା, କଳାହାଣ୍ଡି ମଦଳ, ଲାବଣ୍ୟବତୀର ଟିକା, ସାମନ୍ତ ପଂକ, ଚତୁର ବିନୋଦ ଗଦ୍ୟ-ପଦ୍ୟାଦର୍ଶର ଉତ୍କୃଷ୍ଟ ଉଦାହରଣ । ଧୀରେ ଧୀରେ ଖ୍ରୀଷ୍ଟଧର୍ମର ପ୍ରଚାର, ଗଦ୍ୟ ସାହିତ୍ୟକୁ ଆହୁରି ସମୃଦ୍ଧ କରିବାରେ ଲାଗିଲା ।

ରୁଦ୍ରସୁଧାନିଧିର କଥାବସ୍ତୁ :

ନିଘଞ୍ଚ ଅରଣ୍ୟ ବେଷ୍ଟିତ କପିଳାସର ସୁରମ୍ୟ ବାତାବରଣରେ ଶିବ ପାର୍ବତୀଙ୍କ ସହିତ ଉପବେଶନ କରିଥିଲେ ଏବଂ ଚତୁଃର୍ଦ୍ଦିଗରେ ସିଦ୍ଧ ରୁଦ୍ରମାନେ ମହାନନ୍ଦରେ ନିମଗ୍ନ ଥିଲେ । ରୁଦ୍ରମାନଙ୍କ ସାଧନାର ଗଭୀରତା ଓ ସ୍ତରକୁ ଜାଣିବା ପାଇଁ ଏକଦା ଶିବଙ୍କ ମନରେ ବିଚାର ଆସିଲା । ପରୀକ୍ଷା କରିବା ପାଇଁ ପାର୍ବତୀଙ୍କୁ କହିଲେ- ହେ ଦେବୀ ! ଆପଣଙ୍କ ମନରୁ ଏକ ଅପୂର୍ବ ସୁନ୍ଦରୀ କନ୍ୟା ଜାତ କରନ୍ତୁ ।

ଶିବଙ୍କ ଅନୁରୋଧ ରକ୍ଷାକରି ପାର୍ବତୀ ଏକ ଅପରୂପ ସୁନ୍ଦରୀ ମୋହିନୀ କନ୍ୟା ଜାତ କଲେ । ଏହି ମୋହିନୀ କନ୍ୟାକୁ ଦେଖିଲା ମାତ୍ରେ ରୁଦ୍ରଗଣଙ୍କ ମନ ବିଚଳିତ ହୋଇଗଲା । କିନ୍ତୁ ଦୃଢ଼ତା ପୂର୍ବକ ମନ ଓ ଦେହକୁ ସଂଯମ କରି ସେମାନେ ମାୟା ଅତିକ୍ରମ କରିଗଲେ । କିନ୍ତୁ ଅଭିନବ ଚୈତନ୍ୟଙ୍କର ଧର୍ଯ୍ୟଚ୍ୟୁତି ଘଟିଲା ସେ ବିମୋହିତ ହୋଇଗଲେ । ଏକ ଅଜଣା ନଦୀର ବେଗବତୀ ବନ୍ୟାରେ ଭାସିଗଲା ପରି ସେ ଅସହାୟ ଭାବରେ ନିଜକୁ ସଂଯମ କରିପାରି ନଥିଲେ । ତାଙ୍କର ଏ ଅବସ୍ଥା ଦେଖି ଶିବ ତାଙ୍କୁ ମର୍ତ୍ତ୍ୟରେ ପୁଣି ଦେହ ଧାରଣ କରିବାକୁ ନିର୍ଦ୍ଦେଶ ଦେଲେ । ଯେହେତୁ ତୁମେ ଯୋଗସାଧନା କରୁ କରୁ ଯୋଗଭ୍ରଷ୍ଟ ହୋଇଛ ତେଣୁ ତୁମେ ଉଚ୍ଚ ରାଜକୁଳରେ ଜନ୍ମଲାଭ କରିବା ସହିତ ସେହି ଅପୂର୍ବ ସୁନ୍ଦରୀକୁ ପ୍ରାପ୍ତ ହେବ । ଅଭିନବ ଚୈତନ୍ୟ

ଦୁଃଖିତ ହୋଇ ଶିବଙ୍କୁ ପଶ୍ଚାତାପରେ ସ୍ତୁତି କଲା ଶିବ କହିଲେ ମର୍ତ୍ତ୍ୟରେ ଇନ୍ଦ୍ରଙ୍କ ରାଜଭୋଗ ପରେ ତୁମର ମୁକ୍ତି ହେବ ।

ଏହାପରେ ବସୁଧା ମଣ୍ଡନ ନାମକ ରାଜ୍ୟର ରାଜା ଅନଙ୍ଗ ପଦ୍ମାକର ଓ ପାଟରାଣୀ ଶଶିପ୍ରଭାଙ୍କ ଗର୍ଭରେ ଅଭିନବ ଚୈତନ୍ୟଙ୍କର ଜନ୍ମ ହୋଇଛି ।

ପାର୍ବତୀଙ୍କ ନିର୍ଦ୍ଦେଶରେ ମୋହିନୀ କନ୍ୟା ମାନସରୋବର କୂଳରେ ତପସ୍ୟା କଲା ଏବଂ କିଛିଦିନ ପରେ ରାଜା ଧର୍ମଧ୍ୱଜ ନିଜ ରାଣୀ କୋକିଳାବତୀଙ୍କ ଗର୍ଭରେ ମହାଲକ୍ଷ୍ମୀ ଆଶୀର୍ବାଦପ୍ରାପ୍ତ ସ୍ୱରୂପ ମୃତ ସଞ୍ଜିବକରଣୀ କନ୍ୟାର ଆବିର୍ଭାବ ହେଲା ।

ରାଣୀ ଶଶିପ୍ରଭାଙ୍କ ଗର୍ଭରେ ବଢୁଥିବା ଯୋଗଦୀପ୍ତ ସନ୍ତାନକୁ ଜଣେ ଅବଧୂତ ଜାଣିପାରିଲେ ଏବଂ ତାକୁ ନିଜର ଶିଷ୍ୟ କରିବାକୁ ଭାବି ରାଣୀଙ୍କ କାନବାଟେ ସେ 'ଅପାନ ପବନ' ମାଧ୍ୟମରେ ପ୍ରବେଶ କରି ଶିଶୁର ଦିବ୍ୟଜ୍ଞାନକୁ ଜାଣିପାରିଲେ । ବୈଶାଖ ଶୁକ୍ଳ ତ୍ରୟୋଦଶୀର ପୁଣ୍ୟତିଥିର ଦିବ୍ୟ ଅବସରରେ ରାଣୀଙ୍କ କୋଳମଣ୍ଡନ କରିବା ପାଇଁ ଯେଉଁ ଦିବ୍ୟ ଶିଶୁଙ୍କ ଧରାବକ୍ଷରେ ଅବତରଣ ହେଲା ସେ ଥିଲେ ଅଭିନବ ଚୈତନ୍ୟ ଏବଂ ତାଙ୍କର ଜନ୍ମଲଗ୍ନ ଉଚ୍ଚକୋଟିର ଥିଲା ଏବଂ ଚକ୍ରବର୍ତ୍ତୀ ଯୋଗ ଥିଲା ।

ଶିଶୁର ଜନ୍ମ ଦେଖି ସୁତକ ହରିଣୀ ଏକ ଭୟଙ୍କର ମୁଖି ଛୁଆକୁ ନେବା ପାଇଁ ଆସିଲା । ତା'ର ଜିହ୍ୱା ବିଜୁଳି ପ୍ରାୟ ଦୁଇ ଚକ୍ଷୁ ପିଙ୍ଗଳାକାର, ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବ ସ୍ତନ, କୃଷ୍ଣବସ୍ତ୍ର, ଓଠଗୁଡ଼ିକ ଜାମୁକୋଳି ଭଳି କଳା । ଏହା ଦେଖି ସେ କୁମର ପାର୍ବତୀଙ୍କୁ ସ୍ମରଣ କରି ମେରୁ ମୁଦ୍ରା ଆଚରି ଅଚଳ ଭାବେ ରହିଲା । ସେ ପିଶାଚୀ ଯେତେ ଚେଷ୍ଟା କରି ମଧ୍ୟ ତାକୁ ଭୂଇଁରୁ ଉଠାଇ ପାରିଲା ନାହିଁ । ଏହାପରେ ସୁତିକ ହରିଣୀ ଆଶ୍ଚର୍ଯ୍ୟ ହୋଇଲା । କୁମର ତାକୁ ଉପଦେଶ ଦେଲେ, ସୁତକ ତାହା ଶୁଣି ଧନ୍ୟ ହେଲି ବୋଲି କହିଲା । କୁମର ତାକୁ ଧନ୍ୟ ହୋଇ ସେବା କରିବାକୁ କହିଲେ । ଦିବ୍ୟଜ୍ଞାନ ଶୁଣି ସୂତକ ହରିଣୀ ଦିବ୍ୟଦେହ ଧାରଣ କଲା ।

ସନ୍ତାନର ଜନ୍ମରେ ରାଜ୍ୟରେ ଆନନ୍ଦର ଲହରୀ ଖେଳିଗଲା ଓ ଶିଶୁର ନାମ ରୁଦ୍ର ସୁଧାନିଧି ଦେଲେ । ଶିଶୁ ଶିବୋହଂ ଶିବୋହଂ ଶବ୍ଦରେ କ୍ରନ୍ଦନ କଲା । ଧୀରେ ଧୀରେ ସନ୍ତ୍ୟପାନ ସହିତ ତା' ଦେହରେ ମାୟା ପ୍ରବେଶ ହେଲା । ଧୀରେ ଧୀରେ ଅଭିନବ ଚୈତନ୍ୟ ଦିବ୍ୟଲାଭ କଲେ । ବ୍ୟାକରଣ, ଗୀତା, ପୁରାଣ, ବେଦ, ଚିକିତ୍ସା, ସାମୁଦ୍ରିକ ଶିକ୍ଷା, ଚିତ୍ର ସମସ୍ତ ବିଦ୍ୟାରେ ସେ ନିପୁଣ ହେଲା । ସମସ୍ତ ଅସ୍ତ୍ରବିଦ୍ୟାରେ ପାରଙ୍ଗମ ହେଲା । ଅଭିନବ ଚୈତନ୍ୟ ପାଇଁ କନ୍ୟା ଖୋଜାଗଲା । ବିଭିନ୍ନ ଦିଗକୁ ଦୂତମାନେ ଗଲେ ବିଭିନ୍ନ ଦେଶ ଦେଶାନ୍ତର ଦ୍ୱୀପ ଦ୍ୱୀପାନ୍ତରେ ଉପଯୁକ୍ତ ଲକ୍ଷଣଯୁକ୍ତ କନ୍ୟା ପାଇଲେ ନାହିଁ ।

ଭୁବନେଶ୍ୱରୀ ଦେବୀଙ୍କୁ ସାଧନା କରି କାମାନନ୍ଦ ପ୍ରସନ୍ନ କଲା । ଦେବୀ ତାଙ୍କୁ ମୋକ୍ଷ ଦେବା ପାଇଁ କହିଲେ କିନ୍ତୁ କାମାନନ୍ଦ ଭୌତିକ ଇଚ୍ଛା କାମନା କରୁଥିଲା । କାମାନନ୍ଦ ଯୋଗ ସାଧନା କରି ନିଜ ଦେହକୁ କନ୍ଦର୍ପ ତୁଲ୍ୟ କରିଥିଲା । ସେ କାମାକ୍ଷା ମନ୍ତ୍ର ଉପାସନା କରି ବଶୀକରଣ ବିଦ୍ୟା ପାଇଛି । ସେ ସମସ୍ତ ଶକ୍ତି ସିଦ୍ଧ ହୋଇଛି । ପର୍ବତ ଚାଳନ ଶକ୍ତି, ଅପରାଜିତ ଶକ୍ତି, ସୂକ୍ଷ୍ମ ଶକ୍ତି, ବୁଦ୍ଧିଶକ୍ତି, ଖେଚରୀ ଶକ୍ତି ଇତ୍ୟାଦି ।

ଅନିଳ ଖଚର କାମାନନ୍ଦର ସଖା । ସେ ଆକାଶରେ ଉଡ଼ିପାରଇ, ଜଳରେ ବୁଡ଼ିପାରଇ । ସେ ଗୋଟିଏ ଭୂତ, ସକଳ ଶାସ୍ତ୍ର ଜାଣଇ । ଶୂନ୍ୟରେ ରହିପାରଇ, 'ଭୂତ ଚୂଡ଼ାମଣି ପଦ' ପାଇଛି । ସେ ଅତ୍ୟନ୍ତ ଶକ୍ତିଶାଳୀ ସାଧକ । କାମାନନ୍ଦ ଅବିଦ୍ୟା ମୃତ ସଞ୍ଜିବନୀ କନ୍ୟାର କଥା ଶୁଣିଲା ପରେ ତାକୁ ପାଇବା ପାଇଁ ଚେଷ୍ଟା କରିଛି ଏବଂ ପୃଥ୍ୱୀତିଳକ ରାଜ୍ୟକୁ ତା'ର ସମସ୍ତ ସୈନ୍ୟଦଳ ସହିତ ଯାତ୍ରା କରିଛି ଏବଂ ରାଜନଗର ନିକଟରେ ଏକ ନଦୀ ଯାହାର ନାମ ଉତ୍ତମ, ପାଖରେ ଥିବା ଆମ୍ବ ତୋଟାରେ ମାୟାନଗରୀ ନିର୍ମାଣ କରି ଅବସ୍ଥାନ କରିଛି । ସାଥିରେ ତା'ର ସମସ୍ତ ଭୂତଗଣ, ପିଶାଚ, ଚଣ୍ଡ ଆଦି ଅବସ୍ଥାନ କରିଛନ୍ତି । ଭଲ୍ଲୁକ ବିଦ୍ୟାରେ ବିରାଡ଼ି ରୂପ ଧାରଣ କରିପାରୁ ଥିବ । 'କଙ୍କାଳମୁଖା' ବେତାଳ କାମାନନ୍ଦର ନିର୍ଦ୍ଦେଶରେ ରାଜନଗର ମଧ୍ୟରେ ପ୍ରବେଶ କରି କନ୍ୟାର ସମସ୍ତ ଗତିବିଧି ନିରୀକ୍ଷଣ କରିଛି । ଏବଂ ରୁଦ୍ରସୁଧାନିଧି ପ୍ରତି ତା'ର ଅନାବିଳ ପ୍ରେମ ସମ୍ପର୍କ କାମାନନ୍ଦ ସାମ୍ନାରେ ପ୍ରକଟ କରିଛି, ନଗ୍ରର ଶୋଭା ବର୍ଣ୍ଣନ କରିଛି । ରାଜମାର୍ଗ, ହାଟ ପେଣ୍ଠ, ରଥି-ମହାରଥି, ଅଶ୍ୱଗଜ ସବୁର ବର୍ଣ୍ଣନା ଜଣାଇଛି । କେଉଁ ଦ୍ୱାରରେ କିଏ ରକ୍ଷକ, ସବୁ ଜଣାଇଲା ଏପରିକି ରୁଦ୍ର ସୁଧାନିଧିକୁ ସ୍ୱପ୍ନରେ ସେ କନ୍ୟା ଦେଖିବା ଓ ମନ୍ତ୍ରୀ ଦୁହିତା ସଖି ଚିତ୍ରବତୀଠାରୁ ରୁଦ୍ରସୁଧାନିଧିର ଚିତ୍ରପଟ୍ଟ ଦେଖି ତା' ପ୍ରତି ତା'ର ଢଳିଥିବା ପ୍ରଣୟର ଘଟଣା ମଧ୍ୟ ବର୍ଣ୍ଣନା କରିଛି ଏବଂ ରୁଦ୍ର

ସୁଧାନିଧିଙ୍କୁ ରାତିଦିନ ଝୁରୁଥିବାର ଖବର କାମାନନ୍ଦ ଜାଣି ତା'ର ବିରହ ବେଦନା ଦୁଇଗୁଣ ହୋଇଗଲା । କାମପୀଡ଼ାରେ ଆକୁଳ ହୋଇ କ'ଣ କରିବ କାମାନନ୍ଦ ଉପାୟ ଖୋଜିବୁଲିଛି ଏବଂ ବାର ସହସ୍ର ଆଠଶ ଭୂତଙ୍କୁ ଲାଗିବା ପାଇଁ କହିଲା । ବେତାଳଙ୍କୁ କହିଲା ହାତୀ ଘୋଡ଼ା ଖୋଲିଦିଅ । ଚଣ୍ଡମାନଙ୍କୁ କହିଲା ଅଗ୍ନି ଜାଳିଦିଅ । ପିଶାଚମାନଙ୍କୁ କହିଲା ପିଲାଙ୍କୁ ଡରାଅ । ଯୋଗ୍ନୀମାନଙ୍କୁ କହିଲା ବିକଟାଳ ରଡ଼ି କର । ଅନିଳ ଖଚରକୁ କହିଲା ଛ' ପବନ ରୂପ ହୋଇ କନ୍ୟାକୁ ଉଡାଇ ଆଣିବୁ । ଏହିପରି ଉପସର୍ପ ଦ୍ରାକ୍ଷିଣୀ, ଉଗ୍ରଚଣ୍ଡୀ, ବ୍ରହ୍ମକୁମାର, ଚଣ୍ଡ, ଶକୁନି, ସୂଚିମୁଖ, ସାଗୁଣିଚଣ୍ଡି, ଭାରିଜାଦ୍ରକ୍ଷିଣୀ, ପ୍ରେତ, ଶୃଗାଳମୁଖା ଚଣ୍ଡ ଇଷ୍ଟପଦି ମାତୃକା, ଚତୁଷଷ୍ଠୀ ଯୋଗ୍ନୀ ସଭିଙ୍କୁ ନିର୍ଦ୍ଦେଶ ଦେଲା- ତୁମେ ସବୁ ଯାଅ କଟକରେ ପଶି ଅରିଷ୍ଟି ଉତ୍ପାତ ଭୟ, ଗୋଳମାଳ ସୃଷ୍ଟି କର । କିନ୍ତୁ ରାଜା ବାସୁଦେବଙ୍କୁ ସୁମରଣା କରିବାମାତ୍ରେ ସେଠାରେ ଆବିର୍ଭାବ ହୋଇ ସମସ୍ତଙ୍କୁ ରକ୍ଷା କରିଛନ୍ତି । ତା'ପରେ ସେ ଭୈରବ ଚଣ୍ଡୀକୁ ପଠାଇଛି । ଭୈରବ ଚଣ୍ଡୀ ଚକ୍ରଦ୍ୱାରା ଆଘାତ ପାଇ ଫେରିଛି । ତା'ପରେ ଅନୀଳ ଖଚରର ପରାମର୍ଶ ଦେଲା ଯେ ସେ ରୁଦ୍ର ସୁଧାନିଧିଙ୍କୁ ବିବାହ କରିସାରି ନିଜ ରାଜ୍ୟରେ ପ୍ରବେଶ କଲା ସମୟରେ ଆଉ ସେଠାରେ ଚକ୍ର ନଥିବ । ନିମିଷମାତ୍ରକେ ଆମ୍ଭେ କନ୍ୟାକୁ ଉଠାଇ ନେବୁ । ତେଣୁ ଆମେ ରୁଦ୍ର ସୁଧାନିଧି ସାଙ୍ଗେ ଶଠ ମିତ୍ରତା କରିବା ଉଚିତ ।

ଏହାପରେ କାମାନନ୍ଦ ଓ ତା'ର ସହଯୋଗୀମାନେ ବସୁଧାମଣ୍ଡଳ କଟକରେ ପ୍ରବେଶ ହେଲେ । ଅମୃତ ତରଙ୍ଗିଣୀ ନଦୀ କୂଳରେ କୈବର୍ତ୍ତମାନେ କାମାନନ୍ଦକୁ ନଦୀପାର ନକରିବାରୁ ସେ କୃଷ୍ଣାଜିନ ଛାଲ ସାହାଯ୍ୟରେ ନଦୀ ପାର ହୋଇଛି । ସେ ତା'ର ଚମତ୍କାର ଶକ୍ତି ଓ ଇନ୍ଦ୍ରଜାଲ ସାହାଯ୍ୟରେ ରାଜ୍ୟବାସୀଙ୍କୁ ମୋହିତ କରିଛି । ତା'ର ଋଦ୍ଧି ସିଦ୍ଧି ଓ ଚମତ୍କାର ଦ୍ୱାରା ଲୋକେ ପ୍ରଭାବିତ ହୋଇଛନ୍ତି । ମନୋହରିଣୀ ଦାକ୍ଷିଣୀ ଅନ୍ତଃପୁରର ନାରୀମାନଙ୍କୁ ପ୍ରେରିତ କରିଛି ଓ ନାରୀମାନେ କୁମରକୁ ପ୍ରବର୍ତ୍ତାଇଛନ୍ତି । ମନ୍ତ୍ରୀପୁତ୍ର ବାସୁଦେବଙ୍କ ସହିତ ନିଜର ସୈନ୍ୟବାହିନୀ ନେଇ କାମାନନ୍ଦ ପାଖକୁ ଯାଇଛନ୍ତି । ଉଭୟଙ୍କ ଭିତରେ ବନ୍ଧୁତା ବଢ଼ିଛି । କାମାନନ୍ଦର ଯୋଗ ସିଦ୍ଧି ରୁଦ୍ର ସୁଧାନିଧିଙ୍କୁ ପସନ୍ଦ ଆସିଛି । ରାଜାଙ୍କ ଅନୁମତିକ୍ରମେ ରାଜସଭାରେ ପ୍ରବେଶ କରିଛି ।

ଏକଦା କାମାନନ୍ଦ ତା'ର ଯୋଗବଳରେ ମଧୁ ଓ ମାଳତୀର ସୁଲାଳିତ୍ୟ କଣ୍ଠରେ ରାଜସଭା ମଧ୍ୟରେ ସୁନ୍ଦରୀ ଅବିଦ୍ୟା ମୃତ ସଞ୍ଜିବନୀର ରୂପ ଗୁଣର ଗାୟନ କରିଛନ୍ତି ଏବଂ ରାଜସଭାରେ ଉପସ୍ଥିତ ରାଜା ଅନଙ୍ଗ ପଦ୍ମାକର, ରାଜପାରିଷଦ, ରୁଦ୍ରସୁଧାନିଧି ଓ କାମାନନ୍ଦ ସଭିଏଁ ଉପସ୍ଥିତ ଥିଲେ । ଆଖି, ଓଠ, ମୁଖ ଓ ଦନ୍ତର ବର୍ଣ୍ଣନା ସହିତ କାହାଣୀଟି ଅସମାପ୍ତ ରହିଯାଇଛି ।

ରୁଦ୍ର ସୁଧାନିଧିର ଭାଷାତାତ୍ତ୍ୱିକ ଅଧ୍ୟୟନ :

ଗୂଢ଼ ଆଧାତ୍ମିକ ଯୋଗ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଜ୍ୟୋତିଷ, ପ୍ରକୃତି ପୁରୁଷତତ୍ତ୍ୱକୁ ଆଧାର କରି ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ବିରଚିତ ରୁଦ୍ର ସୁଧାନିଧି ଏକ ବିଲକ୍ଷଣ ଶୈବ ସାହିତ୍ୟ ପଦ୍ୟାତ୍ମକ ଶୈଳୀରେ ରଚିତ ଏକ ଗଦ୍ୟ ସାହିତ୍ୟ, ଓଡ଼ିଆ ସାହିତ୍ୟ ବିକାଶ କ୍ରମରେ ଏକ ଅଦ୍ୱିତୀୟ ବିସ୍ମୟ । ଏଥିରେ ବର୍ଣ୍ଣିତ ସ୍ତୁତି, ପ୍ରାର୍ଥନା, ରୂପ ବ୍ୟଞ୍ଜନା, ପ୍ରକୃତି ଚିତ୍ରଣ, ସାଧନା ପଦ୍ଧତି, ପ୍ରତୀକାତ୍ମକ ଆଧାତ୍ମ ଦର୍ଶନ ଅତୀବ ଉଚ୍ଚକୋଟୀର । ଗ୍ରନ୍ଥଟି ସଂପୂର୍ଣ୍ଣ ଓ ଏହାର ରଚନାକାଳକୁ ନେଇ ଅନେକ ମତ ପାର୍ଥକ୍ୟ ଥିଲେ ମଧ ଏହା ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅମୂଲ୍ୟ ଉପହାର । ଏଥିରେ ନିହିତ ଅଗାଧ ଜ୍ଞାନ, ଭାଷା, ତତ୍ତ୍ୱ ଓ ତଥ୍ୟ ପାଠକ ପାଇଁ ଅତ୍ୟନ୍ତ ଜ୍ଞାନଗର୍ଭକ, ଭାବବ୍ୟଞ୍ଜକ ମଧ୍ୟ । ରଚୟିତାଙ୍କ ଗଭୀର ପାଣ୍ଡିତ୍ୟ, ତତ୍ତ୍ୱଦର୍ଶିତା, ସାଧନା ଓ ଜ୍ଞାନର ଏହି ଦିବ୍ୟ ପରିପ୍ରକାଶ, ସଂସ୍କୃତ ଗଦ୍ୟ କାବ୍ୟର ଅନୁଶୀଳନରେ ଗ୍ରନ୍ଥଟି ଅଳଙ୍କାରଯୁକ୍ତ ଶୈଳୀରେ ରଚିତ ।

ଏହି ଗ୍ରନ୍ଥରେ ବର୍ଣ୍ଣିତ ତତ୍ସମ ଶବ୍ଦ ଅଧିକାଂଶ ଅଛି । କାରଣ ଯେହେତୁ ଗ୍ରନ୍ଥଟି ଆଧାତ୍ମ, ଯୋଗ, ଦେବସ୍ତୁତି ଆଧାରିତ ।

ଉଦାହରଣ- ସର୍ବତ୍ର, ଉର୍ଦ୍ଧ, ପତ୍ର, ବ୍ରହ୍ମାଣ୍ଡ, ବେଦ, ଧ୍ୟାନ, ଭୁବନ, ଚକ୍ର, ବିଭେଦନ, ମହାମୁଦ୍ରା, ନିର୍ବିନ୍ଧ, ମାୟା, ମୃଗତୃଷ୍ଣା, ନରାକୃତି, ପଦ୍ମାସନ, ପୂର୍ଣ୍ଣ, ନିର୍ମଳ, ସ୍ନିଗ୍ଧ, ବିଦଗ୍ଧ, କଟାକ୍ଷ,

ତଦ୍‌ଭବ ଶବ୍ଦର ବ୍ୟବହାର :

ତଇଲୋକ-ତ୍ରିଲୋକ, ମଉଳି-ମୌଳି, ଚଇତନ-ଚୈତନ୍ୟ, ଦରଶନ-ଦର୍ଶନ, ପରାକୃତ-ପ୍ରାକୃତ, ପରକାଶ-ପ୍ରକାଶ, ଅଇଶ୍ୱର୍ଯ୍ୟ, ନିଚଳ, ତିରଣ, ତେର, ଦୂତି, ଗୋଡି, ମଞ୍ଜାରି, କୁକୁଡ଼ା, ଦାଇକ, ଶିଖରା, ମଇଁଷି, ଜୁଆଳି ।

ପ୍ରାଚୀନ ଶବ୍ଦର ପ୍ରୟୋଗ :

ପରିମାଣିବା, ଧଡ଼ସି, ଦ୍ରହାସ, ନିଚୟେ, ହୋ ଅନ୍ତେ, ପୁଣ୍ଡକଲା, ଘସା, ଦିଶଇ, ନଦି, ଜାଣହ, କାହିଂ, ପାଇଂ, ନାହିଂ, ଯହୁଂ, ଦାରଇଂ, ବଇଂଶୀ, ଚହଂକଇ, ମୁଂ, ଜାଣିମେ, କେଉଣ, ଓଥାକେ, ପ୍ରାଏକ, ଏଥିଉତ୍ତାରେ, ଯେବଣ, ଯାକେ, ଗମିଲେ, ହକାରୀ, ଶୁଣିମି ।

ସହାୟକ ଗ୍ରନ୍ଥ :

୧. କୁଞ୍ଜବିହାରୀ ତ୍ରିପାଠୀ । ପ୍ରାଚୀନ ଓଡ଼ିଆ ଗଦ୍ୟ ସଂକଳନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୮୨ ।

୨. ମହାପାତ୍ର, ଧନେଶ୍ୱର । ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ତୃତୀୟ ସଂସ୍କରଣ, ୨୦୧୩ ।

୩. ମହାନ୍ତି, ଦେବେନ୍ଦ୍ର । ପ୍ରାଚୀନ ଓଡ଼ିଆ ସାହିତ୍ୟ, ପ୍ରଗତି ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୬୨ ।

୪. ନାୟକ କଳ୍ପତରୁ । ଭାଗବତର ଭାଷା ବିଶ୍ଳେଷଣ, ମିତା ବୁକ୍ସ, କଟକ, ପ୍ରଥମ ପ୍ରକାଶ, ୨୦୧୭ ।

୫. ଦାସ, ହରପ୍ରସାଦ । ଆଧୁନିକତାର ପରମ୍ପରା, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୧୦ ।

ନାରାୟଣ ନନ୍ଦ, ଅବଧୂତ ସ୍ୱାମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ମୁଦ୍ରଣ, ୧୯୬୫ ।

୭. ମହାନ୍ତି, ଆର୍ତ୍ତବଲ୍ଲଭ । ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ, ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ୧୯୩୨ ।

୮. ମିଶ୍ର, ପଣ୍ଡିତ ନୀଳମଣି । ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ; ଗ୍ରନ୍ଥ ମନ୍ଦିର, କଟକ, ପ୍ରଥମ ମୁଦ୍ରଣ, ୧୯୭୬ ।

୯. ସାହୁ, କୃଷ୍ଣଚରଣ । ପ୍ରାଚୀନ ସାହିତ୍ୟ, ଜନଶକ୍ତି ପୁସ୍ତକାଳୟ, କଟକ, ଦ୍ୱିତୀୟ ମୁଦ୍ରଣ, ୧୯୯୨ ।

୧୦. ଶତପଥୀ, ନାରାୟଣ । ପ୍ରାକ୍-ସାରଳା ଭାଷା ଓ ସାହିତ୍ୟ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ, ୧୯୯୧ ।

୧୧. ମହାନ୍ତି, ବଂଶୀଧର । ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।

୧୨. ମହାନ୍ତି, ବଂଶୀଧର । ଓଡ଼ିଶାରେ ନାଥଧର୍ମ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।

୧୩. ପଟ୍ଟନାୟକ, ପଠାଣି । ରୁଦ୍ରସୁଧାନିଧି, ଭାରତୀୟ ଗଦ୍ୟସାହିତ୍ୟର ଐଶ୍ୱର୍ଯ୍ୟ, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।

ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର,
ଭୁବନେଶ୍ୱର-୨

ISSN -2583-147X(P), **Vol.- 8, Issue No.XII, March 2023**
Bastabatara Pariprakash Prachee
Peer Reviewed and Referred Research Journal

ସାରଳା ମହାଭାରତର ଆଦିପର୍ବରେ ବ୍ୟାକରଣ ଚର୍ଚ୍ଚା (ପ୍ରସଙ୍ଗ : କ୍ରିୟାପଦ)

ସତ୍ୟବ୍ରତ ସେଠୀ

ଓଡ଼ିଶା ପ୍ରଦେଶରେ ସାରଳା ଦାସ ଘରେ ଘରେ ପରିଚିତ । ସେ ହେଉଛନ୍ତି ଓଡ଼ିଆ ଭାଷା ସାହିତ୍ୟର ଆଦିକବି । ତାଙ୍କ ପୂର୍ବରୁ ଓଡ଼ିଆ ଭାଷାରେ କିଛି ମିଳୁଥିଲେ ମଧ୍ୟ କବି ସାରଳା ଦାସ ହିଁ ଓଡ଼ିଆ ଭାଷାର ମୂଳଦୁଆ ବିଧିବଦ୍ଧ ଭାବରେ ପକାଇଥିଲେ । ସେ 'ବିଲଙ୍କା ରାମାୟଣ', 'ମହାଭାରତ' ଓ 'ଚଣ୍ଡୀପୁରାଣ' ଗ୍ରନ୍ଥ ରଚନା କରିଛନ୍ତି । କିନ୍ତୁ ବିଶେଷ ଭାବରେ 'ମହାଭାରତ' ଗ୍ରନ୍ଥ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି । ସେ କହିଛନ୍ତି ଯେ ମୁଁ ପ୍ରଥମେ ରାମାୟଣ (ବିଲଙ୍କା ରାମାୟଣ) ରଚନା କରି ତା'ପରେ ଭାରତ (ମହାଭାରତ) ରଚନା ଏବଂ ଶେଷରେ ଦେବୀ ଭାଗବତ (ଚଣ୍ଡୀପୁରାଣ) ରଚନା କରିଛନ୍ତି ବୋଲି ନିଜେ ଉଲ୍ଲେଖ କରିଛନ୍ତି ।

ଭାଷାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ତା'ର ଅନେକ ସ୍ତର ଉନ୍ମୋଚିତ ହୁଏ । ଭାଷାତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଆବିଷ୍କୃତ ଭାଷାର ଏହି ଅନ୍ତର୍ନିହିତ ସ୍ତରଗୁଡ଼ିକ ଭାଷାର ଆଲୋଚନାକୁ ସହଜସାଧ୍ୟ ଓ ସରଳୀକରଣ କରିବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ଭାଷା ବିଶ୍ଳେଷଣ ପାଇଁ ଅନେକ ଶୃଙ୍ଖଳିତ ବୈଜ୍ଞାନିକ ସିଦ୍ଧାନ୍ତମାନ ଗଢ଼ିଉଠିଛି । ଏହି ସିଦ୍ଧାନ୍ତଗୁଡ଼ିକ ପ୍ରୟୋଗ କରି ଯେକୌଣସି ଭାଷାନ୍ତର୍ଗତ ଶବ୍ଦକୁ ସୂକ୍ଷ୍ମସ୍ତରରେ ପରୀକ୍ଷଣ କରି ତା'ର ରୂପ ଓ ପ୍ରକୃତିକୁ ନିର୍ଭୁଲ ଭାବେ ପ୍ରତିପାଦିତ କରିହେବ । ଭାଷାର ବ୍ୟବହାରକୁ ବିଚାର କଲେ ଏହି ସ୍ତରଗୁଡ଼ିକ ପ୍ରାୟ ପ୍ରଚ୍ଛନ୍ନ ବୋଲି ଅନୁଭୂତ ହୁଏ । ତେଣୁ ପ୍ରକାର୍ଯ୍ୟ ସ୍ତରରେ ବିଚାର କରିଲେ ଭାଷାର ବୃହତ୍ତର ଏକକ ହେଉଛି ବାକ୍ୟ, ବାକ୍ୟ ହିଁ ମୂଳଭିତ୍ତି । ମାନବର ଚିନ୍ତା ଉପଲବ୍ଧି ଅଭିବ୍ୟକ୍ତି ସବୁ ଏହି ବାକ୍ୟ ଦ୍ୱାରା ସମ୍ଭବ ହୋଇଥାଏ । କଥନ ପ୍ରଣାଳୀରେ ବାକ୍ୟ ହେଉଛି ସାର୍ଥକ ଶବ୍ଦ ସମୂହର ସମାହାର । ଏହି ସିଦ୍ଧାନ୍ତରୁ ବ୍ୟାକରଣରେ ସର୍ବୋଚ୍ଚସ୍ଥାନ ଅଧିକାର କରିଛି । ବ୍ୟାକରଣର ସମସ୍ତ ଅନୁସିଦ୍ଧାନ୍ତ ସ୍ତର ତେଣୁ ବାକ୍ୟବିନ୍ୟାସ ସହ ସଂପୃକ୍ତ ହେବା ବିଧେୟ ।

ଏକ ବାକ୍ୟର ମୁଖ୍ୟ ଉପାଦାନ ହେଉଛି ସାର୍ଥକ ଶବ୍ଦ । ବାକ୍ୟରେ ବକ୍ତାର ଅଭିଳାଷ ବା ଉଦ୍ଦିଷ୍ଟ ଭାବପ୍ରକାଶ ପାଇବା ନିମନ୍ତେ କେତୋଟି ସାର୍ଥକ ଅର୍ଥଯୁକ୍ତ ଶବ୍ଦ ସମୂହ ମିଳିତ ଭାବରେ ବ୍ୟବହୃତ ହୋଇଥାଏ । ଶବ୍ଦଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ ସମ୍ବନ୍ଧ ରଖିବା ଦ୍ୱାରା ଭାବଗତ ସାର୍ଥକତା ଲାଭ କରିଥାଏ । ଶବ୍ଦର ଭାବଗତ ସାର୍ଥକତା ଏକ ସମ୍ବନ୍ଧ ଆଧାରଟି ହେଉଛି କ୍ରିୟା । ବାକ୍ୟରେ ଏହା ସୁଲଭ ଶୀର୍ଷକ ହେଉଛି କ୍ରିୟାପଦ । "କୃ-ଯ+ଆ = କ୍ରିୟା ଅର୍ଥାତ୍ କାମ ବା କାର୍ଯ୍ୟରେ ହେତୁମୂଳକ ଅର୍ଥସୂଚକ ପଦ । ଯେଉଁ ପଦଦ୍ୱାରା ବାକ୍ୟର ଅର୍ଥ କୌଣସି କାର୍ଯ୍ୟ ହେବା, ହେଉଥିବା ବା ହୋଇଥିବା ସୂଚିତ ହୁଏ ତାହାକୁ କ୍ରିୟା କୁହାଯାଏ । ଏହି ପଦ ସହିତ ବାକ୍ୟର କର୍ମସୂଚକ, କର୍ତ୍ତାମୂଳକ ପୁରୁଷ ଓ ବଚନଭିତ୍ତିକ ଅନ୍ୟାନ୍ୟ ପଦର ସମ୍ବନ୍ଧ ଥାଏ । ଯେଉଁ ପଦରୁ ପୁରୁଷ, ବଚନ ଓ କାଳାଦିର ଧାରଣା ବୁଝାପଡ଼େ ତାହାକୁ ବାକ୍ୟରେ କ୍ରିୟାପଦ ଭାବରେ ବିବେଚନା କରାଯାଏ । ବାକ୍ୟରେ କ୍ରିୟା ପଦଟି କର୍ତ୍ତା ସାଧିତ ନିର୍ଦ୍ଦିଷ୍ଟ କର୍ମକୁ ବୁଝାଏ । ସୁତରାଂ ବାକ୍ୟରେ କର୍ତ୍ତା ଦ୍ୱାରା ଯାହା ସାଧିତ ହୋଇଥାଏ ତା'ର ସୂଚକ ପଦ ହେଉଛି କ୍ରିୟା । ସାଧାରଣ ଭାଷାରେ କହିଲେ କର୍ତ୍ତା ଦ୍ୱାରା କୌଣସି କାର୍ଯ୍ୟ ହେଉଥିବା, ହୋଇଥିବା ପ୍ରସଙ୍ଗ ଯେଉଁ ପଦ ମାଧ୍ୟମରେ ବୁଝାପଡ଼େ

ତାହାକୁ କ୍ରିୟା କୁହାଯାଏ ।"(୧) ଆମେ ଜାଣିଛେ ପଦ ପାଞ୍ଚ ପ୍ରକାର । ଏହି ପାଞ୍ଚ ପ୍ରକାର ମଧ୍ୟରୁ କ୍ରିୟାପଦ ଅନ୍ୟତମ । ତଳେ 'ସାରଳା ମହାଭାରତର ଆଦିପର୍ବ'ରୁ ଯେଉଁ ପଦଗୁଡ଼ିକରେ କ୍ରିୟା ରହିଛି ତନ୍ମଧ୍ୟରୁ କେତୋଟି ଉଦାହରଣ ରୂପେ ଦିଆଗଲା ।

୧. "ଜୟ ତୁ ଦଧିମଙ୍ଗଳ ବିଘ୍ନରାଜ
ଯାହାର ପ୍ରସନ୍ନେ ସିଦ୍ଧ ହୁଅଇ ସବଂ କାର୍ଯ୍ୟ ।"
(ଗଣେଶଙ୍କ ବନ୍ଦନା, ପଦ-୧, ପୃ.୧)

୨. "ଜୟ ତୁ ଜୟ ତୁ ଦେବ ସୁରଗଣ ରଖନ୍ତା
ଜୟ ତୁ ଜୟ ତୁ ଦେବ ପରମ ପତିହନ୍ତା ।"
(ଗଣେଶଙ୍କ ବନ୍ଦନା, ପଦ-୬, ପୃ.୧)

୩. "ସ୍ୱାମୀ ସଂଗ୍ରାମେ ବଧ ଯହୁଂ ନୋହିଲା ତ୍ରିପୁରା
ତୋହର ବୁଦ୍ଧବଳେ ନାଶ କଲାଟି ମହାବାରୀ ।"
(ଗଣେଶଙ୍କ ବନ୍ଦନା,ପଦ-୭, ପୃ.୧)

୪. "ଗ୍ରନ୍ଥକୁ କବିତ୍ୱ ହୋଇଛି ବ୍ୟାସ ମହାମୁନି
ତୁ ଲେଖନକର ଶୁଭ ଅନୁକୂଳ ଘେନି ।"
(ଗଣେଶଙ୍କ ବନ୍ଦନା, ପଦ-୧୧, ପୃ.୧)

୫. "ଯେ ଘୋର ସଂସାର ସାହେଇ
ତରିବାକୁ ବଳାଇଲି ମନୀଷା
ହସ୍ତରୁ ତରାଅନାଥ ପୁରାଅ ମନବାଞ୍ଛା ।"
(ଗଣେଶଙ୍କ ବନ୍ଦନା, ପଦ-୨୭, ପୃ.୩)

ଯେଉଁ ଶବ୍ଦଗୁଡ଼ିକ ତଳେ ଗାର ଦିଆଯାଇଛି ଯଥା- ପ୍ରଥମ ପଦର 'ହୁଅଇ', ୨ୟ ପଦର ରଖନ୍ତା, ୩ୟ ପଦର ନାଶକଲା, ୪ର୍ଥ ପଦର ହୋଇବ, ଲେଖନକର, ୫ମ ପଦର ତରିବା, ତରାଅ କ୍ରିୟାପଦ ।

କ୍ରିୟାର ମୂଳପିଣ୍ଡ ଧାତୁ ସମ୍ପର୍କରେ :

"କ୍ରିୟାର ମୂଳପିଣ୍ଡକୁ ଧାତୁ ବୋଲାଯାଏ ।"(୨) ଧାତୁରେ ପ୍ରତ୍ୟୟ ବା ତୁ ବିଭକ୍ତି ବା କ୍ରିୟା ବିଭକ୍ତିଯୁକ୍ତ ହେଲେ ତାହା କ୍ରିୟାପଦରେ ପରିଣତ ହୁଏ । କ୍ରିୟାର ମୂଳ ଉପାଦାନ ହେଉଛି ଧାତୁ । ଅର୍ଥାତ୍ ଧାତୁ କ୍ରିୟାର ମୂଳରୂପ ବା ପ୍ରକୃତି ଅଟେ । ଧାତୁଗୁଡ଼ିକ ଏକ ଏକ ସୂକ୍ଷ୍ମ ଆଧାର ପିଣ୍ଡ, ଯାହାକୁ ମୂଳରେ ରଖି ବିବିଧ କ୍ରିୟାରୂପ ଲାଭ କରିଥାଏ । ଯେଉଁ ଅର୍ଥକାରୀ ମୂଳ ଉପାଦାନଗୁଡ଼ିକ କ୍ରିୟାର ବା ସ୍ମ କାର୍ଯ୍ୟର ବାଚକ ହୋଇଥାନ୍ତି ସେଗୁଡ଼ିକ ଧାତୁ କୁହାଯାଏ । ଏଗୁଡ଼ିକ କ୍ରିୟାର ମୂଳ ଅଭିଧା ପ୍ରକୃତି । ଏକ ବାକ୍ୟରେ ଅନ୍ୟାନ୍ୟ ପଦ ସହ ମିଶି ଅଭିଧାମୂଳକ ଧାତୁ, ବଚନ, ପୁରୁଷକାଳ ଅନୁସାରେ ବିବିଧରୂପ ଗ୍ରହଣ କରେ । ଯଥା– ସାରଳା ମହାଭାରତରେ ଆଦିପର୍ବରେ ବ୍ୟବହୃତ ଏକ ଶବ୍ଦ 'ପଢ଼' ଏକ ଆଭିଧା ମୂଳକ ଧାତୁର ପ୍ରକୃତି । ଏଥିରୁ କାଳ, ବଚନ ଓ ପୁରୁଷ ଅନୁସାରେ ଇ, ଆ, ଏ, ବ, ଇବ, ଅନ୍ତ ଆଦିଯୋଗ ହୋଇ କ୍ରିୟାର ଗଠନ ହୁଏ । ଯଥା- ପଢ଼+ଅ = ପଢ଼, ପଢ଼ା, ପଢ଼େ, ପଢ଼ିବ, ପଢ଼ନ୍ତ, ପଢ଼ିଲା ଇତ୍ୟାଦି ।

ସର୍ବସାର ବ୍ୟାକରଣ ଅନୁସାରେ ଧାତୁର ବିଭାଗୀକରଣ :

"ଧାତୁ ଉତ୍ପତ୍ତି ଦୃଷ୍ଟିରୁ ପ୍ରଧାନତଃ ଦୁଇ ଶ୍ରେଣୀରେ ବିଭାଗ କରାଯାଇପାରେ, ଯଥା– ମୌଳିକ ଓ ବୈକୃତିକ । ମୌଳିକ ଧାତୁ ପୁଣି ଚାରି ଶ୍ରେଣୀରେ ବିଭକ୍ତ ହୁଏ – ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ । ବୈକୃତିକ ଧାତୁ ମଧ୍ୟ ଚାରି ବିଭିନ୍ନ ଶ୍ରେଣୀରେ ବିଭକ୍ତ । ପ୍ରଯୋଜକ ଧାତୁ, ନାମଧାତୁ, ସନନ୍ତ ଧାତୁ ଓ ଯଙନ୍ତ ଧାତୁ ।"(୩)

ମୌଳିକ ଧାତୁ :

(୧) ତତ୍ସମ ଧାତୁ :

ତତ୍ + ସମ, ଦୁଇଟି ଶବ୍ଦର ସମଷ୍ଟିରେ ଗଠିତ ହୋଇଛି । ଏହାର ମୌଳିକ ଅର୍ଥ ଅବିକଳ ରୂପରେ ଏଠାରେ 'ତତ୍' ମୂଳ ଭାଷାକୁ ବୁଝାଏ । ତେଣୁ ତତ୍ସମ କହିଲେ– ସେହି ଶବ୍ଦକୁ ବୁଝାଏ ଯାହାକୁ କୌଣସି ଭାଷା ନିଜର ଉତ୍ସ ଭାଷା ବା ମୂଳ ଭାଷାରୁ ହିଁ ଅବିକଳ ଭାବରେ ଗ୍ରହଣ କରି ଭାବବିନିମୟ ନିମନ୍ତେ ବ୍ୟବହାର କରିଥାଏ । ଓଡ଼ିଆ ଭାଷାରେ 'ତତ୍' କହିଲେ ଏହାର ମୂଳ ଭାଷା 'ସଂସ୍କୃତ'କୁ ବୁଝାଏ । 'ସମ' କହିଲେ ଶୁଦ୍ଧ ସଂସ୍କୃତ ଶବ୍ଦକୁ ବୁଝାଏ । ଏହି ଦୃଷ୍ଟିରୁ ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ 'ତତ୍ସମ ଶବ୍ଦ' କୁହାଯାଏ । ତତ୍ସମ ଶବ୍ଦକୁ ଓଡ଼ିଆ ବିଶୁଦ୍ଧ ଶବ୍ଦ, ଅବିକୃତ ଶବ୍ଦ, ଅପରିବର୍ତ୍ତିତ ଶବ୍ଦ, ଶିଷ୍ଟଶବ୍ଦ ଓ ସାଧୁ ଶବ୍ଦ ଭାବରେ ନାମିତ କରାଯାଇଥାଏ । ସେହିପରି "ଯେଉଁ ସବୁ ଧାତୁ ଅବିକଳ ସଂସ୍କୃତରୁ ଆନୀତ ହୋଇ ଓଡ଼ିଆରେ ବ୍ୟବହୃତ ହେଉ ଅଛନ୍ତି ସେମାନଙ୍କୁ ତତ୍ସମ ଧାତୁ କୁହାଯାଏ ।"(୪)

ତତ୍ସମ ଧାତୁ- ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକ ରୂପ

ଖଣ୍ଡ ଖଣ୍ଡି

ମଣ୍ଡ୍ ମଣ୍ଡି

"ମହାବ୍ରହ୍ମ ଯୋଗେଶ୍ୱର ସିନ୍ଦୂରେ ଗବମୁଖ ମଣ୍ଡି
ଯମ ଦର୍ପ ଗଞ୍ଜି ସର୍ବ ଅପରାଧ ଦୁଖ ଖଣ୍ଡି ।"

(ଗଣେଶଙ୍କ ବନ୍ଦନା, ପଦ-୪, ଆଦିପର୍ବ, ପୃ.୧)

ଗଞ୍ଜ୍ ଗଞ୍ଜି

ବସ୍ ବସିଲେ

"ଗିରିଜାର ନନ୍ଦନ ସତମତିମ୍ମାନେ
ଶ୍ରୀକରେ ଲେଖନ ଘେନି ବସିଲେ ଯେକମନେ ।"

(ଗଣେଶଙ୍କ ବନ୍ଦନା, ପଦ-୧୮, ଆଦିପର୍ବ, ପୃ.୩)

ଅର୍ଜ୍ ଅରଜିଲି

"ଦଇବସୁତ ମନୁ ହୋଇଲେ ପ୍ରଳମ
ତବ ପ୍ରସନ୍ନେ ମୁ ବି ମୁଁ ଅରଜିଲି ଅନେକ ଧର୍ମ ।"

(ବଂଶାନୁଚରିତ, ପଦ-୧, ଆଦିପର୍ବ, ପୃ.୭)

ମନ୍ଥ ମନ୍ଥିଲେ

"ଆହୋ ତ୍ରିଦଶ ଦେବତାୟେ ଯେ ମନ୍ଥିଲେ ସମୁଦର
ତହୁଁ ଉତପତ୍ତି ହୋଇଲେ ଶଶଧର ।"

(ବଂଶାନୁଚରିତ, ପଦ-୧୪, ଆଦିପର୍ବ, ପୃ.୮)

ଲଙ୍ଘ୍ ଲଙ୍ଘି

"ସମୋଦ୍ର ଭିତରେ ନେଇଂ ଶୁଭ ଖମ୍ଭେକ ପୋତିଲା
ସେହିଠାରୁଂ ସମୋଦ୍ର ସୀମା ଲଙ୍ଘି ନୁଆରିଲା ।"

(ଯଯାତି ଉପାଖ୍ୟାନ, ପଦ-୨୬, ଆଦିପର୍ବ, ପୃ.୧୧)

ଯା ଯାଇ

ଚଳ୍ - ଚଳିଲା, ଚଳିଗଲେ, ଚଳି, ଚଳିଗଲା

"ତହୁଂ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ ।
ସନ୍ନିମ୍ପୋତା ଖେଳା ସେ ଦେବ ପଦ୍ମଯୋନି ।"

(ଶମ୍ଭୁରାଣ ଉପାଖ୍ୟାନ,ପଦ-୨୯, ଆଦିପର୍ବ, ପୃ.୧୪)

"କୁବେର ଦେବତା ଯେ ସଭାର ନ ରହିଲେ
ଉଠିଣ ଆପଣା ଭୁଜନେ ଚଳିଗଲେ ।"

(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୮, ଆଦିପର୍ବ, ପୃ.୧୪)

ଖେଳ୍ - ଖେଳଇ, ଖେଳନ୍ତା

"ଯେମନ୍ତେ ପଢ଼ାର ଘରେ ଯେ ଅଛଇ ଗଙ୍ଗାବାଳା
କୁମାରୀମାନଙ୍କ ସଂଗେ ସେ ଖେଳଇ କୁତୁହୋଳୀ ।"

(ଶାନ୍ତନୁ ବିବାହ, ପଦ-୧, ଆଦିପର୍ବ, ପୃ.୧୮)

"ସତ୍ୟଯୁଗ ସତର ଲକ୍ଷ ଅଠାଅଶୀ ସହସ୍ର ବରଷ
ଖେଳଇ ନିର୍ଘାତ ଘରେ ଦେବୀ ବାଳୁତ ବୟସ ।"

(ଶାନ୍ତନୁ ବିବାହ, ପଦ-୧୨, ଆଦିପର୍ବ, ପୃ.୧୯)

ରମ୍ ରମନ୍ତି

"ଯେମନ୍ତ ଅନେକ ଯେ ବଢ଼ିଲା ପୀରତି
ଦିବାରାତ୍ର ରମନ୍ତି ସେ ହୋଇଣ ଅଶାନ୍ତି ।"

(ଶାନ୍ତନୁ ବିବାହ, ପଦ-୯୯, ଆଦିପର୍ବ, ପୃ.୨୬)

ପାଳ୍-ପାଳ, ପାଳିଲେ, ପାଳି

"ଗଙ୍ଗା ନ ଜାଣୁଂ ଯେହାକୁ ପ୍ରତିପାଳ ଅତି ଯତ୍ନେ
ପୁତ୍ରକୁ କୋଳେ ଧଇଲେ ପାରେଶ୍ୱର ମହାମୁନ୍ୟେ ।"

(ଶାନ୍ତନୁ ବିବାହ, ପଦ-୧୨୪, ଆଦିପର୍ବ, ପୃ.୨୯)

"ପୁତ୍ର ଗୋଟିକ ଯତନେ ପାଳିଲେ ସତ୍ୟବତୀ
ବଢ଼ଇ ଚିତ୍ରବୀର୍ଯ୍ୟ ଅଯୋନି ଜାତ ମୂର୍ତ୍ତି ।"

(ଶାନ୍ତନୁ ବିବାହ, ପଦ-୧୨୫, ଆଦିପର୍ବ, ପୃ.୨୯)

ସମ୍-ଅର୍ପ = ସମର୍ପିଲେ

"ଗଙ୍ଗାକୁ ଲୁଚାଇଣ ନେଲେ ନିଶାରାତି
ଗଙ୍ଗାର ଡରେ ପୁତ୍ରକୁ ସମର୍ପିଲେ ସତ୍ୟବ୍ରତୀ ।"

(ଶାନ୍ତନୁ ବିବାହ, ପଦ-୧୭୯, ଆଦିପର୍ବ, ପୃ.୩୩)

(୨) ତଦ୍‌ଭବ ଧାତୁ :

ଯେଉଁ ଧାତୁଗୁଡ଼ିକ ସଂସ୍କୃତ ଧାତୁରୁ ପରିବର୍ତ୍ତିତ ଅବସ୍ଥାରେ ଆସି ଓଡ଼ିଆ ଭାଷାରେ ବ୍ୟବହୃତ ହେଉଅଛନ୍ତି, ସେମାନଙ୍କୁ ତଦ୍‌ଭବ ଧାତୁ କହନ୍ତି । ତଦ୍‌ଭବର ଅର୍ଥ ହେଉଛି ତହିଁରୁ ଜାତ (ତତ୍+ଭବ) ଅର୍ଥାତ୍ ତତ୍ସମ ବା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ସଂସ୍କୃତ

ଶବ୍ଦମାନଙ୍କରୁ ଉଦ୍ଭବ । "ଯେଉଁସବୁ ଧାତୁ ସଂସ୍କୃତରୁ ଆସି ବିକୃତ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଅଛନ୍ତି ସେମାନଙ୍କୁ ତଦ୍‌ଭବ ଧାତୁ ବୋଲାଯାଏ ।"(୫)

ମୂଳଧାତୁ ତତ୍‌ସମ ଧାତୁ ଓଡ଼ିଆ ଧାତୁ ତଦ୍‌ଭବ ଧାତୁ ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକରୂପ :

ଅର୍ଜ୍	ଅରଜ୍	ଅରଜଇ
କଥ୍	କହ	କହଇ, କହନ୍ତି
ପଠ୍	ପଢ଼	ପଢ଼ଇ, ପଢ଼ନ୍ତି
ଦୃଶ୍	ଦେଖ୍	ଦେକ୍‌ଖଇ, ଦେଖନ୍ତି
ଜୀବ୍	ଜୀ	ଜୀଅଇ, ଜୀଇଲେ
ଖାଦ	ଖା	ଖାଅଇ, ଖାଇଲୁ
ଇଷ୍	ଇଚ୍ଛ୍	ଇଚ୍ଛିଲେ
ଜ୍ୱଲ୍	ଜଲ୍	ଜଳିଲା
ଧାବ୍	ଧାମ୍	ଧାମଇଂ
ମାର୍ଗ	ମାଗ୍	ମାଗଇ, ମାର୍‌ଗେଇ

(୩) ଦେଶଜ ଧାତୁ :

ଓଡ଼ିଆ ଶବ୍ଦଭଣ୍ଡାର ଅନେକ ଶବ୍ଦ ରହିଛି ଯେଉଁଗୁଡ଼ିକ ସଂସ୍କୃତ ନୁହେଁ କି ସଂସ୍କୃତରୁ ଉତ୍ପନ୍ନ ନୁହେଁ । ଏସବୁ ଶବ୍ଦର ମୂଳ ଏଯାବତ୍ ନିର୍ଦ୍ଧାରିତ ହୋଇପାରି ନାହିଁ । "ଯେଉଁସବୁ ଧାତୁ ସଂସ୍କୃତ ଧାତୁମାନଙ୍କରୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାବରେ ଆନୀତ ହୋଇଥିବା କଥା ସ୍ଥିର ହୋଇନାହିଁ । ସେମାନେ ଦେଶଜ ଧାତୁ ।"(୬)

ଧାତୁ-ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକରୂପ :

ଖଟ୍	ଖଟିଲେ, ଖଟଇ
ଖୁଞ୍ଚ୍	ଖୁଞ୍ଚିଲେ
ବଢ଼୍	ବଢ଼ି
ଝୁଣ୍ଟ୍	ଝୁଣ୍ଟିଲେ
ଟେକ୍	ଟେକିଲେ
ଡ଼ାକ୍	ଡ଼ାକନ୍ତି
ଢ଼ଳ୍	ଢ଼ଳିଲା
ବୁଲ୍	ବୁଲଇ
ଭୁଲ୍	ଭୁଲିଲେ
ମେଣ୍ଟ୍	ମେଣ୍ଟିଲେ

କ୍ରିୟାପଦର ବ୍ୟବହାରିକ ପ୍ରକାର ଭେଦ :

ବାକ୍ୟରେ କ୍ରିୟାର ଉପସ୍ଥିତି, ଅର୍ଥ ପ୍ରତିପାଦନ, ବ୍ୟବହାରିକ କାଳ ଓ ଉଦ୍ଦେଶ୍ୟକୁ ନେଇ ଆମେ ଓଡ଼ିଆରେ କ୍ରିୟାପଦକୁ ଦଶଟି ବିଭାଗରେ ବିଭକ୍ତ କଲି । ସେଗୁଡ଼ିକ ହେଉଛି – ସମାପିକା କ୍ରିୟା, ଅସମାପିକା କ୍ରିୟା, ଯୌଗିକ କ୍ରିୟା, ମିଶ୍ର କ୍ରିୟା, ନାମଧାତୁ କ୍ରିୟା, ଅକର୍ମକ କ୍ରିୟା, ସକର୍ମକ କ୍ରିୟା, ଦ୍ୱିକର୍ମକ କ୍ରିୟା, ନାସ୍ତିବାଚକ କ୍ରିୟା, କ୍ରିୟା ବିଶେଷଣ, କ୍ରିୟାବାଚକ ବିଶେଷଣ ଇତ୍ୟାଦି ।

ସମାପିକା କ୍ରିୟା :

ଯେଉଁ କ୍ରିୟାଙ୍କ ଦ୍ୱାରା ପଦ ଶେଷ ହୁଏ ବୋଲି ବୁଝାଯାଏ, ତାହାକୁ ସମାପିକା କ୍ରିୟା କୁହାଯାଏ । ସମାପିକା କ୍ରିୟା ସ୍ୱାଧୀନ, ଏହାର ବ୍ୟବହାର ଦ୍ୱାରା ଅନ୍ୟ କ୍ରିୟାକୁ ଅପେକ୍ଷା ନକରି ବା ଅନ୍ୟ କ୍ରିୟାର ସାହାଯ୍ୟ ନ ନେଇ ପଦର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଇଥାଏ । ସମାପିକା କ୍ରିୟା ଦ୍ୱାରା ବାକ୍ୟର ସଂପୂର୍ଣ୍ଣତା ସାଧନ ହେଉଥିବାରୁ ଏହା ବିନା ବାକ୍ୟ ଗଠିତ ହୋଇପାରେ ନାହିଁ । ସମାପିକା କ୍ରିୟା କର୍ତ୍ତା ସହିତ ସମ୍ବନ୍ଧ ରଖିଥାଏ । ଏହି କ୍ରିୟାକର୍ତ୍ତାର ପୁରୁଷ-ବଚନ ଏବଂ ବାକ୍ୟାର୍ଥର କାଳ ଅନୁସାରେ ବଦଳେ । ବିଭିନ୍ନ ପୁରୁଷ, ବଚନ, କାଳ ଓ ଭାବକୁ ନେଇ ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାର ଯେତେ ପ୍ରକାର ରୂପ ହୋଇପାରେ– ସେହି ସମସ୍ତ ରୂପ ସମାପିକା କ୍ରିୟା ଭାବରେ ବାକ୍ୟରେ ବ୍ୟବହୃତ ହୋଇପାରନ୍ତି ।

'ସାରଳା ମହାଭାରତର ଆଦିପର୍ବ'ରେ ଯେଉଁ ପଦଗୁଡ଼ିକରେ ସମାପିକା କ୍ରିୟାର ବ୍ୟବହାର ହେଉଛି, ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

୧. "ଯେ ଘୋର ସଂସାର ସାହାରେ ତରିବାକୁ ବଳାଇଲି ମନୀଷା

ହସ୍ତରୁ ତରାଅ ନାଥ ପୁରାଅ ମନବାଞ୍ଛା ।"

(ଗଣେଶଙ୍କ ବନ୍ଦନା, ପଦ-୨୨, ପୃ.୩)

୨. "ଶ୍ରୀ ବିଘ୍ନନାଥ ଚରଣେ ମୋର ସେବା

ଯେ ଶ୍ରୀମହାଭାରତ କହିବି ମୋତେ ପ୍ରସନ୍ନ ହୋଇବା ।"

(ପଦ-୨୬, ପୃ.୩)

୩. "କଳିକାଳ ଧ୍ୱଂସିତା ଭୋଗେଣ କୋଟିପୂଜା
ପ୍ରଳମ୍ବିତେ ଖଟଇଂ ଶ୍ରୀ କପିଳେଶ୍ୱର ମହାରାଜା ।"
(ସାରଳାଦେବୀଙ୍କ ବନ୍ଦନା,ପଦ-୫, ପୃ.୪)

୪. "ମହାଯୋଗେଶ୍ୱରୀ ସେ ପରମ ବଇଷ୍ଣବ ?
ପ୍ରତକ୍ଷ ବର ଦିଅଇ ସେ ପରମ ସାଧବୀ ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୦, ପୃ.୫)

୫. "ବାଞ୍ଛା ସାର୍ଥକୁ ସେ ଦେବୀର ଅଟଇ
ପାଷାଣ ହୋଇକରି ବାଞ୍ଛା ତାହାର ଫୁଟଇ ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୧, ପୃ.୫)

୬. "ପ୍ରସନ୍ନେତା ଆଜ୍ଞା ମୋତେ ଦିଲେ ଶାକମ୍ଭରୀ
ଲଭ ତୁ କପିଳାସ ଶ୍ରୀମହାଭାରଥ କରି ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୪, ପୃ.୫)

୭. "ବଇଦସୁତ ମନୁ ହୋଇଲେ ପ୍ରଳମ
ତବ ପ୍ରସନ୍ନେ ମୁନି ମୁଁ ଅରଜିଲି ଅନେକ ଧର୍ମ ।"
(ବଂଶାନୁଚରିତ, ପଦ-୧, ପୃ.୭)

୮. "ଶ୍ରୀକରେ ଅର୍ଘ୍ୟ ଘେନି ପଖାଳିଲେ ପାଦବେନି
ମୋକ୍ଷକଇଂ କାରଣ ମୋତେ କହିବା ଅଗସ୍ତି ମହାମୁନି ।"
(ବଂଶାନୁଚରିତ, ପଦ-୨, ପୃ.୭)

୯. "ଘଟରଷିର ନନ୍ଦନ ମୋତେ ପ୍ରତିକାର କରିବା
ତୋହର ପାଦପଦ୍ମେ ମୋହର ଅହର୍ନିଶି ସେବା ।"
(ବଂଶାନୁଚରିତ, ପଦ-୧୯, ପୃ.୮)

୧୦. "ପୁରୁରବା ବାଣ୍ଟିଲେ ସରୋଚର ପୃଥୀ
ନବଦ୍ୱୀପ ସପତ ସାଗର ଶୋଇଲେ ବସୁମାତା ।"
(ବଂଶାନୁଚରିତ, ପଦ-୧୯, ପୃ.୮)

ଏହି ଦଶଟି ପଦରେ ସମାପିକା କ୍ରିୟାର ବ୍ୟବହାର ଦେଖିବାକୁ ମିଳୁଛି । ପ୍ରଥମ ପଦର ତରିବାକୁ, ଜଳାଇଲି, ପୁରାଅ, ମନବାଞ୍ଛା, କ୍ରିୟା ଦ୍ୱାରା ପଦର ପାଦଗୁଡ଼ିକ ପୂର୍ଣ୍ଣ ହୋଇଥିବାର ଜଣାପଡୁଛି । ତରିବାକୁ ଉଦ୍ଧାର ପାଇବା ବା ପାରହେବା ଅର୍ଥରେ ଜଳାଇଲି - ଇଚ୍ଛା ହେବା ବା ଆଶା ହେବା ଅର୍ଥରେ, ପୁରାଅ - ପୂର୍ଣ୍ଣହେବା, ବାଞ୍ଛା - ଆଶା କରିବା ଅର୍ଥରେ କ୍ରିୟା ବା ସମାପିକା କ୍ରିୟା ଅର୍ଥରେ ବ୍ୟବହୃତ ହୋଇଛି ।

ଦ୍ୱିତୀୟ ପଦର ସେବା, ହୋଇବ ଦୁଇଟି କ୍ରିୟା ଦ୍ୱାରା ପଦର ପାଦ ଦୁଇଟି ପୂର୍ଣ୍ଣ ଅର୍ଥରେ ବୁଝାପଡୁଛି । 'ସେବା' ସେବା କରିବା ଅର୍ଥରେ । ହୋଇବ ପୂର୍ବରୁ ପ୍ରସନ୍ନ ଅଛି, ପ୍ରସନ୍ନ ହୋଇବ ଦ୍ୱାରା ପାଦର ସମାପ୍ତି ବୁଝାପଡୁଛି । ତେଣୁ ଦ୍ୱିତୀୟ ପଦର ସେବା, ହୋଇବା ଦୁଇଟି ହେଉଛି ସମାପିକା କ୍ରିୟା ।

ତୃତୀୟ ପଦର ଧ୍ୱଂସିତା, ଖଟଇଂ ଦୁଇଟି ସମାପିକା କ୍ରିୟା । ଧ୍ୱଂସିତା - ନାଶ କରିବା, ବିଲୋପ କରିବା । ଖଟଇଂ- ଖଟିବା, କାମ କରିବା, କାର୍ଯ୍ୟର ସୂଚନା ମିଳୁଛି ପଦଗୁଡ଼ିକ ପୂର୍ଣ୍ଣ ମଧ ହେଉଛି ।

ଚତୁର୍ଥ ପଦରେ ଦିଅଇ-ପ୍ରଦାନ କରିବା ଅର୍ଥରେ ବ୍ୟବହୃତ ପଦରେ । ତେଣୁ ଦିଅଇ ହେଉଛି ଏକ ସମାପିକା କ୍ରିୟା ।

ପଞ୍ଚମ ପଦରେ ବାଞ୍ଛା, ଅଟଇ, ଫୁଟଇ ଗୋଟିଏ ଗୋଟିଏ ସମାପିକା କ୍ରିୟା । ଏହି କ୍ରିୟାପଦ ଦ୍ୱାରା ପାଦପୂର୍ଣ୍ଣ ଜଣାପଡୁଛି । ବାଞ୍ଛା - ଆଶାକରିବା, ଅଟଇ - ଶବ୍ଦଦ୍ୱାରା ପଦପୂର୍ଣ୍ଣ ହେଇଛି, ଫୁଟଇ - ଫୁଟିବା, ପ୍ରକାଶିତ ହେବା ।

ଷଷ୍ଠ ପଦରେ ଆଜ୍ଞା ମୋତେ ଦିଲେ, ଦିଲେ - ଦେଲେ ଶବ୍ଦଦ୍ୱାରା ପାଦର ଅର୍ଥ ପୂର୍ଣ୍ଣ ହେଉଛି । ତେଣୁ ଏହାଏକ ସମାପିକା କ୍ରିୟା ।

ସପ୍ତମ ପଦରେ ହୋଇଲେ ପ୍ରଳମ - ନମସ୍କାର ହୋଇଲେ । ଅରଜିଲି - ଲାଭକରିବା । ନାମଦ୍ୱାରା ପାଦର ପୂର୍ଣ୍ଣଅର୍ଥ ପ୍ରକାଶ କରୁଛି । ତେଣୁ ଏହି ଦୁଇଟି ହେଉଛି ସମାପିକା କ୍ରିୟା ।

ଅଷ୍ଟମ ପଦରେ ପଖାଳିଲେ - ଏଠି ଧୋଇବା ଅର୍ଥରେ ବ୍ୟବହୃତ । ଏହି ଶବ୍ଦ ଦ୍ୱାରା ପାଦଟି ପୂର୍ଣ୍ଣ ଅର୍ଥ ପ୍ରକାଶ କରୁଛି । ଏହା ଏକ ସମାପିକା କ୍ରିୟା ।

ସେହିପରି ୯ମ ପଦ ଓ ୧୦ ପଦର କରିବା, ସେବା, ବାଣ୍ଟିଲେ, ଶୋଇଲେ କ୍ରିୟାପଦ ଦ୍ୱାରା ପଦଗୁଡ଼ିକ ସମାପ୍ତି ବା ପୂର୍ଣ୍ଣ ଅର୍ଥପ୍ରକାଶ କରୁଛି ତେଣୁ ଏ ଶବ୍ଦ ସବୁ ସମାପିକା କ୍ରିୟାପଦ ।

ଅସମାପିକା କ୍ରିୟାପଦ :

ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟ ଶେଷ ହୋଇପାରେ ନାହିଁ ଓ କାର୍ଯ୍ୟ ଅସମାପ୍ତ ଭାବରେ ଘଟିଚାଲିବାର ବା ଚାଲୁଥିବାର ବୁଝାପଡ଼େ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ । ଅର୍ଥାତ୍ ଯେଉଁ କ୍ରିୟା କାବ୍ୟରେ ପଦକୁ ସମାପ୍ତ କରିପାରେ ନାହିଁ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ । ବାକ୍ୟରେ ଏହା କୌଣସି କାର୍ଯ୍ୟର ଅସମାପ୍ତିକୁ ବୁଝାଏ । ଏହି କ୍ରିୟାପଦ କର୍ତ୍ତାର ପୁରୁଷ-ବଚନ-କାଳ-ଭାବ ଅନୁସାରେ ବଦଳେ ନାହିଁ । ଅସମାପିକା କ୍ରିୟା ଦୋହରାଯାଇ ଦ୍ୱିତ୍ୱ ରୂପରେ ବ୍ୟବହୃତ ହୁଏ । ଦୁଇଟି କାର୍ଯ୍ୟ ଏକାସଂଗରେ ହେଉଥିଲେ ଆଗପଛ ହୋଇ ନିଷ୍ପନ୍ନ ହେଉଥିଲେ,

ଲାଭଯୋଗେ ଗଠିତ କ୍ରିୟାପଦ ଦ୍ୱିତ୍ୱ ହୋଇଥାଏ । ଅସମାପିକା କ୍ରିୟାର ରୂପରେ ଣୁ, କରି, କି ପ୍ରତ୍ୟୟ ଯୋଗ ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ ଅସମାପିକା କ୍ରିୟା ବ୍ୟବହାର ଦେଖାଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା । ଯଥା –

୧. "ଯେ ପୃଥ୍ୱୀ ପୁଣଭାଗ ମୂଳକଲେ
ମଣ୍ଡଳ ଖଣ୍ଡ ଖଣ୍ଡ କରି ନବ ସୃଷ୍ଟି ଭିଆଇଲେ ।"
(ଯଯାତି ଉପାଖ୍ୟାନ,ପଦ-୩୭, ପୃ.୧୧)

୨. "ବିଶ୍ୱାନନ୍ଦ କରି ଯେ କଲାକ ଭିଆଣ
ମହାପ୍ରତାପୀ ହୋଇଲା ଶମ୍ଭୁରାଣ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୭, ପୃ,୧୭)

୩. "କେବଳ ମାତ୍ର ତାହାକୁ ସଂଜ୍ଞା ଜନ୍ମ ଦେଲେ
ଅତ୍ୟନ୍ତ ମତେ କେ କତିକି ଯାଇଂ ନୁଆରିଲେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୪, ପୃ.୧୭)

୪. "ଗର୍ଜନ ନାଦ କରି ନିର୍ଘାତ ନରପତି
ସଅମ୍ୱରେ ବିଜୟେ ଯାଇ ମଣ୍ଡଳ ଚକ୍ରବତୀ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୪, ପୃ.୧୩)

୫. "ଯେସନେକ ସୟମ୍ୱର ଦେଖିଣ ବିବୁଧାଦି
ଦେବତାନ୍ତ ସମାର୍ଜନା କଲେ ଦେବ ଯେ ଅନାଦି ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୭, ପୃ.୧୩)

୬. "କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୭. "ପିତାମହଙ୍କୁ ନ ଦେଖି ସେ ଦିନକର କୁମାରୀ
ମାଳା ଘେନି ମିଳିଲା ଯହିଁ ବିଜୟେ ତ୍ରିପୁରାରି ।"
(ପଦ-୩୧, ପୃ.୧୭)

୮. "ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ଭୁରାଣ ବସାଇଲେ କୋଳେ ।"
(ପଦ-୪୪, ପୃ.୧୫)

୯. "ଆହୋ ସୋମବଂଶ ରାଜ୍ୟେ ପରଜା ଉପୁଜାଇ ଯେବଣ କୃଷି
କାଟିକେ ବିନାୟେ ସଂଜ ଦେଇ ନିଅଇ ବେନିରାଶି ।"
(ଶାନ୍ତନୁ ଉପାଖ୍ୟାନ, ପଦ-୧୩,ପୃ.୧୬)

୧୦. "ନିର୍ଘାତ ପାଳଇ ସେ ଅନାଦି ନିରଞ୍ଜନା
ତ୍ରୟୋଦଶ ବରଷ ଯେ ହୋଇଲା ନନ୍ଦନୀ ।"
(ଶାନ୍ତନୁ ଉପାଖ୍ୟାନ, ପଦ-୧୭, ପୃ.୧୭)

ଏହି ୧୦ଟି ପଦରେ ବ୍ୟବହୃତ ହୋଇଥିବା ଅସମାପିକା କ୍ରିୟାଗୁଡ଼ିକ ହେଉଛି –

୧. ଖଣ୍ଡ ଖଣ୍ଡ କରି ୨. କରି ୩. ଯାଇଂ ୪. କରି, ଯାଇ ୫. ଦେଖିଣ ୬. ଉଠିଣ, ଚଳି ୭. ଦେଖି, କର ୮. ନେଇ, ଧରିନେଇ ୯. ଦେଇ ୧୦. ପାଳଇ ୧୧. କରିଦେଖି ୧୨. ଚଳନ୍ତି ୧୩. ଶୁଣସି ୧୪. ଥିବେ, ଆସିବେ ୧୫. କର, ଦେଖୁଂ ଦେଖୁଂ ୧୬. ବାହୁଥିବୁ, ପାରିକରି ୧୭. ଚଳଇ, ବାହି ବାହି ୧୮. ଦେଖି ୧୯. ଧରି, କରଇ ୨୦. ଭଡ଼ ଭଡ଼ କରି

ଅନ୍ୟାନ୍ୟ ପଦରେ ବ୍ୟବହୃତ ହୋଇଥିବା ଅସମାପିକା କ୍ରିୟାଗୁଡ଼ିକ ହେଉଛି – ହୋଇକରି, ଦେଖିକରି, ବୋଲିକରି, ଘେନିକରି, ପେଲି ପକାଇ, ଭିଆଣ କରି, କରଣ କରି ଆଣି ।

ଯୌଗିକ କ୍ରିୟା :

ଯେଉଁ କ୍ରିୟାପଦରେ ମୁଖ୍ୟ ଓ ସାହାଯ୍ୟକାରୀ ଧାତୁ ଭାବରେ ଦୁଇଟି ଧାତୁ ଯୋଗ ହୋଇ ରହିଥାଏ, ତାହାକୁ ଯୌଗିକ କ୍ରିୟା କୁହାଯାଏ । ସାଧାରଣତଃ ଯୌଗିକ କ୍ରିୟାପଦରେ ଦୁଇଟି ଅଂଶଥାଏ । ଦୁଇଟି ଅଂଶରେ ମୂଳ କ୍ରିୟା ଓ ସହଯୋଗୀ ଦ୍ୱିତୀୟ କ୍ରିୟା ଏପରି ଦୁଇଟି କ୍ରିୟା ଥାଏ । ପ୍ରଥମ ଅଂଶ ମୂଳ କ୍ରିୟାଟି ଅସମାପିକା ଆକୃତିର । ଦ୍ୱିତୀୟ ଅଂଶର କ୍ରିୟାଟି କାଳ-ପୁରୁଷ-ବଚନ ସୂଚକ ହୋଇ ସମାପିକା କ୍ରିୟା ଆକୃତିର ହୋଇଥାଏ । ଯୌଗିକ କ୍ରିୟାଗୁଡ଼ିକ ଲେଖିଲା ବେଳେ ମୁଖ୍ୟ ଓ ଗୌଣ କ୍ରିୟା ଲାଗି ଲାଗି ଲେଖାଯାଏ । ସାହାଯ୍ୟକାରୀ ଅଂଶରେ 'ଅଛ' ଓ 'ଥା' ଏହି ଦୁଇଟି ମାତ୍ର ଧାତୁ ବ୍ୟବହୃତ ।

ସାରଳା ମହାଭାରତରେ ଆଦିପର୍ବରେ ଯେଉଁ ପଦଗୁଡ଼ିକରେ ଯୌଗିକ କ୍ରିୟା ବ୍ୟବହୃତ ହୋଇଅଛି ତାହାର ଉଦାହରଣ ନିମ୍ନରେ ଦିଆଗଲା । ଯଥା–

୧. "ଗ୍ରନ୍ଥକୁ କବିତ୍ୱ ହୋଇବ ବ୍ୟାସ ମହାମୁନି
ତୁ ଲେଖନ କର ଶୁଭ ଅନୁକୂଳ ଘେନି ।"
(ଗଣେଶଙ୍କ ବନ୍ଦନା, ପଦ-୧୧, ପୃ.୧୩)

୨. "ମେଘମାନ ସହିତେ ନୃପତି ହେମବନ୍ତ
ସେହି ପ୍ରବେଶ ହୋଇଲେ ମଳୟ ପର୍ବତ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୫, ପୃ.୧୩)

୩. "ଅଣରକ୍ଷ ପବନ ପକ୍ଷ ଯେ କିନ୍ନର
କାଳଗଣନ୍ତ ଘେନି ବିଜୟ ନାଶକର ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୫, ପୃ.୧୩)

୪. "ପିତାର ବଚନ ଯେ ଶୁଣିଣ ତପତୀ
ମାଳା ଘେନି ମିଳିଲା ସେ ସୁରନାଥର କତି ।"
(ପଦ-୨୪, ପୃ.୧୪)

୫. "କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୬. "ତହୁଁ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିତା ଦେଖିଲା ସେ ସେବ ପଦ୍ମ ଯୋନି ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୯, ପୃ.୧୪)

୭. "ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ଭୁରାଣ ବସାଇଲେ କୋଳେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୪୪, ପୃ.୧୫)

୮. "ଅଶ୍ୱ ଉପରେଂ ବିଜେ କରିଛନ୍ତି ଶମ୍ଭୁରାଣ
ମାଳା ଘେନିଣ ତପତୀ ମିଳିଲା ସନ୍ନିକ୍ଷେଣ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୪୩, ପୃ.୧୫)

୯. "ଯେହାର ତହୁଁ ଉପୁଜିଲା ପାର୍ଥିବ ନରପତି
ଯେମନ୍ତେଣ ସୋମବଂଶ ହୋଇଲା ଉତପତ୍ତି ।"
(ଶାନ୍ତନୁ ଉପାଖ୍ୟାନ, ପଦ-୨, ପୃ.୧୬)

୧୦. "ଅତିଅନ୍ତ ଭଗତି ସେ କାଶୀ ସେବାକରି
କଷା କଉପୁନି ହୋଇଲେ ମାଥେ ଜଟାଧାରୀ ।"
(ଶାନ୍ତନୁ ଉପାଖ୍ୟାନ, ପଦ-୫, ପୃ.୧୬)

ଏହି ୧୨ଟି ପଦରେ ବ୍ୟବହୃତ ହୋଇଥିବା ଯୌଗିକ କ୍ରିୟାଗୁଡ଼ିକ ହେଉଛି – (୧) ଲେଖନକର, ଅନୁକୂଳ ଘେନି, (୨) ପ୍ରବେଶ ହୋଇଲେ, (୩) ନାଶକର, (୪) ଘେନି ମିଳିଲା, (୫) ଚଳିଗଲେ, (୬) ଘେନି ଋଚିଲା, (୭) ନେଲ ଦିଲାକ, ଧରିନେଇ, (୮) ବିଜେ କରିଛନ୍ତି, (୯) ହୋଇଲା ଉତପତ୍ତି, (୧୦) ସେବାକରି, (୧୧) ପ୍ରସନ୍ନ ହୋଇଲେ, (୧୨) ଭ୍ରମଣ କରି ଦେଖ ।

ପ୍ରେରଣାର୍ଥକ କ୍ରିୟା :

ଯେଉଁ କ୍ରିୟା ଦ୍ୱାରା କେହି କିଛି କରାଇବାର ଜଣାଯାଏ ତାହାକୁ ପ୍ରେରଣାର୍ଥକ କ୍ରିୟା କହନ୍ତି । ଅନ୍ୟ ଅର୍ଥରେ କହିଲେ ଯେଉଁ କ୍ରିୟା ଦ୍ୱାରା କର୍ତ୍ତା ଅନ୍ୟ କାହା ମାଧ୍ୟମରେ କିଛି କରାଇବାର ବୁଝାଯାଏ ତାହାକୁ ପ୍ରେରଣାର୍ଥକ କ୍ରିୟାପଦ କୁହାଯାଏ । ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ହୋଇଥିବା ପ୍ରେରଣାର୍ଥକ କ୍ରିୟାଗୁଡ଼ିକ ହେଉଛି– ମୂଳଧାତୁରେ 'ଆ' ଯୋଗ କରି ପ୍ରେରଣାର୍ଥକ କ୍ରିୟାପଦର ମୂଳରୂପକ ଗଠିତ ହୁଏ ।

୧. "ଧରଣ ଧାରଣ ବ୍ରହ୍ମ ଗୁଟିକା ଅଞ୍ଜନ ରସରସାୟ ସଞ୍ଜୀୟ
କୁମାରକୁ କରାଇଲେ ପଠନ ।"
(ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁ ଦାନ, ସଞ୍ଜୟଙ୍କ ଠାରୁ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ବିଦ୍ୟାପାଠ, ପଦ-୧୨, ଆଦିପର୍ବ, ପୃ.୯୬)

୨. "ଧୃତରାଷ୍ଟ୍ର ପଣ୍ଡୁ ବଢ଼ନ୍ତି ବେନି ଭ୍ରାଥେ
ପ୍ରସନ୍ନେ ତାଙ୍କୁ ବିଦ୍ୟା ଦିଲେ ଗାଇବର ସୁତ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୧, ଆଦିପର୍ବ, ପୃ.୯୮)

୩. "ଯେ ଗୁରୁ ବଂଶ ଯାକେ ବ୍ୟାସଙ୍କୁ ଥାନ୍ତି ଖଟି
ବ୍ୟାସେ ଶିଖାଇଲେ ଅଶ୍ରୁତି ଅଦୃଷ୍ଟି ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୧୩, ଆଦିପର୍ବ, ପୃ.୯୯)

୪. "ପଣ୍ଡୁ କୁମାରଙ୍କୁ ଦେଖି ସେ ହରଷ ହୋଇଲେ
ସକଳ ବିଦ୍ୟମାନ ପରୀକ୍ଷା କରାଇଲେ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୨, ଆଦିପର୍ବ, ପୃ.୧୦୦)

୫. "ସାର୍ଥୁକ ଶହସ୍ର ମନ୍ତ୍ର ଶିଖାଇଲେ ଆଦିଗୁରୁ
ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୨, ଆଦିପର୍ବ, ପୃ.୧୦୦)

୬. "ଶବଦଭେଦୀ ବିଦ୍ୟା ଶିଖାଇଲେ ତାହାଙ୍କୁ
ପ୍ରସନ୍ନେତା ଅନେକ ବିଦ୍ୟା ଦିଲେକ ସେ ପଣ୍ଡୁଙ୍କୁ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୫, ଆଦିପର୍ବ, ପୃ.୧୦୧)

ଏହି ପଦଗୁଡ଼ିକରେ ବ୍ୟବହୃତ ହୋଇ ପ୍ରେରଣାର୍ଥକ କ୍ରିୟାପଦଗୁଡ଼ିକ ହେଲା – (୧) କରାଇଲେ ପଠନ, (୨) ବିଦ୍ୟାଦେଲ, (୩) ଶିଖାଇଲେ, (୪) ପରୀକ୍ଷା କରାଇଲେ, (୫) ଶିଖାଇଲେ, (୬) କରାଇଲେ, (୭) ବୋଲାଇଲା, ଛଡ଼ାଇଦେଲା, (୮) ବିଦ୍ୟା ଶିଖାଇଲେ, ବିଦ୍ୟା ଦିଲେ, (୯) ଶିଖାବନ୍ତି ।

ନାମ ଧାତୁ କ୍ରିୟା :

ଯେଉଁ କ୍ରିୟାପଦ ବିଶେଷ୍ୟ ବା ବିଶେଷଣ ଶବ୍ଦରୁ ଗଠିତ ହୋଇଥାଏ ତାହାକୁ ନାମ ଧାତୁ କ୍ରିୟା କୁହାଯାଏ । 'ନାମ'କୁ ମୂଳକରି ଗଠିତ ନାମଧାତୁ କ୍ରିୟାପଦ ବିଶେଷ୍ୟ ଓ ବିଶେଷଣ ଶବ୍ଦକୁ ମୂଳ ରୂପେ ଆଧାର କରି ଗଢ଼ାଯାଏ ।

୧. "ସେ ନଦୀର ତୀରେ ପର୍ଶୁରାମ ଘାଟଇଂ
କନକାବତୀ ନାମେ ଘଟଣା ପ୍ରକାଶଇଂ ।"
(ସାରଳା ଦେବୀଙ୍କ ବନ୍ଦନା, ପଦ-୮, ଆଦିପର୍ବ, ପୃ.୫)

୨. "ଆମଇଂ କୋପେଣ ଯେ ପ୍ରଶୁଧର ନାଥ
ପଛେଣ ଗୋଡ଼ାବନ୍ତି ନୀଳ ରଞ୍ଜୁ ହଳୀରା ତିନିଭ୍ରାଥ ।"
(ଅମ୍ବାଚରିତ,ପଦ-୨୪, ଆଦିପର୍ବ, ପୃ.୬୪)

୩. "ମାନିନୀ ଅବସ୍ଥା ଯେ ହୋଇଣ ଅମ୍ବା ଯୁବତୀ
ସେହି ଗୋଡ଼ାଇଅଛି ତାହାଙ୍କର ପଛକତି ।"
(ଅମ୍ବାଚରିତ, ପଦ-୨୫, ଆଦିପର୍ବ, ପୃ.୬୪)

ନାମ- ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ନାମଧାତୁ କ୍ରିୟାପଦ

ପ୍ରକାଶ	ପ୍ରକାଶଇ
ବିଚ୍ଛର	ବିଚ୍ଛରିଲେ
ଜନ୍ମ	ଜନ୍ମିଲା
ଉପେକ୍ଷା	ଉପେଖିଲୁ
କଟାଳ	କଟଳି
ଭଙ୍ଗ	ଭାଙ୍ଗିଲେ
ଗୋଡ଼	ଗୋଡ଼ାଇ, ଗୋଡ଼ାବନ୍ତି
ଗୋଡ଼ା	ଗୋଡ଼ାଇ
ମନ	ମନାଇଁ
ଯୋଗା	ଯୋଗାଇ
ଚିର୍	ଚିରି
ଆମୋଦ	ଆମୋଦଇ
ପ୍ରତିଜ୍ଞା	ପ୍ରତିଜ୍ଞାଇ

ନାସ୍ତିବାଚକ କ୍ରିୟା :

ନାସ୍ତିବାଚକ କ୍ରିୟାଗୁଡ଼ିକ କ୍ରିୟା ସହିତ ନ, ନା, ନି ଓ ନାହିଁ ପରି ନାସ୍ତିବାଚକ ଚିହ୍ନଗୁଡ଼ିକ ଯୋଡ଼ା ହୋଇ ଗଠିତ ହୋଇଥାନ୍ତି । ଧାତୁରୁ ଗଢ଼ା ହୋଇଥିବା କ୍ରିୟାଗୁଡ଼ିକର ଆରମ୍ଭ କିମ୍ବା ଶେଷରେ 'ନ' ଲାଗିଲେ ଏହା ନାସ୍ତିବାଚକ କ୍ରିୟାର ବ୍ୟବହାରରେ ଦେଖିବାକୁ ମିଳିଥାଏ ଯେ, କ୍ରିୟା ପୂର୍ବରୁ 'ନ'ର ବ୍ୟବହାର ହୋଇଛି । ଯେଉଁ ପଦଗୁଡ଼ିକର ନାସ୍ତିବାଚକ କ୍ରିୟାର ବ୍ୟବହାର ତାହା ତଳେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ନାସ୍ତିବାଚକ କ୍ରିୟାଗୁଡ଼ିକର ପ୍ରୟୋଗ ହୋଇଥିବାର ଦେଖାଯାଏ । ତଳେ ସେଗୁଡ଼ିକର ଉଦାହରଣ ରୂପେ ଦିଆଗଲା । ଯଥା –

୧. "ସ୍ୱାମୀ ସଂଗ୍ରାମେ ବଧ ଯହୁଁ ନୋହିଲା ତ୍ରିପୁରା
ତୋହାର ବୁଦ୍ଧିବଳେ ନାଶଗଲାଟି ମହାବୀର ।"
(ଗଣେଶ ବନ୍ଦନା, ପଦ-୭, ପୃ.୭)

୨. "କୁବେର ଦେବତା ଯେ ସଭାରେ ନରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୩. "ଯେତେ କହି ଗଙ୍ଗା ଉଠିଣ ଗଲେ ପିତାର କୋଳରୁ
ନିର୍ଘାତ ବୋଇଲା ମାଗୋ କିପାଇଁ ନାସ୍ତିକରୁ ।"
(ଶାନ୍ତନୁ ବିବାହ, ପଦ-୪୨, ପୃ.୭୧)

୪. "ଈଶ୍ୱର ବରିବି ବୋଲି ମୁଁ ମନେ କଲିଇଚ୍ଛା
ଦୁଇ ଯୁଗ ପରିଯନ୍ତେ ଦୁଖପଡ଼ି ନ ପାଇଲି ମନବାଞ୍ଛା ।"
(ପଦ-୪୩, ପୃ.୨୧)

୫. "ଆହୋ ଜାମନ ଦେବତା ମୋତେ ନ ପାରିଲା ସହି
ମେରୁର ତ୍ରୋଟରେ ଛାଡ଼ିଗଲା ମୋତେ ନେଇ ।"
(ଶାନ୍ତନୁ ବିବାହ, ପଦ-୫୨, ପୃ.୨୭)

୬. "ନିର୍ଘାତର ଘରେ ଜାତ ହୋଇ ଲୁଚ୍ଛଇଲି ବର୍ଣ୍ଣଚିହ୍ନ
ଆରତ ହୋଇଲି ମୁଁ ନ ଦେଖି ତ୍ରିଲୋଚନ ।"
(ଶାନ୍ତନୁ ବିବାହ, ପଦ-୫୪, ପୃ.୨୨)

୭. "ଭ୍ରଥାର ଆର୍ଦୋଳ ଯେବେ ଭାରିଯାନ ସହିବ
ପତିପତ୍ନୀର କେମନ୍ତେ ଗୃହବାସ ହୋଇବ ।"
(ଶାନ୍ତନୁ ବିବାହ, ପଦ-୫୭, ପୃ.୨୭)

୮. "ଦୁର୍ଭାସୟେ ବୋଇଲେ ତୁ ତ ତୁନୀ ହୋଇଥିଲୁ
ପାଞ୍ଚବରଷ ଯେ ସେବାକରି କିଛି ହିଁ ନ ମାଗିଲୁ ।"
(କୁନ୍ତି ଚରିତ୍ର, ପଦ-୫୩, ପୃ.୧୨୩)

୯. "ସୁପୁତ୍ର ହୋଇବ ତୋର ତୋର ଅତିଅନ୍ତ ବଳବନ୍ତା
ସଂଗ୍ରାମକୁ କେବେ ହିଁ ନୋହିବି ପଛପଡ଼ା ।"
(କୁନ୍ତି ଚରିତ୍ର, ପଦ-୫୯, ପୃ.୧୨୪)

୧୦. "ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ଯେ ବିଷ୍ଣୁ
ମୂର୍ଦ୍ଧନି 'ାଟି ପ୍ରାଣ ଯିବ ନ ଅଇଲେ ତା ଘଟୁ ।"
(କୁନ୍ତି ଚରିତ୍ର, ପଦ-୬୩, ପୃ.୧୨୪)

କୁନ୍ତିଙ୍କ ବାଲ୍ୟଚରିତ, ଦୁର୍ବାସାଙ୍କ ସେବା ଓ ତାଙ୍କଠାରୁ ବରପ୍ରାପ୍ତି । ଏହି ୧୨ଟି ପଦରେ 'ର' ପ୍ରୟୋଗ ହୋଇଥିବା ନାସ୍ତିବାଚକ କ୍ରିୟାପଦଗୁଡ଼ିକ ହେଉଛି । (୧) ନୋହିଲା, (୨) ନ ରହିଲେ, ନ ଯାଇ, (୩) ନାସ୍ତିକରୁ, (୪) ନ ପାଇଲି, (୫) ନ ପାରିଲା, (୬) ନ ଦେଖି, (୭) ନ ସହିବ, , (୮) ନ ମାଗିଲୁ, (୯) ନୋ ହିବ, (୧୦) ନ ଅଇଲେ, (୧୧) ନ ବିଝରି, ନ କଲେ, (୧୨) ନ ଯା ।

କ୍ରିୟା ବିଶେଷଣ :

ଯେଉଁ ବିଶେଷଣ ପଦ ବାକ୍ୟରେ କ୍ରିୟାକୁ ବିଶେଷିତ କରେ, ତାହାକୁ କ୍ରିୟାବାଚକ ବିଶେଷଣ କୁହାଯାଏ । କ୍ରିୟା ମୂଳରୂପରୁ ଜାତ ବା ଗଠିତ ଯେଉଁ ବିଶେଷଣ ପଦ ବାକ୍ୟରେ ବିଶେଷ୍ୟ ପଦରୁ ବିଶେଷିତ କରେ ତାହାକୁ କ୍ରିୟାବାଚକ ବିଶେଷଣ କୁହାଯାଏ । କ୍ରିୟାରୁ ମୂଳ ପ୍ରକୃତି ଧାତୁରୁ ଗଠିତ । ଧାତୁ ବା କ୍ରିୟାର ମୂଳରୂପ ସହିତ 'ଅନ୍ତା', 'ଇଲା', 'ଆ' ପ୍ରତ୍ୟୟ ଯୋଗରେ କ୍ରିୟାବାଚକ ବିଶେଷଣ ଗଠିତ ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷଣର ବ୍ୟବହୃତ ହୋଇଛି ତାହା ନିମ୍ନରେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ପ୍ରୟୋଗ ହୋଇଥିବା କ୍ରିୟାବାଚକ ବିଶେଷଣର ଉଦାହରଣଗୁଡ଼ିକ ନିମ୍ନରେ ଦିଆଗଲା । ଯଥା–

୧. "ଯେବଣ ବେଳେ ଶାହାସ୍ରକୁ ଅନୁକୂଳ କଲେ ବେଦବ୍ୟାସ
ବିଧି ଗାଢ଼େ ଆଜ୍ଞା ତୋତେ ଦେଲେ ନିରାଳସେ ।"
(ଗଣେଶଙ୍କ ବନ୍ଦନା, ପଦ-୧୦, ପୃ.୨)

୨. "ଜୟ ତୁ ଜୟ ତୁ ଦେବ ସୁରଗଣ ରଖନ୍ତା
ଜୟ ତୁ ଜୟତୁ ଦେବ ପରମ ପତି ଦ୍ୟନ୍ତା ।"
(ଗଣେଶଙ୍କ ବନ୍ଦନା, ପଦ-୬, ପୃ.୧)

୩. "ତାଡ଼ ତୋଡ଼ର ସିମନ୍ତୁନୀ କର୍ଣ୍ଣେ କର୍ଣ୍ଣାଞ୍ଚଳ
ଖେଳନ୍ତା ସିଙ୍ଘ ଜାଣି ଦଶଇ ଗଙ୍ଗାର ବାଳ ।"
(ଭୀଷ୍ମଙ୍କ ପ୍ରତିଜ୍ଞା, ପଦ-୫, ଆଦିପର୍ବ, ପୃ.୧୨)

୪. "ଡ଼ଗର ବାରତା କହିଲେ ବେଗେ ଯାଇଁ
ଭୀଷ୍ମଙ୍କ ଡ଼ରେ ଶାଲୁ ନଇଲା ଗୋସାଇଁ ।"
(ଅମ୍ବା ଉପାଖ୍ୟାନ, ପଦ-୨୭, ପୃ.୬୦)

୫. "ଆଜ୍ଞା ପ୍ରମାଣେ ଗଲାକ ଦୂତପତି
ଭୀଷ୍ମଙ୍କ ଛାମୁରେ ଯାଇ ପ୍ରବେଶ ତଡ଼ତି ।"

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା କ୍ରିୟାବାଚକ ବିଶେଷଣଗୁଡ଼ିକ ହେଉଛି : – (୧) ଅନୁକୂଳ କଲେ, (୨) ରଖନ୍ତା, ଦ୍ୟନ୍ତା, (୩) ଖେଳନ୍ତା, (୪) ବେଗେ ଯାଇଁ, (୫) ଯାଇଁ ପ୍ରବେଶ ତଡ଼ିତ ।

ଅମିଶ୍ର ଓ ମିଶ୍ର କ୍ରିୟାପଦ :

ଅମିଶ୍ର କ୍ରିୟାପଦ :

ଯେଉଁ କ୍ରିୟା ଗୋଟିଏ ପଦରେ ପ୍ରକାଶିତ ହୁଏ ତାହାକୁ ଅମିଶ୍ର କ୍ରିୟା କୁହାଯାଏ । ଅର୍ଥାତ୍ ଗୋଟିଏ ପଦରେ କୁହାଯାଉଥିବା କ୍ରିୟାକୁ 'ଅମିଶ୍ର କ୍ରିୟା' କୁହାଯାଏ । ଏ ପ୍ରକାର କ୍ରିୟା ଦୁଇଟି ପଦ ହୋଇପାରେ ନାହିଁ ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କେତେଗୁଡ଼ିଏ ଅମିଶ୍ର କ୍ରିୟାର ଉଦାହରଣ ନିମ୍ନରେ ଦିଆଗଲା । ଯଥା –

୧. "ସେହୁ ସିଦ୍ଧ ଦେବତାୟ ବିଜୟଯେ ସେହୁ ଥାନେ
ତ୍ରିବେଣୀ ସ୍ନାହନ କରି ସେ ମାଧବ ଦରଶନେ ।"
(ଗଣେଶଙ୍କ ବନ୍ଦନା, ପଦ-୧୪, ପୃ.୨)

୨. "ପୁରୁର ବାୟେ ବାଣ୍ଟିଲେ ସଚରାଚର ପୃଥୀ
ନବଦ୍ୱୀପ ସପତ ସାଗର ବସାଇଲେ ବସୁମତୀ ।"
(ବଂଶାନୁଚରିତ୍ର, ପଦ-୧୯, ପୃ.୮)

୩. "ଆହୋ ତ୍ରିଦଶ ଦେବତାୟେ ଯେ ମନ୍ଥିଲେ ସମୁହର
ତହୁଁ ଉତପତ୍ତି ହୋଇଲେ ଶଶଧର ।"
(ବଂଶାନୁଚରିତ୍ର, ପଦ-୧୪, ପୃ.୮)

୪. "ସମୋଦ୍ର ଭିତରେ ନେଇଁ ଶୁଭ ଖମ୍ଭେକ ପୋତିଲା
ସେହୁଠାରୁଁ ସମୋଦ୍ର ସୀମା ଲଙ୍ଘି ନୁଆରିଲା ।"
(ଯଯାତି ଉପାଖ୍ୟାନ, ପଦ-୨୬, ପୃ.୧୧)

୫.	"ଭୁମନୁର ନନ୍ଦନ ଉପୁଜିଲେ ବିରଥ
ଯେ ସେ ଭିଆଇଲେ ଯୋଦ୍ଧା ପାତ୍ର ଅମନାତ୍ୟ ।"
(ଯଯାତି ଉପାଖ୍ୟାନ, ପଦ-୩୩, ପୃ.୧୧)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା ଅମିଶ୍ର କ୍ରିୟାଗୁଡ଼ିକ ହେଉଛି । ଯଥା – (୧) ଦରଶନେ, (୨) ବାଣ୍ଟିଲେ, (୩) ମନ୍ଥିଲେ, (୪) ପୋତିଲା, ନୁଆରିଲା, (୫) ଉପୁଜିଲେ, ଭିଆଇଲେ ।

ମିଶ୍ର କ୍ରିୟା :

ଯେଉଁ କ୍ରିୟା ଏକାଧିକ ପଦରେ ପ୍ରକାଶିତ ହୋଇଥାଏ ତାହାକୁ ମିଶ୍ର କ୍ରିୟା କୁହାଯାଏ । ଦୁଇଟି ପଦରେ ପ୍ରକାଶ କରାଯାଉଥିବା ମିଶ୍ର କ୍ରିୟା ବୋଲାଯାଏ । ଏ ପ୍ରକାର କ୍ରିୟା ମିଶ୍ର କ୍ରିୟା ରୂପେ ବ୍ୟବହୃତ ହୋଇପାରେ ନାହିଁ ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କେତେକ ମିଶ୍ର କ୍ରିୟାର ଉଦାହରଣ ନିମ୍ନରେ ଦିଆଗଲା –

୧.	"ସ୍ୱାମୀ ଯେବଣ ସାହସ୍ର ଲେଖକ କଲୁ ଯେବଣ ଯୋଗେ
ସେ ଅମୃତ ଦୃଷ୍ଟିରେ ପ୍ରସନ୍ନ ହୋଅ ବେଗେ ।"
(ଗଣେଶ ବନ୍ଦନା, ପଦ-୧୭, ପୃ.୨)

୨.	"ଯେ ଦୁଷ୍ୟନ୍ତର ମହିମାନ ପାଇଁ କହଣ
ସମୋଦ୍ର ଛଡ଼ାଇ ନେଲା ସେ ଅଶୀସହସ୍ର ଯୁଗ ।"
(ଯଯାତି ଉପାଖ୍ୟାନ, ପଦ-୨୫, ପୃ.୧୧)

୩.	"ଦୁଷ୍ୟନ୍ତର ନନ୍ଦନ ଯେ ଅଟଇ ବୀର ଭ୍ରଥ
ସମୋଦ୍ର ଘୁଞ୍ଚାଇଁ ଦିଲା ଯୋଜନ ସାତଶତ ।"
(ଯଯାତି ଉପାଖ୍ୟାନ, ପଦ-୨୮, ପୃ.୧୧)

୪.	"ତହୁଁ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିମ୍ନେଣ ଦେଖିଲା ସେ ଦେବ ପଦ୍ମ ଯୋନି ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୯, ପୃ.୧୪)

୫.	"ଅଶ୍ୱ ଉପରେଂ ବିଜେ କରିଛନ୍ତି ଶମ୍ଭୁରାଣ
ମାଳା ଘେନିଣ ତପତୀ ମିଳିଲା ସନ୍ନିମ୍ନେଣ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୪୩, ପୃ.୧୫)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହେଇଥିବା ମିଶ୍ରକ୍ରିୟାଗୁଡ଼ିକ ହେଉଛି – (୧) ଲେଖନ କଲୁ, (୨) ଛଡ଼ାଇ ନେଲା, (୩) ଘୁଞ୍ଚାଇ ଦିଲା, (୪) ଘେନି ଚଳିଲା, (୫) ବିଜେ କରିଛନ୍ତି ।

ସକର୍ମକ କ୍ରିୟା, ଅକର୍ମକ କ୍ରିୟା ଓ ଦ୍ୱିକର୍ମକ କ୍ରିୟା :

ସକର୍ମକ କ୍ରିୟା :

ଓଡ଼ିଆ ବାକ୍ୟ କର୍ତ୍ତା, କର୍ମ ଓ କ୍ରିୟା ଏହି ବିଧାନରେ ବ୍ୟବହାର କରାଯାଏ । ଯିଏ କ୍ରିୟା ସାଧନ କରେ ସେ କର୍ତ୍ତା । କ୍ରିୟା ସାଧନରେ କର୍ତ୍ତାର ଯାହା ଅଭିଳଷିତ ଓ କରଣୀୟ ତାହାକୁ ବ୍ୟାକରଣ ମତରେ କର୍ମ କୁହାଯାଏ । ଗୋଟିଏ ପୂର୍ଣ୍ଣାଙ୍ଗ ବାକ୍ୟରେ କର୍ମ ସ୍ପଷ୍ଟ ଭାବରେ କ୍ରିୟାପଦ ସହିତ ସମ୍ବନ୍ଧିତ ହୋଇରହିଥାଏ । ବାକ୍ୟରେ ଯେଉଁ କ୍ରିୟାପଦର କର୍ମଥାଏ, ତାହାକୁ 'ସକର୍ମକ କ୍ରିୟା' କୁହାଯାଏ । ସାରଳା ମହାଭାରତର ଆଦିପର୍ବରେ ଯେଉଁ ପଦଗୁଡ଼ିକରେ ସକର୍ମକ କ୍ରିୟାର ବ୍ୟବହାର ଦେଖାଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

୧.	"ଯାହାକୁ ଭାବଇ ମାଗୋ ତୋହୋର ମନଇଚ୍ଛା
ମାଳା ଦେଇଂ ବର ଗୋ ଯେ ତୋହର ମନବାଞ୍ଛା ।"
(ଶାନ୍ତନୁ ବିବାହ, ପଦ-୪, ପୃ.୧୮)

୨.	"ଭ୍ରଥାର ଆର୍ଦୋଳି ଯେବେ ଭାରିଯା ନ ସହିବ
ପତି ପତ୍ନୀର କେମନ୍ତେ ଗୃହବାସ ହୋଇବ ।"
(ଶାନ୍ତନୁ ବିବାହ, ପଦ-୫୭, ପୃ.୨୨)

୩.	"ହୋମଘୃତ ପାରଣା କରନ୍ତି ବର କନ୍ୟା
ଯେ ସନେକ ପ୍ରଦାନ ସେ ବିଭାର ବିଧାନ ।"
(ଶାନ୍ତନୁ ବିବାହ, ପଦ-୬୫, ପୃ.୨୩)

୪.	"ନାରାୟଣ ଆତ୍ମା ଯେ ଅଟଇ ମହାବ୍ରହ୍ମ
ସଂସାର ଅଗାଦକୁ ନାଉକା ଅଟଇ ଧର୍ମ ।"
(ଶାନ୍ତନୁ ବିବାହ, ପଦ-୭୮, ପୃ.୨୪)

୫.	"ଯେ ମନ୍ତେ ଅନେକ ମତେ କରାଇଲା ବିମୁଖ
ଗୃହବାସ ନିମନ୍ତେ ରକ୍ଷି ସହିଲେ ଅନେକ ଦୁଃଖ ।"
(ଶାନ୍ତନୁ ବିବାହ, ପଦ-୧୦୦, ପୃ.୨୭)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହେଇଥିବ ସକର୍ମକ କ୍ରିୟାଗୁଡ଼ିକ ହେଉଛି । ଯଥା – (୧) ମାଳା ଦେଇ, (୨) ଗୃହବାସ ହୋଇବ, (୩) ପାରଣା କରନ୍ତି. (୪) ନାଉକା ଅଟଇ, (୫) ରକ୍ଷି ସହିଲେ, (୬) ରନ୍ଧନ କରାବନ୍ତି ।

ଅକର୍ମକ କ୍ରିୟା :

ଯେଉଁ କ୍ରିୟାର କୌଣସି କର୍ମ ନଥାଏ, ତାହାକୁ ଅକର୍ମକ କ୍ରିୟା କୁହାଯାଏ । ବାକ୍ୟରେ କର୍ମକ ଥାଇ କର୍ତ୍ତା ଦ୍ୱାରା ପ୍ରତ୍ୟକ୍ଷ କ୍ରିୟା ସାଧନ ହୋଇଥିବାର ବୁଝାଗଲେ ସେହି ବାକ୍ୟର କ୍ରିୟା

'ଅକର୍ମକ' ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ ଅକର୍ମକ କ୍ରିୟାର ବ୍ୟବହାର ଦେଖା ଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ହୋଇଥିବା କେତେଗୁଡ଼ିଏ ଅକର୍ମକ କ୍ରିୟାର ଉଦାହରଣ ତଳେ ଦିଆଗଲା । ଯଥା –

୧. "ଅନେକ ମନ୍ଦ ବୋଲଇ ବହୁତ ଦିଅଇ ଗାଳି
ଶାୟେତନୁ ବୋଇଲେ ଗଙ୍ଗାତୁ ଯେଡେ ବଡ଼ ଜଞ୍ଜାଳ ।"
(ଶାନ୍ତନୁ ବିବାହ, ପଦ-୧୪୯, ପୃ.୩୧)

୨. "ଯେ ସନେକ ଅନେକ କାଳ ସହିଲେ ଶାୟେଂତନୁ ମହାରଷି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବାସୀ ।"
(ଶାନ୍ତନୁ ବିବାହ, ପଦ-୧୫୮, ପୃ.୩୨)

୩. "ରାତ୍ର ହୋଇଅଛି ଯେ ପଞ୍ଚଦଶ ଘଡ଼ି
ଗଙ୍ଗାର ଗର୍ଭୁ ହାଦେ ପୁତ୍ରେକ ଅପତାରି ।"
(ଶାନ୍ତନୁ ବିବାହ, ପଦ-୧୬୨, ପୃ.୩୨)

୪. "ଦଶମାସ ଗର୍ଭରେ ଧଇଲାକ ମାଘ
ସେ ଏବେ ମୂର୍ଚ୍ଛି ପାରଇ ତା ଗର୍ଭର ବ୍ୟଥା ।"
(ଶାନ୍ତନୁ ବିବାହ, ପଦ-୧୬୮, ପୃ.୧୩୨)

୫. "ଆମ୍ଭର କୋପ କଲେ ସେ କାହାର ହୋଇଯିବ
ଘର ଖଣ୍ଡି ଯେ କରିଅଛୁଂ ସେ ଯେହିକ୍ଷଣି ଭଞ୍ଜିବ ।"
(ଶାନ୍ତନୁ ବିବାହ, ପଦ-୧୭୦, ପୃ.୧୩୨)

ଉପରୋକ୍ତ ପାଞ୍ଚଟି ପଦ ମ୍ନରେ ବ୍ୟବହୃତ ହୋଇଥିବା ଅକର୍ମକ କ୍ରିୟାଗୁଡ଼ିକ ହେଉଛି – (୧) ଦିଅଇ, (୨) ସହିଲେ, (୩) ହୋଇଅଛି, (୪) ଧଇଲାକ, (୫) ହୋଇଯିବ, କରିଅଛୁଁ ।

ଦ୍ୱିକର୍ମକ କ୍ରିୟା :

ଯେଉଁ କ୍ରିୟା ଦୁଇଟି କର୍ମ ଗ୍ରହଣ କରିଥାଏ ତାହାକୁ ଦ୍ୱିକର୍ମପଦ କ୍ରିୟା କୁହାଯାଏ ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କେତେ ଦ୍ୱିକର୍ମକ କ୍ରିୟାର ଉଦାହରଣ ତଳେ ଦିଆଗଲା ।

୧. "ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନକୁ
ସଂଗେ ଘେନିଗଲେ ଚିତ୍ର ବିଚିତ୍ର ବୀର୍ଯ୍ୟକୁ ।"
(ଶାନ୍ତନୁ ବିବାହ, ପଦ-୧୯୨, ପୃ.୩୪)

୨. "ମଳୟ ନୀଳବଂଶେ ହୋଇଲେ ଉତପତ୍ତି
ଯେହି ରୂପେ ବଂଶ ତା'ର ବିଡ଼ାଳ ବିଖ୍ୟାତ ।"
(ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ବିବାହ, ପଦ-୧୨, ପୃ.୪୨)

୩. "ଅମ୍ବିକା ଅମ୍ବାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ
ଆରେକ କନ୍ୟା ଯେବେ ଅଛି ମୋତେ କିମ୍ପାଇଁ ନ ବରିଲେ ।"
(ଭୀଷ୍ମଙ୍କ ବିବାହ ପ୍ରସ୍ତାବ, ପଦ-୨୬, ପୃ.୪୬)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା ଦ୍ୱିକର୍ମକ କ୍ରିୟାଗୁଡ଼ିକ ହେଉଛି –

(୧) ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନ

(୨) ମଳୟ ନୀଳ ବଂଶେ ହୋଇଲେ

(୩) ଅମ୍ବିକା ଅମ୍ବାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ ।

ସାରଳା ମହାଭାରତର ଆଦିପର୍ବରେ ଅନେକ ପ୍ରକାର କ୍ରିୟାପଦ ବ୍ୟବହୃତ ହୋଇଥିବାର ଦେଖାଯାଏ । ତନ୍ମଧ୍ୟରୁ ସମାପିକା କ୍ରିୟା, ଅସମାପିକା କ୍ରିୟା, ଯୌଗିକ କ୍ରିୟା, ନାସ୍ତିକରଣ କ୍ରିୟା, ନାମଧାତୁ କ୍ରିୟା, ପ୍ରେରଣାର୍ଥକ କ୍ରିୟା, ସକର୍ମକ କ୍ରିୟା, ଅକର୍ମକ କ୍ରିୟା ଓ କ୍ରିୟା ବିଶେଷଣ, କ୍ରିୟାବାଚକ ବିଶେଷଣ କିଭଳି ଆଦପର୍ବର ପଦଗୁଡ଼ିକରେ ବ୍ୟବହୃତ ହେଉଛି ତାହା ଦର୍ଶାଇଛି ।

ଆଦିପର୍ବର ପଦଗୁଡ଼ିକରେ ସମାପିକା କ୍ରିୟା ବ୍ୟବହାର ଦେଖାଯାଇଛି । ପଦର ଆରମ୍ଭରେ, ମଧ୍ୟରେ ଓ ପଦର ଅନ୍ତ ମଧ୍ୟ ସମାପିକା ବ୍ୟବହୃତ ହୋଇଛି । ଆଦିପର୍ବ ବ୍ୟବହୃତ ସମାପିକା ଉଦାହରଣ ରୂପେ ଦିଆଗଲା । ପଢ଼ନ୍ତି, ସମର୍ପିଲେ, ଦିଅଇ, ପାଳିଲା, ବସିବା, ଧଇଲେ, ମାଗୁଥିଲା, ବସିଲା, ପୂଜିଲା, ଝାସ ଦେଲେ, ହାଣି ପକାଇଲା, ଅସମାପିକା କ୍ରିୟା ପରେ କେତେକ ସମାପିକା କ୍ରିୟା ଦେଖାଯାଇଛି । ସେଗୁଡ଼ିକ ଉଦାହରର ରୂପେ ଦିଆଗଲା- ବରି ଆଣିଲେ, କରି ଆଣିଲେ, ବାଣ୍ଟି ନେଲେ ଓ କାନ୍ଦି ଶୋଇଥାଇ ।

ଆଦିପର୍ବରେ ଦେଖା ଯାଇଥିବା ବିଭିନ୍ନ ରୂପ ଅସମାପିକା ଉଦାହରଣ ରୂପେ ଦିଆଯାଇଛି । ଅସମାପିକା କ୍ରିୟା 'ପାଉ' ଧାତୁ ସହି ନପାରନ୍ତି, ଲଙ୍ଘି ନପାରି । ଅସମାପିକା କ୍ରିୟା 'ପା' ଧାତୁ କଢ଼ି ପକାଇଲା, ହାଣି ପକାଇଲା, ପେଲି ପକାଇଲା । ଅସମାପିକା କ୍ରିୟା 'ପଡ୍' ଧାତୁ - ଧାଇଂ ପଡ଼ିଲେ, ଡେଇଂପଡ଼ି, ଢଳି ପଡ଼ିଲା । ଅସମାପିକା କ୍ରିୟା 'ଦେ' ଧାତୁ - ଛାଡ଼ି ଦେଲା, କହିଦେବା, ବୁଡ଼ାଇଣ ଦେଲା । ଅସମାପିକା କ୍ରିୟା 'ଆଣ' ଧାତୁ ଲିପିଆଣଇ । ଅସମାପିକା କ୍ରିୟା 'ନେ' ଧାତୁ ବାହିନେଲି । ଧାତୁରେ 'ଇ', 'ଇଣ' ଯୋଗରେ ଅସମାପିକା କ୍ରିୟା - ପାଳି, ତେଜିଣ, ଭରି, ଦେଖିଣ, ନେଇ, ଯାଇ, ହୋଇଣ, ଶୁଣି, ଦେଖି । 'ଇ' ଓ 'ଇଂ'

ପରେ 'କରି' ଧାତୁ ଯୋଗରେ ଅସମାପିକା କ୍ରିୟା – ଦେଖିକରି, ସ୍ତୁତିକରି, ପାରିକରି, ବୋଲିକରି, ଘେନିକରି, ହୋଇକରି । ଗୋଟିଏ ଅସମାପିକା କ୍ରିୟା ପଦରେ ଥାଇ ପୁନଃ ସେହି ଅସମାପିକା କ୍ରିୟା ବ୍ୟବହାରକୁ ପୌନଃପୁନିକ ବା ଜିପ୍‌ସା – ବାହିବାହି, ଦେଖୁଂ ଦେଖୁଂ । ଯୌଗିକ ଅସମାପିକା କ୍ରିୟା – ପେଲି ପକାଇ, ଦେଖିକରି, ଭିଆଣ କରି ।

ସାରଳା ମହାଭାରତର ଆଦିପର୍ବରେ ଯୌଗିକ କ୍ରିୟାର ସହାୟକ ଧାତୁ ରୂପେ 'କର' ଓ 'ହୋ' ଧାତୁର ବହୁଳ ବ୍ୟବହୃତ ହୋଇଥିବାର ଦେଖାଯାଏ । 'କର୍' ଧାତୁର ଯୋଗରେ ଯୌଗିକ କ୍ରିୟା- ପୂଜାକଲେ, ନାଗକରି, ବିଜେ କରି, ପାରଣା କରନ୍ତି, ବାଞ୍ଛା କରଇ, ଲେଖନ କର, ଦହନ କରି, ଗମନ କରନ୍ତି, ଭେଟ କରାଇଲେ । 'ହୋ' ଧାତୁର ସହାୟକରେ ଗଠିତ ଯୌଗିକ କ୍ରିୟା- ପ୍ରବେଶ ହୋଇଲେ, ଆସି ହୋଅଇ, ଭେଟ ହୋଇଲେ, ବେଶଜ ହୋଇ, ଦୃଶ୍ୟ ହୋଇଲା, ବିଭା ହୋଇଣ, ବରଣ ହୋଇଲା, ପ୍ରଳମ୍ବିତ ହୋଇଲେ, ପଠନ ହୋଇଲା, ଦେଖି ହୋଇଲେ, ଉତ୍ପତ୍ତି ହୋଇଲେ । ଏହିପରି ଦୁଇଟି ଧାତୁର ମିଶ୍ରଣରେ ଗଠିତ ଯୌଗିକ କ୍ରିୟା- ଖେଳୁଥାଇ, ଦିଶୁଅଛି, ଧରିଅଛି, କରିଦିଲା, ଖଟିଥିବେ, ଛାଡ଼ିଗଲା, କରିଛନ୍ତି, ଧରିଛନ୍ତି । ଆଦିପର୍ବରେ ଏହିଭଳି ଯୌଗିକ କ୍ରିୟାର ବହୁଳ ପ୍ରୟୋଗ ହୋଇଥିବାର ଦେଖାଯାଏ ।

ଆଦିପର୍ବରେ ନାସ୍ତିକରଣ କ୍ରିୟା - ନ ଥାଇଂ, ନ ଯାଇଂ, ନ ସହିବୁ, ନ ଦେବୁ, ନ ଛାଡ଼ିଲ, ନ ପାଇଲି, ନ ମାରିଲୁ, ନୋହିଲା, ନଯାନ୍ତି । ଆଦିପର୍ବରେ ବ୍ୟବହୃତ ନାସ୍ତିକରଣ କ୍ରିୟା ପୂର୍ବରୁ 'ନ' ବ୍ୟବହୃତ ହୋଇଥିବାର ଦେଖାଯାଏ । ଆଦିପର୍ବରେ ପ୍ରେରଣାର୍ଥକ କ୍ରିୟା 'କରାଇଲେ ପଠନ'- ବିଦ୍ୟା ଶିଖାଇଲେ, ପରୀକ୍ଷା କରାଇଲେ, ବସାଇଲେ, ବୋଲାଇଲେ । ଆଦିପର୍ବରେ ନାମଧାତୁ କ୍ରିୟା - ଗୋଡ଼ାଇ, ଗୋଡ଼ାବନ୍ତି, ଜନ୍ମିଲା, ପ୍ରକାଶଇ । ଆଦିପର୍ବରେ ସକର୍ମକ କ୍ରିୟା ଓ ଅକର୍ମକ କ୍ରିୟା ବ୍ୟବହାର ମଧ୍ଯ ଦେଖାଯାଏ । ସକର୍ମମ କ୍ରିୟାରେ କର୍ମ ସହିତ କ୍ରିୟା ଥାଏ ପଦରେ । ଯେପରି- 'ମାଳାଦେଇ' ପାରଣା କରନ୍ତି, ରନ୍ଧନ କରାବନ୍ତି, ଚକ୍ଷୁରେ ଦେଖିଲେ । ଅକର୍ମକ କ୍ରିୟା କ୍ଷେତ୍ରରେ ଯେଉଁ ପଦର କର୍ମ ନଥାଇ କ୍ରିୟା ରହିଥାଏ । ଯେପରି- ସେ ଖେଳଇ, ଗଙ୍ଗା ଉଠିଣ, ପୁରୁଷ ଆସି, ସେ ଦିଶଇ । ଏହିପରି ଭାବେ ଆଦିପର୍ବରେ ସକର୍ମକ ଓ ଅକର୍ମକ କ୍ରିୟା ବ୍ୟବହୃତ ହୋଇଥିବାର ଦେଖାଯାଏ ।

ସାରଳା ମହାଭାରତର ଆଦିପର୍ବରେ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷଣ ମୁଁ କିପରି ବ୍ୟବହାର ହୋଇଛି ତାହା ମୁଁ ଦର୍ଶାଇଛି । କ୍ରିୟା ବିଶେଷଣରେ ଦେଖିବାକୁ ପାଇଛି ବିଶେଷଣ ପରେ କ୍ରିୟା ବ୍ୟବହୃତ ହୋଇଛି । ଯଥା- ପ୍ରଳମ୍ବିତେ ଖଟଇଂ, ବେଗେ ଯାଇ, ଯେହ୍ନେ ହୁଅଇ, ଚମତ୍କାର ହୋଇଲି, ଯତନ କରି । କ୍ରିୟାବାଚକ ବିଶେଷଣରେ 'ଅନ୍ତା', 'ନ୍ତେ', 'ଅନ୍ତେ', 'ଲା', 'ଇଲା', 'ଲେ', 'ଇଲେ' ଯୋଗରେ ଆଦିପର୍ବରେ ବ୍ୟବହୃତ ହୋଇଥିବା ଦେଖାଯାଏ । ଯଥା- ଖେଳନ୍ତା, ଶୁଣନ୍ତା, କରନ୍ତା, ଧରନ୍ତେ, ଦେଖନ୍ତେ, ଆସନ୍ତେ, ଚଳିଲେ, ହୋଇଲେ, ଧଇଲେ, ପୋତିଲା, ବରିଲା, ଚଳିଲା ।

ସାରଳା ମହାଭାରତର ଆଦିପର୍ବରେ କ୍ରିୟା କିପରି ପଦରେ ବ୍ୟବହାର ହୋଇଛି ତାହାହିଁ ମୁଁ ଦର୍ଶାଇଛି । ପ୍ରତିକ୍ରିୟାର ବିଭାଗ କରି ସେହି କ୍ରିୟା ଯେଉଁ ପଦରେ ବ୍ୟବହୃତ ସେହି ପଦକୁ ମୁଁ ଦର୍ଶାଇ କ୍ରିୟାପଦର ବ୍ୟବହାରକୁ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରି ଦର୍ଶାଇବାକୁ ଯଥାସମ୍ଭବ ଚେଷ୍ଟା କରିଛି ।

ପ୍ରାନ୍ତଟୀକା :

୧. ତ୍ରିପାଠୀ ସନ୍ତୋଷ : ଓଡ଼ିଆ ବ୍ୟାକରଣ କଳନା, ୨୦୦୮, ପୃ.-୩୨୭

୨. ମହାପାତ୍ର ନାରାୟଣ ଓ ଦାସ ଶ୍ରୀଧର : ସର୍ବସାର ବ୍ୟାକରଣ, ୨୦୧୯, ପୃ.-୬୩

୩. ତତ୍ରୈବ, ପୃ.-୬୩

୪. ତତ୍ରୈବ, ପୃ.-୬୩

୫. ତତ୍ରୈବ, ପୃ.-୬୩

୬. ତତ୍ରୈବ, ପୃ.-୬୪

୭. ମହାନ୍ତି, ଆର୍ତ୍ତବଲ୍ଲଭ (ସଂକଳକ ଓ ସଂପାଦକ) : ସାରଳା ମହାଭାରତ ଆଦିପର୍ବ, ପ୍ରଥମ ଖଣ୍ଡ, (ସବୁପଦ) ।

ଗବେଷକ

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), **Vol.- 8, Issue No.XII, March 2023**
Bastabatara Pariprakash Prachee
Peer Reviewed and Referred Research Journal

ଜଗନ୍ନାଥ ଦାସଙ୍କ ଭାଗବତ : ଏକ ଭାଷାତାତ୍ତ୍ୱିକ ବିଶ୍ଳେଷଣ

ଡ. କଳ୍ପତରୁ ନାୟକ

ଜଗନ୍ନାଥ ଦାସ ୧୪୯୧ ମସିହାରେ ପୁରୀ ଜିଲ୍ଲାର କପିଳେଶ୍ୱର ଶାସନରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଭଗବାନ ପଣ୍ଡା ଓ ମାତାଙ୍କ ନାମ ପଦ୍ମାବତୀ ଦେବୀ । ସେ ଭାଗବତ ବ୍ୟତୀତ 'ତୁଳାଭିଣା', 'ମନଶିକ୍ଷା', 'ଗୁଣ୍ଡିଚା ମାଳିକା', 'ପାଷାଣ୍ଡ ଦଳନ', 'ଶୈବାଗମ ଭାଗବତ', 'ବ୍ରହ୍ମଗୀତା' ଭଳି ଅନେକ କୃତିର ସ୍ରଷ୍ଟା । 'ଓଡ଼ିଆ ଭାଗବତ' ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ । ସେ ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ଛାୟାରେ ଏହାକୁ ରଚନା କରିଛନ୍ତି । ଓଡ଼ିଆ ଭାଗବତ ରଚନା ମୂଳରେ ଅନେକ କାରଣ ରହିଛି । ଯଥା- (କ) ଜଗନ୍ନାଥ ଦାସଙ୍କ ମାତା ପଦ୍ମାବତୀ ଦେବୀଙ୍କ ଅନୁରୋଧ, (ଖ) ଭଗବାନଙ୍କ ସ୍ୱପ୍ନାଦେଶ, (ଗ) ଶାସ୍ତ୍ର ଉପରେ ବ୍ରାହ୍ମଣ୍ୟବାଦର ଏକଚାଟିଆ ଅଧିକାରକୁ ବ୍ୟାହତ କରିବା,(ଘ) ଲୋକମାନଙ୍କୁ ଧର୍ମାନ୍ତରୀକରଣରୁ ନିବୃତ୍ତ କରିବା, (ଙ) ଭାଷାର ସରଳୀକରଣ ଦ୍ୱାରା ଧର୍ମଶାସ୍ତ୍ରକୁ ସମସ୍ତ ଜନତାଙ୍କ ନିକଟବର୍ତ୍ତୀ କରାଇବା, (ଚ) ସମସ୍ତ ଓଡ଼ିଶାକୁ ଗୋଟିଏ ସୂତ୍ରରେ ବାନ୍ଧିରଖିବା, (ଛ) ହିନ୍ଦୁମାନଙ୍କ ମନରେ ଧର୍ମର ଅଖଣ୍ଡ ପ୍ରଭାବ ଅପ୍ରତିହତ ରଖିବା ଏବଂ (ଜ) ଧର୍ମବିଶ୍ୱାସ ବଢ଼ାଇ ଲୋକମାନଙ୍କୁ ସତ୍ ମାର୍ଗରେ ପରିଚାଳନା କରିବା ।

ବ୍ୟାସଦେବ ବାର ସ୍କନ୍ଧ ବିଶିଷ୍ଟ ଭାଗବତ ରଚନା କରିଥିଲେ । ଓଡ଼ିଆ ଭାଗବତର ସ୍କନ୍ଧ ସଂଖ୍ୟା ତେର । ଜଗନ୍ନାଥ ଦାସ ପ୍ରଥମରୁ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିଲେ । ଭାଗବତ କୃଷ୍ଣଭକ୍ତି ରସର ଗ୍ରନ୍ଥ । ଏକାଦଶ ସ୍କନ୍ଧରେ ଭଗବାନ କୃଷ୍ଣଙ୍କ ବୈକୁଣ୍ଠ ପ୍ରାପ୍ତି ହେତୁ ସେ ଦ୍ୱାଦଶ ସ୍କନ୍ଧ ରଚନା କରି ନଥିଲେ । ଜଗନ୍ନାଥ ଦାସଙ୍କ ମୃତ୍ୟୁ ପରେ ମହାଦେବ ଦାସ ଭାଗବତର ଦ୍ୱାଦଶ ସ୍କନ୍ଧ ଏବଂ ଦ୍ୱାଦଶ ସ୍କନ୍ଧରେ ଉଦ୍ଧବଙ୍କୁ ମୁକ୍ତି ମିଳି ନଥିବାରୁ ଦ୍ୱାରକା ଦାସ ତ୍ରୟୋଦଶ ଅଧ୍ୟାୟ ବିଶିଷ୍ଟ ଭାଗବତର ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ । ଭାଗବତର ସମୁଦାୟ ଅଧ୍ୟାୟ ସଂଖ୍ୟା ୩୫୪ । ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତର ଅଧ୍ୟାୟ ସଂଖ୍ୟା ୩୨୮ ।

ଓଡ଼ିଆ ଭାଷା ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ ଭାରତୀୟ ଆର୍ଯ୍ୟଶାଖାର ଭାଷା । ଓଡ଼ିଆ ଭାଷାରେ ଚାରି କୋଟିରୁ ଅଧିକ ଲୋକ କଥାଭାଷା ହୁଅନ୍ତି । ଦ୍ୱିତୀୟ ଶତାବ୍ଦୀର ଭରତ ମୁନି 'ନାଟ୍ୟଶାସ୍ତ୍ର'ର ଭାଷା ବିଧାନ, ଅଷ୍ଟାଦଶ ଅଧ୍ୟାୟର ପଦସଂଖ୍ୟା ଅଠଚାଳିଶରେ ଓଡ଼ିଆ ଭାଷା ଏକ ବିଭାଷା ବୋଲି ଉଲ୍ଲେଖ କରିଛନ୍ତି । ଭାଷଙ୍କ ନାଟକ 'ଅବିମାରକ-୨'ରେ 'ଦିସଇ', 'ହୋନ୍ତି' ଏବଂ କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକରେ 'ତୁଇ', 'ପିଅଂତି' ପରି ଅନେକ ଓଡ଼ିଆ ଶବ୍ଦର ବ୍ୟବହାର ରହିଛି । ଅଶୋକଙ୍କ 'ଧଉଳି' ଓ 'ଜଉଗଡ଼' ଶିଳାଲେଖରେ 'କିଛି', 'ଏକ', 'ନଥି', 'ସେ', 'ତୁ', 'ଦେବ' ଆଦିଶବ୍ଦ ଏବଂ ଖାରବେଳଙ୍କ 'ହାତିଗୁମ୍ଫା' ଶିଳାଲେଖରେ 'ବବହାର', 'ପଛିମ', 'ଦେଇ', 'ଲେଖ', 'ଗଣନା' ଆଦି ଓଡ଼ିଆ ଶବ୍ଦ ଦୃଷ୍ଟିଗୋଚର ହୁଏ । 'ଚର୍ଯ୍ୟାପଦ', 'ଶିଶୁବେଦ' ଓ 'ଅମରକୋଷ'ରେ ଅନେକ ଓଡ଼ିଆ ଖଣ୍ଡବାକ୍ୟର ପ୍ରୟୋଗ ଲକ୍ଷ୍ୟ କରାଯାଏ । ବତ୍ସା ଦାସଙ୍କ 'କଳସା ଚଉତିଶା'ରେ ଓଡ଼ିଆ ଭାଷାର ସ୍ୱୟଂସମ୍ପୂର୍ଣ୍ଣ ରୂପ ଦେଖିବାକୁ ମିଳେ । ଜଗନ୍ନାଥ ଦାସଙ୍କ ପୂର୍ବରୁ ସାରଳା ଦାସ 'ମହାଭାରତ' ଏବଂ ବଳରାମ ଦାସ 'ରାମାୟଣ' ଭଳି ବିରାଟ ଗ୍ରନ୍ଥ ସବୁ ଓଡ଼ିଆ ଭାଷାରେ ରଚନା କରିସାରିଥିଲେ ।

ଧ୍ୱନି ତତ୍ତ୍ୱ : ଧ୍ୱନି ତତ୍ତ୍ୱରେ ଧ୍ୱନିର ବିବରଣ, ଶ୍ରେଣୀକରଣ ଓ ଗଠନଗତ ଦିଗ ସଂପର୍କରେ ଆଲୋଚନା କରାଯାଇଥାଏ ।

ମନୁଷ୍ୟର ବାଗଯନ୍ତ୍ର ଦ୍ୱାରା ସୃଷ୍ଟି ହୋଇଥିବା ସାର୍ଥକ ଏକକ ଉଚ୍ଚାରଣକୁ ଧ୍ୱନି କହନ୍ତି । ଏହି ଧ୍ୱନିକୁ ଶୃଙ୍ଖଳିତ ଭାବେ ବ୍ୟବହାର କରି ମଣିଷ ଭାବ ବ୍ୟକ୍ତ କରିଥାଏ ।

ମୁଦ୍ରିତ ଆକାରରେ ମିଳୁଥିବା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ 'ଅ', 'ଆ', 'ଇ', 'ଈ', 'ଉ', 'ଊ', 'ଋ', 'ଏ', 'ଐ', 'ଓ', 'ଔ' ସ୍ୱର ଦୃଷ୍ଟିଗୋଚର ହେଲାବେଳେ ଋ, ଌ, ୡ ଆଦିର ବ୍ୟବହାର ଦେଖାଯାଏ ନାହିଁ ।

'ଅ' ବ୍ୟତୀତ ଅନ୍ୟ ସମସ୍ତ ସ୍ୱର ବ୍ୟଞ୍ଜନ ସହ ମିଶିଲେ ସଂପୂର୍ଣ୍ଣ ରୂପେ ମିଳିତ ନହୋଇ ସଂକେତ ରୂପ ଧାରଣ କରେ, ଯାହାର ରୂପ ବ୍ୟଞ୍ଜନର ଉର୍ଦ୍ଧ୍ୱରେ, ନିମ୍ନରେ, ଏକପାର୍ଶ୍ୱରେ ଏବଂ ଉଭୟପାର୍ଶ୍ୱରେ ଦୃଷ୍ଟିଗୋଚର ହୁଏ । 'ଙ' ଓ 'ଞ'ବ୍ୟଞ୍ଜନ ସହ ସ୍ୱରର ସଂଯୋଗ ଭାଗବତରେ ଦୃଷ୍ଟିଗୋଚର ହୁଏ ନାହିଁ ।

ତିନୋଟି ଅଯୋଗବାହ ବା ପରାଶ୍ରୟୀ ବର୍ଣ୍ଣ ଅନୁସ୍ୱାର (ଂ), ବିସର୍ଗ (ଃ) ଓ ଚନ୍ଦ୍ରବିନ୍ଦୁ (ଁ)' ମଧ୍ୟରୁ ବିସର୍ଗ କେବଳ ବ୍ୟଞ୍ଜନରେ ବ୍ୟବହୃତ ହେଉଥିଲା ବେଳେ ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁ ଉଭୟ ସ୍ୱର ଓ ବ୍ୟଞ୍ଜନରେ ବ୍ୟବହୃତ ।

ବର୍ଗୀୟ ଏବଂ ଅବର୍ଗୀୟ ଭେଦରେ ବ୍ୟଞ୍ଜନ ଦ୍ୱିବିଧ । ବର୍ଗୀୟ ବ୍ୟଞ୍ଜନ କଣ୍ଠ୍ୟ, ତାଲବ୍ୟ, ମୂର୍ଦ୍ଧଣ୍ୟ, ଦନ୍ତ୍ୟ ଓ ଓଷ୍ଠ୍ୟ ଭେଦରେ ପାଞ୍ଚ ପ୍ରକାରର ।

ଆଲୋଚନାରୁ ଜଣାଯାଏ ଅଳ୍ପପ୍ରାଣ ବର୍ଣ୍ଣ 'କ', 'ଚ', 'ଜ', 'ଟ', 'ଡ', 'ତ', 'ଦ' ନିଜେ ନିଜ ସହ ଦ୍ୱିତ୍ୱ ହୋଇ ସଂଯୁକ୍ତ ବର୍ଣ୍ଣ ଗଠନ କରେ । ଅଳ୍ପପ୍ରାଣ ସହ ମହାପ୍ରାଣ ସଂଯୁକ୍ତ ହେବାର ପରିମାଣ କମ୍ । କେବଳ ଚାରୋଟି ଅଳ୍ପପ୍ରାଣ ଚାରୋଟି ମହାପ୍ରାଣ ସହ ସଂଯୁକ୍ତ ହେବାର ରୂପ ଉପଲବ୍ଧ । ମହାପ୍ରାଣ କେବେହେଲେ ସମବର୍ଗୀୟ ବା ବିଷମବର୍ଗୀୟ ମହାପ୍ରାଣ ସହ ଯୋଗହେବାର ରୂପ ଦୃଷ୍ଟିଗୋଚର ହୁଏ ନାହିଁ । 'କ' ଏବଂ 'ଟ' ବର୍ଗର ମହାପ୍ରାଣ ବର୍ଣ୍ଣ କୌଣସି ବି ବର୍ଗୀୟ ଅଳ୍ପପ୍ରାଣ ବା ମହାପ୍ରାଣ ସହ ସଂଯୁକ୍ତ ହୁଏ ନାହିଁ ।

ବର୍ଗୀୟ ବ୍ୟଞ୍ଜନ ସହ ଅବର୍ଗୀୟ ବ୍ୟଞ୍ଜନର ସଂଯୁକ୍ତ ରୂପ ଭାଗବତରେ ଦେଖାଯାଏ । 'ୱ' ଏବଂ 'ୟ' ଅର୍ଦ୍ଧସ୍ୱର ଦ୍ୱୟ ଅନ୍ୟ ବ୍ୟଞ୍ଜନକୁ ନିଜ ସହ ସଂଯୋଗ କରିପାରିବ ନାହିଁ କିନ୍ତୁ ଅନ୍ୟ ବ୍ୟଞ୍ଜନ ସହ ଯୁକ୍ତ ହୋଇପାରେ । ସମସ୍ତ ବର୍ଗ୍ୟ ଏବଂ ଅବର୍ଗ୍ୟ ବ୍ୟଞ୍ଜନ ସହ 'ଯ', 'ୱ', 'ଶ', 'ଷ', ଏବଂ 'ହ' ସଂଯୁକ୍ତ ହେବାର ରୂପ ଭାଗବତରେ ଅନୁପଲବ୍ଧ ।

ଭାଗବତରେ ଚାରି ପ୍ରକାରର ସଂଯୁକ୍ତାକ୍ଷରର ବ୍ୟବହାର ଲକ୍ଷ୍ୟ କରାଯାଏ । ଯଥା- (୧) 'ଳାଯୁକ୍ତ ସଂଯୁକ୍ତାକ୍ଷର, (୨) ସ୍ୱତନ୍ତ୍ର ସଂଯୁକ୍ତାକ୍ଷର, (୩) ଦ୍ୱିତଳ ସଂଯୁକ୍ତାକ୍ଷର ଏବଂ (୪) ସନ୍ନିକୃଷ୍ଟ ସଂଯୁକ୍ତାକ୍ଷର । ଭାଗବତରେ ସତରଟି 'ଳାଯୁକ୍ତ ସଂଯୁକ୍ତାକ୍ଷର, 'କ୍ଷ' ଓ 'ଜ୍ଞ' ବ୍ୟତୀତ କୋଡ଼ିଏଟି ସ୍ୱତନ୍ତ୍ର ସଂଯୁକ୍ତାକ୍ଷର, ପନ୍ଦରଟି ଦ୍ୱିତଳ ସଂଯୁକ୍ତାକ୍ଷର ପ୍ରୟୋଗ ରହିଛି । ଜଗନ୍ନାଥ ଦାସ ଯେଉଁ ସଂଯୁକ୍ତାକ୍ଷରକୁ ଦ୍ୱିତଳ ସଂଯୁକ୍ତାକ୍ଷର ଭାବେ ପ୍ରକାଶ କରି ନାହାନ୍ତି ତାହାକୁ ସନ୍ନିକୃଷ୍ଟ ସଂଯୁକ୍ତାକ୍ଷର ଭାବେ ଉଲ୍ଲେଖ କରିଛନ୍ତି ।

ଭାଗବତର କେତେକ ସ୍ଥାନରେ ପ୍ରାକୃତ ନିୟମର (ମୋନୁସ୍ୱାରଃ ।୧/୨୩ ଏବଂ ଙ-ଞ-ଣ-ନୋ ବ୍ୟଞ୍ଜନେ ।୧/୨୫) ସୂତ୍ର ଅନୁସାରେ ନାସିକ୍ୟ ବର୍ଣ୍ଣଗୁଡ଼ିକ ଅନୁସ୍ୱାରରେ ପରିଣତ ହେବାର ରୂପ ଉପଲବ୍ଧ । ଯଥା- ଗଣ୍ଠି (ଗଂଠି = ଗ+ଣ+ ଠ + ଇ = ଗଂ + ଠ + ଇ = ଗଂଠି)

ରୂପତତ୍ତ୍ୱ : ଭାଷାତତ୍ତ୍ୱର ଏକ ପ୍ରଧାନ ଶାଖା ରୂପତତ୍ତ୍ୱ । ଏହାକୁ ଇଂରାଜୀରେ ମର'ଲୋଜି (Morphology) କହନ୍ତି । ଏଥିରେ ରୂପ/ପଦର ଅଧ୍ୟୟନ ହୋଇଥାଏ । ରୂପିମ୍/ପଦର ଅର୍ଥ, ସ୍ୱରୂପ, ସମ୍ବନ୍ଧ ଆଦି ବିଷୟର ଅଧ୍ୟୟନ ହିଁ ରୂପତତ୍ତ୍ୱ ।

ଏହି ପର୍ଯ୍ୟାୟରେ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ ଆଲୋଚିତ ।

ବିଶେଷ୍ୟ :

ଓଡ଼ିଆ ଭାଷାରେ ବିଶେଷ୍ୟ ପଦ ସହିତ ସର୍ବଦା ଲିଙ୍ଗ, ବଚନ, କାରକ, ବିଭକ୍ତି କ୍ରମାନୁସାରେ ସଂଯୁକ୍ତ ହୋଇଥାଏ ।

ଲିଙ୍ଗ :

ବାକ୍ୟରେ ବ୍ୟବହୃତ ହୋଇଥିବା ଯେଉଁ ପଦଟି ପୁରୁଷ ଓ ନାରୀକୁ ଚିହ୍ନିତ କରିଥାଏ ତାହାକୁ ଲିଙ୍ଗ କୁହାଯାଏ । ଗୋଟିଏ ପୁଂଲିଙ୍ଗ ବାଚକ ଶବ୍ଦରେ ପ୍ରତ୍ୟୟ ଯୋଗକରି ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଗଢା ହୋଇଥାଏ । ଭାଗବତରେ ପୁଲିଙ୍ଗ ବାଚକ ଶବ୍ଦ ସହିତ ବିବିଧ ପ୍ରତ୍ୟୟ ଯୁକ୍ତ ହୋଇ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଗଠିତ ହୋଇଛି । ନିମ୍ନରେ ଏହାର ଦୃଷ୍ଟାନ୍ତ ।

ଭାଗବତରେ ଜଗନ୍ନାଥ ଦାସ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ପାଇଁ ପୁଂଲିଙ୍ଗ ବାଚକ ଶବ୍ଦରେ ଯୋଗ କରିଥିବା ଲିଙ୍ଗ ପରିବର୍ତ୍ତନକାରୀ ପ୍ରତ୍ୟୟ ଗୁଡ଼ିକ ହେଲା-'ଅ','ଅଣୀ', 'ଆୟଣୀ', 'ଆ', 'ଆନୀ', 'ଆଣୀ', 'ଇ', 'ଇନୀ', 'ଇଣୀ', 'ଈ', 'ଉଣୀ' । ଯଥା- ଦକ୍ଷ + ଆୟଣୀ = ଦାକ୍ଷାୟଣୀ, ଗଧ + ଉଣୀ = ଗଧୁଣୀ ।

ବଚନ :

ଯାହା ଦ୍ୱାରା ବାକ୍ୟରେ ବ୍ୟବହୃତ ହୋଇଥିବା ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ବା ପରିମାଣ ଜଣାଯାଏ ତାହାକୁ ବଚନ କୁହାଯାଏ । ଓଡ଼ିଆରେ ବଚନ ଦୁଇ ପ୍ରକାରର । ଯଥା- (କ) ଏକବଚନ (ଖ) ବହୁବଚନ । ଗଠନ ଦୃଷ୍ଟିରୁ ପତ୍ୟେକ ବଚନ 'ପ୍ରତ୍ୟୟ ଯୁକ୍ତ' ଏବଂ 'ଶବ୍ଦଯୁକ୍ତ' ଭେଦରେ ଦ୍ୱିବିଧ ।

ପ୍ରତ୍ୟୟ ଯୁକ୍ତ ଏକବଚନ = ଏ - ଅନ୍ନ ପୁଡ଼ାଏ ମାଏ ଦେବ ।୧୦/୨୪/୫୫ ।

ଶବ୍ଦଯୁକ୍ତ ଏକବଚନ- ଏକ /ଗୋଟିଏ- ଗୋପିକେ ଗୋବିନ୍ଦ ଗୋଟିଏ ।୧୦/୩୨/୧୭୫ ।

ପ୍ରତ୍ୟୟ ଯୁକ୍ତ ବହୁବଚନ - ଏ- ବନ୍ଧନେ ପଶୁଏ ଯେସନ । ୪/୨୯/୨୬୯ ।

ଏ, ମାନେ, ମାନ ପ୍ରତ୍ୟୟ ବହୁବଚନ ଉଦ୍ଦେଶ୍ୟରେ ଭାଗବତରେ ବ୍ୟବହୃତ ।

ଶବ୍ଦଯୁକ୍ତ ବହୁବଚନ- ଯୂଥ- କରିଣୀ ଯୂଥ ତାହା ଦେଖି ।୮/୨/୭୯

'ଅନେକ', 'ଗଣ', 'ଗଣେ', 'ଗୋଷ୍ଠୀ', 'ଆଦି','ମଣ୍ଡାଏ', 'ମାଳ', 'ମାଳା','ବୃନ୍ଦ', 'ବେନି', 'ବିବିଧ', 'ଯୂଥ', 'ପଲ', 'ପନ୍ତି', 'ସକଳ', 'ସର୍ବ', 'ସମୂହ', 'ଥୋକାଏ', 'ଥୋକେ', 'ଅଳପ','ମେଳେ', 'ଜନ','ସମସ୍ତ', 'ମଣ୍ଡଳ', 'ଯୁଗଳ', 'ସଙ୍ଗ', 'ସମୂହ', 'ନାନା'ଶବ୍ଦ ବହୁବଚନ ରୂପେ ବ୍ୟବହୃତ ।

ବିଶେଷ୍ୟ ଓ ବିଶେଷଣର ପୁନଃପୁନଃ ପ୍ରୟୋଗରେ ବହୁବଚନ ହୋଇଥାଏ । ଯଥା- 'ଯୂଥଯୂଥ', 'ପନ୍ତିପନ୍ତି', 'ଖଣ୍ଡଖଣ୍ଡ', 'ମାଳେମାଳେ', 'କୁଦକୁଦ' ।

କାରକ :

ଗୋଟିଏ ପୂର୍ଣ୍ଣବାକ୍ୟରେ କ୍ରିୟା ସହିତ ପଦମାନଙ୍କର ଥିବା ସଂପର୍କକୁ କାରକ କହନ୍ତି ।ଓଡ଼ିଆ ଭାଷାରେ କାରକ ଦୁଇ ପ୍ରକାରର । (୧) ସାଧାରଣ କାରକ ଏବଂ (୨) ତିର୍ଯ୍ୟକ କାରକ ।

(୧) ସାଧାରଣ କାରକ :

ବାକ୍ୟରେ କ୍ରିୟା ସହ ସଂପର୍କ ରଖୁଥିବା ପ୍ରତ୍ୟୟହୀନ ପଦରେ ସାଧାରଣ କାରକ ହୁଏ । ଉଦାହରଣ-

ନିଶ୍ଚୟ ପଡ଼ିବି ନରକ । ୯/୭/୧୯୬

ଯଶୋଦା **ରାମ** ଘେନି କୋଳେ । ୧୦/୯/୭୮

(୨) ତିର୍ଯ୍ୟକ କାରକ :

ବାକ୍ୟରେ କ୍ରିୟା ସହିତ ସଂପର୍କ ରଖୁଥିବା ପ୍ରତ୍ୟୟ ଯୁକ୍ତ ପଦକୁ ତିର୍ଯ୍ୟକ କାରକ କୁହାଯାଏ । ତିର୍ଯ୍ୟକ କାରକ ଛଅ ପ୍ରକାରର । ଯଥା- (କ) କର୍ତ୍ତା କାରକ, (ଖ) କର୍ମ କାରକ, (ଗ) କରଣ କାରକ, (ଘ)ସଂପ୍ରଦାନ କାରକ, (ଙ)ଅପାଦାନ କାରକ ଏବଂ (ଚ)ଅଧିକରଣ କାରକ ।

(କ) କର୍ତ୍ତା କାରକ : ଯେ କ୍ରିୟା ସଂପାଦନକରେ/ କରାଏ ତାହା କର୍ତ୍ତା କାରକ । ଯଥା-

ଭୋ ଦେବ କମଳ ଲୋଚନ ।

(ଖ) କର୍ମ କାରକ : କର୍ତ୍ତା ଯାହା କ୍ରିୟା ସାଧନ କରେ ତାହା କର୍ମକାରକ । ଯଥା-

ବ୍ୟାସଙ୍କୁ କହିଲେ ନାରଦ । ୧୦/୯୩/୫୫୭

(ଗ) କରଣ କାରକ : ଯାହାଦ୍ୱାରା କର୍ତ୍ତା କ୍ରିୟା ସାଧନକରେ ତାହା କରଣ କାରକ । ଉଦାହରଣ-

ଜଟା ଉପାଡ଼ି ନିଜ କରେ । ୯/୪/୧୨୧

(ଘ) ସଂପ୍ରଦାନ କାରକ : କର୍ତ୍ତା ନିଜର ଅଧିକାରକୁ ତ୍ୟାଗକରି କ୍ରିୟା ସାଧନ ପାଇଁ ଯାହାକୁ ଦାନ କରେ ସେଠାରେ ସଂପ୍ରଦାନ କାରକ ହୁଏ । ଯଥା - ହୋତାଙ୍କୁ ପୂର୍ବଦିଗ ଦେଲେ । ୯/୧୧/୬

(ଙ) ଅପାଦାନ କାରକ : ବାକ୍ୟରେ କୌଣସି ବସ୍ତୁ ପୃଥକ ହେବା ବୁଝାଇଲେ, ଯାହାଠାରୁ ପୃଥକ ହୁଏ ସେଠାରେ ଅପାଦାନ କାରକ ହୁଏ । ଉଦାହରଣ-ତୋହର ପାଦୁଁ ଜାତ ମହୀ । ୧୦/୩/୧୮୨

(ଚ) ଅଧିକରଣ କାରକ : କର୍ତ୍ତା ଯେବେ /ଯେଉଁଠି କ୍ରିୟା ସାଧନ କରେ ସେଠାରେ ଅଧିକରଣ କାରକ ହୁଏ । ଉଦାହରଣ- କାମଦେବର ଭସ୍ମକାଳେ । ସମ୍ବର ନେଲା ତାକୁ ବଳେ । ୧୦/୫୯/୧୧

ବିଭକ୍ତି :

ବାକ୍ୟ ମଧ୍ୟରେ ଯେଉଁ ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟି ବିଭିନ୍ନ ପଦର ବଚନ, କାରକ ଓ ସମ୍ବନ୍ଧ ପଦକୁ ସୂଚିତ କରାଇବାରେ ସହାୟକ ହୋଇଥାଏ ତାହାକୁ ବିଭକ୍ତି ପ୍ରତ୍ୟୟ କହନ୍ତି । ଭାଗବତରେ ବ୍ୟବହୃତ ବିଭକ୍ତି ପ୍ରତ୍ୟୟଗୁଡ଼ିକ ହେଲା-

ପ୍ରଥମା ବିଭକ୍ତି- ଏ, ଭୋ, ଟି

ଦ୍ୱିତୀୟା ବିଭକ୍ତି- କୁ, ଙ୍କୁ, କି, ଙ୍କି, ଉ, ଏ, ଣେ, ତେ, ରେ, ନ୍ତ

ତୃତୀୟା ବିଭକ୍ତି- ଏ, ରେ, ଏଣ, ଯେ

ଚତୁର୍ଥୀ ବିଭକ୍ତି- କୁ, ଙ୍କୁ, କି, ଙ୍କି, ଉ, ଏ, ପାଇଁ, ଅର୍ଥେ, ନିମନ୍ତେ, ସକାଶ, ତେ ।

ପଞ୍ଚମୀ ବିଭକ୍ତି- ଉ, ଏ, ଉଂ, ଉଁ, ରୁ, ଠାରୁ, ଠାର, ଠାରେ, ହୁଁ, ହୁଂ, ତହୁଂ, ତହୁଁ, ନ୍ତେ, ର-ତହୁଁ ।

ଷଷ୍ଠୀ ବିଭକ୍ତି- ର, ଙ୍କ, ଙ୍କର, ମାନଙ୍କର ।

ସପ୍ତମୀ ବିଭକ୍ତି- ଏ, ର, ରେ, ଠାଏଁ, ଠାଇଁ, ଠାର, ଠାରେ, ଠାବେ, ନ୍ତେ, ଏଣ, ର-ତହିଁ ।

ବିଷେଷଣ :

ବାକ୍ୟରେ ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦିକୁ ବୁଝାଇଥାଏ, ତାହାକୁ ବିଶେଷଣ କୁହାଯାଏ । ଅର୍ଥାତ୍ ଯେଉଁ ପଦ ଅନ୍ୟପଦକୁ ବିଶେଷିତ କରେ ତାହା ବିଶେଷଣ । ଗଠନ ଦୃଷ୍ଟିରୁ ବିଚାର କଲେ ବିଶେଷଣ ଦୁଇ ପ୍ରକାରର । ଯଥା- ସରଳ ବିଶେଷଣ ଓ ଯୌଗିକ ବିଶେଷଣ ।

ସରଳ ବିଶେଷଣ :

ସରଳ ବିଶେଷଣଗୁଡ଼ିକ ଏକ ଶବ୍ଦ ବିଶିଷ୍ଟ ଯେଉଁଥିରେ ପ୍ରତ୍ୟୟ ଯୋଗ ହୋଇନଥାଏ । ଉଦାହରଣ-

ମୋର ଶରୀରେ କାର୍ଯ୍ୟ ନାହିଁ । ଅସାର ଅନିତ୍ୟ ଏ ଦେହୀ । ୧୦/୯୬/୬୦

ଯୌଗିକ ବିଶେଷଣ :

ଯୌଗିକ ବିଶେଷଣଗୁଡ଼ିକ ମୂଳ ଓ ଅନ୍ୟାନ୍ୟ ପଦକୁ ନେଇ ଗଠିତ । ଭାଗବତରେ ଯୌଗିକ ବିଶେଷଣର ବ୍ୟବହାର- ଆତ୍ମତତ୍ତ୍ୱଜ୍ଞ ଯୋଗୀମାନ । ସମାଧି ଯୋଗରେ ପ୍ରମାଣ ।

୨୦/୫/୧୮

ବିଶେଷଣକୁ ବର୍ଣ୍ଣନାତ୍ମକ ଏବଂ ନିର୍ଦ୍ଦେଶାତ୍ମକ ଭେଦରେ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି ।

ବର୍ଣ୍ଣନାତ୍ମକ ବିଶେଷଣ :

ବର୍ଣ୍ଣନାତ୍ମକ ବିଶେଷଣ ସାଧାରଣତଃ ଗୁଣବାଚକ । ବାକ୍ୟରେ ଏହି ବିଶେଷଣ ପଦ ବିଶେଷ୍ୟ ପଦ ସହିତ କିମ୍ବା ବିଧେୟ ସ୍ଥାନରେ କର୍ତ୍ତା ବା କର୍ମ ସହିତ ସଂପର୍କ ରଖି ତାହାର ଗୁଣକୁ ପ୍ରକାଶ କରେ । ଏଥିରେ ରୂପ, ଅବସ୍ଥା, ଚରିତ୍ର ଲକ୍ଷଣ, ରଙ୍ଗ, ସଂଖ୍ୟା, ବୟସ, ଆକାର, ସମୟ, ପରିମାଣ, ରୀତି, ଗୁଣ, ସ୍ଥାନ ଆଦି ବିଶେଷିତ ହୋଇଥାଏ ।

ନିର୍ଦ୍ଦେଶାତ୍ମକ ବିଶେଷଣ :

ଯେଉଁ ବିଶେଷଣ ପଦଟି ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟତାକୁ ସୂଚିତ କରାଏ ତାକୁ ନିର୍ଦ୍ଦେଶାତ୍ମକ ବିଶେଷଣ କହନ୍ତି ।ଏହାକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ଯଥା- (କ) ସାର୍ବନାମିକ, (ଖ) ପରିମାଣାତ୍ମକ, (ଗ) ଅଂଶବାଚକ, (ଘ) ସଂଖ୍ୟାବାଚକ ।

ବିଶେଷଣର ବିଶେଷ ଆଲୋଚନା :

ବିଶେଷ୍ୟର ବିଶେଷଣ ରୂପେ ପ୍ରୟୋଗ :

ବିଶେଷ୍ୟ ପଦ ବାକ୍ୟରେ ବ୍ୟବହୃତ ହୋଇ ଅନ୍ୟ ବିଶେଷ୍ୟ ପଦକୁ ବିଶେଷିତ କଲେ, ତାହାକୁ ବିଶେଷ୍ୟର ବିଶେଷଣ ରୂପ କୁହାଯାଏ । ଭାଗବତରେ ଏହାର ଉଦାହରଣ-

ନର ଶରୀର ଅଶ୍ୱଶିର । ସୁବର୍ଣ୍ଣ ବର୍ଣ୍ଣ ଜଟାଭାର ।।୨/୬/୫୭

ବିଶେଷଣର ବିଶେଷଣ ରୂପେ ପ୍ରୟୋଗ :

ବାକ୍ୟରେ ଯେଉଁ ବିଶେଷଣ ପଦଟି ଅନ୍ୟ ଏକ ବିଶେଷଣ ପଦର ଆଧିକ୍ୟ ବା ନ୍ୟୁନତାକୁ ବିଶେଷିତ କରିଥାଏ ତାହାକୁ ବିଶେଷଣର ବିଶେଷଣ କୁହାଯାଏ । ଭାଗବତରେ ଏହାର ଉଦାହରଣ-

ଦଗ୍ଧ ସୁବର୍ଣ୍ଣ ପ୍ରାୟେ ବର୍ଣ୍ଣ । କର୍କଶ ପିଙ୍ଗଳ ଲୋଚନ ।

୭/୮/୯୬

ବିଧେୟ ବିଶେଷଣ :

ବାକ୍ୟରେ ପ୍ରୟୋଜନ ଦୃଷ୍ଟିରୁ ବିଶେଷ୍ୟ ପଦର ପରେ ବିଶେଷଣ ପଦ ପ୍ରୟୋଗ ହୋଇଥିଲେ, ତାହାକୁ ବିଧେୟ ବିଶେଷଣ କହନ୍ତି । ଯଥା- ତୁ ନାଥ ପୁରୁଷ ପୁରାଣ । ୭/୪/୯୫

କ୍ରିୟା ବିଶେଷଣ :

ବାକ୍ୟରେ ଯେଉଁ ବିଶେଷଣ ପଦଟି କ୍ରିୟାର କୌଣସି ଗୁଣକୁ ବିଶେଷିତ ବା ପ୍ରକାଶ କରେ, ତାହାକୁ କ୍ରିୟା ବିଶେଷଣ କହନ୍ତି ।ଭାଗବତରେ ଏହାର ଉଦାହରଣ-ଭୋ ମୁନି **ବିସ୍ତାରିଣ** କହ । ୫/୧୬/୧୩

କ୍ରିୟାଜ ବିଶେଷଣ :

କ୍ରିୟାରୁ ସୃଷ୍ଟି ହୋଇଥିବା ବା କ୍ରିୟାରୁ ଗଠିତ ହୋଇଥିବା ପଦ ବିଶେଷ୍ୟ ପଦର ଗୁଣ ବା ଅବସ୍ଥାକୁ ବିଶେଷିତ କରୁଥିଲେ,

ତାହାକୁ କ୍ରିୟାଜ ବିଶେଷଣ କହନ୍ତି ।ଭାଗବତରେ ଏହାର ଉଦାହରଣ-

ଶୋଇଲା ପୁଅକୁ କନ୍ଦାଏ । ଗୋଡ଼ାଇ ଗଲେ ଗାଳିଦିଏ ॥ ୧୦/୯/୧୩୩

ସାର୍ବନାମିକ ବିଶେଷଣ :

ବାକ୍ୟରେ ଯେଉଁ ସାର୍ବନାମିକ ପଦ ବିଶେଷଣ ପଦରୂପେ ବ୍ୟବହୃତ ହୋଇଥାଏ, ତାହାକୁ ସାର୍ବନାମିକ ବିଶେଷଣ କହନ୍ତି । ଯଥା-

କାଳିନ୍ଦୀ ହ୍ରଦେ ନ ପଶିବୁ । ଜୀବନେ **ଯେତେ**କାଳ ଥିବୁ ॥ ୧୦/୧୮/୭୮

ବିଶେଷଣର ସାର୍ବନାମିକ ବିଶେଷଣ :

ବାକ୍ୟରେ ଯେଉଁ ସାର୍ବନାମିକ ବିଶେଷଣ ପଦଟି ବିଶେଷଣକୁ ବିଶେଷିତ କରାଏ, ତାହା ବିଶେଷଣର ସାର୍ବନାମିକ ବିଶେଷଣ । ଭାଗବତରେ ଏହାର ଉଦାହରଣ-

ଏ ଘୋର ସଂକଟ ତାରଣେ । ଶରଣ ଗଲୁ ତୋ ଚରଣେ ।
୮/୨୩/୧୬୦

ସର୍ବନାମ :

ବାକ୍ୟରେ ଯେଉଁ ପଦଟି ଅନ୍ୟ କୌଣସି ପଦ, ଖଣ୍ଡବାକ୍ୟ ବା ବାକ୍ୟ ପରିବର୍ତ୍ତେ ବ୍ୟବହୃତ ହୋଇଥାଏ ତାହାକୁ ସର୍ବନାମ କୁହାଯାଏ । ବ୍ୟବହାର ଦୃଷ୍ଟିରୁ ସର୍ବନାମ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା-(୧) ବ୍ୟକ୍ତିବାଚକ/ପ୍ରାଣୀବାଚକ ସର୍ବନାମ ଏବଂ (୨) ଅବ୍ୟକ୍ତିବାଚକ/ଅପ୍ରାଣୀବାଚକ ସର୍ବନାମ । ପ୍ରତ୍ୟେକ ସର୍ବନାମର ସରଳ ଓ ତୀର୍ଯ୍ୟକ ଭେଦରେ ଦୁଇଟି ରୂପ ରହିଛି ।

(୧) ପ୍ରାଣୀବାଚକ ସର୍ବନାମ :

ପ୍ରାଣୀବାଚକ ସର୍ବନାମକୁ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ ଏବଂ ଆତ୍ମବାଚକ ଭେଦରେ ଭାଗ କରାଯାଇଛି ।

ପ୍ରଥମ ପୁରୁଷ ସରଳ ସର୍ବନାମ ରୂପ- ମୁଁ ପ୍ରିୟ ସୁହୃଦ ତୋହର । ୩/୧/୧୫୧

ପ୍ରଥମ ପୁରୁଷ ତୀର୍ଯ୍ୟକ ସର୍ବନାମ ରୂପ- ଉପାୟ ଥିଲେ କହ ମୋତେ । ୧୧/୪/୬୪

(୨) ଅପ୍ରାଣୀବାଚକ ସର୍ବନାମ :

ଅପ୍ରାଣୀବାଚକ ସର୍ବନାମଗୁଡ଼ିକ ପାଞ୍ଚ ପ୍ରକାରର । ଯଥା- (୧) ନିର୍ଦ୍ଦେଶାତ୍ମକ ସର୍ବନାମ (୨) ପ୍ରଶ୍ନସୂଚକ ସର୍ବନାମ (୩) ସମ୍ବନ୍ଧବାଚକ ସର୍ବନାମ (୪) ନିର୍ଣ୍ଣୟାତ୍ମକ ସର୍ବନାମ (୫) ବିବରଣାତ୍ମକ ସର୍ବନାମ

(୧) ନିର୍ଦ୍ଦେଶାତ୍ମକ ସର୍ବନାମ- ଏ ମହୀତଳେ ଯେତେ ରାଜା । ୪/୧୨/୬

(୨) ପ୍ରଶ୍ନସୂଚକ ସର୍ବନାମ – କିବା କାରଣ କିସ ଅର୍ଥେ । ଏଥେ ମିଳିଲ ଶୂନ୍ୟପଥେ । ୧୧/୧୪/୧୧୦

(୩) ସମ୍ବନ୍ଧବାଚକ ସର୍ବନାମ- ବାସବ ବଜ୍ରେ ହୋଇ ଭଙ୍ଗ । ଯେହ୍ନେ ପଡ଼ଇ ଗିରିଶୃଙ୍ଗ ॥ ୧୦/୬୪/୭୯

(୪) ନିର୍ଣ୍ଣୟାତ୍ମକ ସର୍ବନାମ- ସକଳ ମାୟା ମୟ ହେଉ । ନଟର ପ୍ରାୟେ ତୁ ଦେଖାଉ ॥ ୬/୯/୧୨୯

(୫) ବିବରଣାତ୍ମକ ସର୍ବନାମ-ଏମନ୍ତେ ଅସୁରଙ୍କ ମାୟା ।
୮/୧୦/୧୩୨

କ୍ରିୟା :

ଗଠନ ଦୃଷ୍ଟିରୁ କ୍ରିୟାକୁ ଦୁଇଭାଗରେ ବିଭକ୍ତ କରାଯାଏ । ଯଥା- ଅସମାପିକା କ୍ରିୟା ଏବଂ ସମାପିକା କ୍ରିୟା ।ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ନପାଇ ଅନ୍ୟ ଏକ କ୍ରିୟାର ଅପେକ୍ଷା ରଖେ ତାହାକୁ ଅସମାପିକା କ୍ରିୟା ଏବଂ ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଇଥାଏ ଏବଂ ଅନ୍ୟ କ୍ରିୟାର ଅପେକ୍ଷା ରଖେ ନାହିଁ ତାହାକୁ ସମାପିକା କ୍ରିୟା କୁହାଯାଏ ।

ଅସମାପିକା କ୍ରିୟା : ଅସମାପିକା କ୍ରିୟାପଦରେ ସାଧାରଣତଃ 'ଇ', 'ଉ', 'ଇଲେ', 'ଅନ୍ତେ', 'ଉଣୁ', 'ଏ', 'ତେ', 'ଆଇ' ପ୍ରତ୍ୟୟ ଯୋଗ ହୋଇଥାଏ । 'ଆଇ', 'ଇଣ', 'ଆଇଁ', 'ଆନ୍ତେ', 'ଉଁ', 'ଇବାର', 'ଅନ୍ତା', 'ଆରେ', 'ଇଁ', 'ଣ' ପ୍ରତ୍ୟୟ ଯୋଗେ ଗଠିତ ଅସମାପିକା କ୍ରିୟାପଦର ବ୍ୟବହାର ବର୍ତ୍ତମାନର ଓଡ଼ିଆ ଭାଷାରେ ନାହିଁ । ଅଧୁନା ମାନକ ଭାଷାରେ 'ଇ', 'ଉ', 'ଅନ୍ତେ', 'ଏ' ପ୍ରତ୍ୟୟ ଯୁକ୍ତ ଅସମାପିକା କ୍ରିୟାର ବହୁଳ ପ୍ରୟୋଗ ରହିଛି । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟକବିତାରେ ଏହି ପ୍ରତ୍ୟୟର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଉଦାହରଣ- ଇ- ଦେଖି, ଉ- ମଣୁ, ଅନ୍ତେ- ଚାଲନ୍ତେ, ଏ- ଲଙ୍ଘେ, ଇଁ- କହିବଇଁ, ଣ- ଦେଖିଣ

ସମାପିକା କ୍ରିୟା : ସମାପିକା କ୍ରିୟା 'ଶୁଦ୍ଧ' ଓ 'ମିଶ୍ର' ଭେଦରେ ଦ୍ୱିବିଧ । ଗୋଟିଏ ପଦରେ ଗଠିତ ସମାପିକା କ୍ରିୟାକୁ ଶୁଦ୍ଧ କ୍ରିୟା ଏବଂ ପଦରେ ସାହାଯ୍ୟକାରୀ କ୍ରିୟା ଯୋଗେ ଗଠିତ କ୍ରିୟାକୁ ମିଶ୍ର କ୍ରିୟା କହନ୍ତି ।

ଦେଖ ଏ ଅନିତ୍ୟ ଶରୀର । ୫/୧୧/୧୮(ଶୁଦ୍ଧକ୍ରିୟା)

ଉପୁଡ଼ି ପଡ଼ିଲେ ପ୍ରତ୍ୟକ୍ଷେ । ୨/୭/୧୨୯(ମିଶ୍ରକ୍ରିୟା)

କ୍ରିୟାର ମୂଳ ପିଣ୍ଡକୁ ଧାତୁ କୁହାଯାଏ । ଭାଗବତରେ ଚାରି ପ୍ରକାର ଧାତୁର ବ୍ୟବହାର ରହିଛି । ଯଥା- (କ) ତତ୍‌ସମ, (ଖ) ତଦ୍‌ଭବ, (ଗ) ଦେଶଜ ଏବଂ (ଘ) ଦ୍ରାବିଡ଼ ।

(କ) ତତ୍‌ସମ- କମ୍ପ (କମ୍ପଇ, ଧ୍ୱଂସ) ଧ୍ୱଂସିଲେ, ଛେଦ- ଛେଦିଲେ ।

(ଖ) ତଦ୍‌ଭବ- କୃ - କର - କରନ୍ତି, କଥ୍-କହ-କହନ୍ତି, ଜ୍ଞା-ଜାଣ-ଜାଣିଲି ।

(ଗ) ଦେଶଜ- ହମ୍ୱାଳ -ହମ୍ୱାଳ, ଲେଉଟ-ଲେଉଟ, ଯୋଖ-ଯୋଖିଲା, ଟଳ୍ -ଟଳିଲା ।

(ଘ) ଦ୍ରାବିଡ଼- ଚିପ୍‌ପୁ - ଚିପିଲେ, ଓଡୁ - ଅଡ଼ଇବା, କଢେ - କାଢଇ, ଚିରୁ - ଚିରିବା ।

କର୍ମ ଦୃଷ୍ଟିରୁ କ୍ରିୟା ତିନି ପ୍ରକାରର । ଯଥା- ସକର୍ମକ, ଅକର୍ମକ ଓ ଦ୍ୱିକର୍ମକ ।

କ୍ରିୟା ବିଭକ୍ତି :

(କ) ଭାଗବତରେ କ୍ରିୟାର ଦ୍ୱିତୀୟା ବିଭକ୍ତି ପାଇଁ 'ତେ' ଏବଂ 'ଏ' ଚିହ୍ନର ବ୍ୟବହାର ପରିଲକ୍ଷିତ ହୁଏ ।

ଯଥା- ଆଉ **କହିତେ** ନାହିଁ ବେଳ ।।୧୦/୪/୧୪୧, ପ୍ରାଣୀ **ମାରଣେ** ବଡ଼ ପ୍ରିୟ ।। ୭/୨/୪୬

(ଖ) ଭାଗବତରେ କ୍ରିୟାର ତୃତୀୟା ବିଭକ୍ତି ପାଇଁ 'ଏ' ଏବଂ 'ରେ' ଚିହ୍ନର ପ୍ରୟୋଗ ରହିଛି ।

ଯଥା- ତାଙ୍କୁ **ଭୋଜନେ** କରି ସୁଖୀ ।। ୮/୧୬/୧୩୧, ବିନୟେ **ସେବାରେ** ସେ ପୁଣ ।।୨/୯/୧୩୮

(ଗ) ଭାଗବତରେ କ୍ରିୟାର ପଞ୍ଚମୀ ବିଭକ୍ତି ପାଇଁ 'ଏ' ଚିହ୍ନର ପ୍ରୟୋଗ ରହିଛି । ଯଥା-

ଭାତୃ ନିଧନେ ସେ ବିକଳେ । ୭/୨/୧୮

ଅବ୍ୟୟ :

ଭାଗବତରେ ବିଭିନ୍ନ ପ୍ରକାର ଅବ୍ୟୟ ପଦର ବ୍ୟବହାର ରହିଛି । ସେଥିମଧ୍ୟରୁ ଅଧୁନା ପ୍ରଚଳିତ ଅବ୍ୟୟ ପଦ- ଯାହା, ତାହା, ଏ, ଏମନ୍ତ, ଯେଉଁ, ହୁଁ, ନ, ନାହିଁ, ହେ, ତେଣୁ, ତଥାପି, ଆଦି, ଏହି, କେ, ଲୋ, ବିନା, ବିନୁ, କି, କିମ୍ପାଇଁ, କିମ୍ପା, ଅବା, ଯେବେ, ବୋଲି, ସିନା, କେବଳ, ମାତ୍ର, ନିଶ୍ଚେ, ଅବଶ୍ୟ, କାହିଁ, ପୁଣି, ବା, ଏଣୁ, ଯେ, ଯେବେ-ତେବେ, ସକଳ, ଧିକ୍, କିସ, କେହି, ଟି, ଅଟଇ, ପରି .. । ଅଧୁନା ଅପ୍ରଚଳିତ ଅବ୍ୟୟ ପଦ- ଭୋ, ହୋ, କେହ୍ନେ, ପୁଣ, ଆର, ଆବର, ଯାବତ-ତାବତ, ଯେହ୍ନେ, ତେମନ୍ତ, ଯେମନ୍ତ, କେବଣ ଆଦି ।

ବାକ୍ୟତତ୍ତ୍ୱ : ବାକ୍ୟ ବିଜ୍ଞାନକୁ ଇଂରାଜୀରେ ସିନ୍‌ଟାକସ୍ (syntax) କହନ୍ତି । ସିନ୍‌ଟାକସ୍ (syntax) ଶବ୍ଦର ମୂଳ ଗ୍ରୀକ ଶବ୍ଦ syntaxis । ଏହାର ଅର୍ଥ ବାକ୍ୟ ମଧ୍ୟରେ ଥିବା ପଦଗୁଡ଼ିକର ପାରସ୍ପରିକ ସଂପର୍କର ବିଶ୍ଳେଷଣ କରିବା । ବାକ୍ୟ ସଂମ୍ବନ୍ଧୀୟ ଆଲୋଚନା ହିଁ ବାକ୍ୟ ବିଜ୍ଞାନ ।

ଏକ ବା ଏକାଧିକ ପଦ ମିଳିତ ହୋଇ ବକ୍ତା ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କରିବାରେ ସମର୍ଥ ହେଲେ, ତାହାକୁ ବାକ୍ୟ କହନ୍ତି ।ସାଧାରଣତ କର୍ତ୍ତା, କର୍ମ, କ୍ରିୟା ନିୟମରେ ଓଡ଼ିଆ ବାକ୍ୟ ରଚିତ । କାବ୍ୟ-କବିତା କ୍ଷେତ୍ରରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ଜଗନ୍ନାଥଙ୍କ ଭାଗବତରେ ମଧ୍ୟ ଏହାର ରୂପ ଉପଲବ୍ଧ ।

କର୍ତ୍ତା + କର୍ମ + କ୍ରିୟା = ପ୍ରାଣୀ ସଂସାରୁ ତରିଯାନ୍ତି । ୬/୧୬/୧୨୭

କର୍ତ୍ତା + କ୍ରିୟା + କର୍ମ = ରାଜା ପଶିଲା ବନଘୋରେ । ୯/୯/୧୧୩

କ୍ରିୟା + କର୍ତ୍ତା + କର୍ମ = କହଇ ଦାସ ଜଗନ୍ନାଥ । ପ୍ରଥମ ସ୍କନ୍ଧେ ଭାଗବତ ।। ୧/୧୪/୧୨୧

କ୍ରିୟା + କର୍ମ + କର୍ତ୍ତା = ଦେଖନ୍ତି ସ୍ୱର୍ଗେ ଦେବତାଏ ।। ୧୦/୩୪/୬

କର୍ମ + କର୍ତ୍ତା + କ୍ରିୟା = ଫୁଟି ବାଳକ ଉପୁଜିଲା । ୧୧/୮/୧୯୮

କର୍ମ + କ୍ରିୟା + କର୍ତ୍ତା = ବୃଦ୍ଧ ଶରୀର ଗ୍ରାସେ କାଳ । ୪/୨୩/୬

ଗଠନ ଦୃଷ୍ଟିରୁ ବାକ୍ୟ ତିନି ପ୍ରକାରର । ଯଥା- ସରଳ ବାକ୍ୟ, ଜଟିଳ ବାକ୍ୟ ଏବଂ ଯୌଗିକ ବାକ୍ୟ ।

ସରଳ ବାକ୍ୟ : ଯେଉଁ ବାକ୍ୟରେ ଗୋଟିଏ ଉଦ୍ଦେଶ୍ୟ, ଗୋଟିଏ ବିଧେୟ ଏବଂ ଗୋଟିଏ ସମାପିକା କ୍ରିୟା ଥାଏ, ତାହାକୁ ସରଳ ବାକ୍ୟ କୁହାଯିବ । ଯଥା-

ଏବେ ହୋ ଶୁଣ ନରନାଥ । କୃଷ୍ଣ ଚରିତ ଭାଗବତ ॥

୭/୧/୯୮

ଜଟିଳ ବାକ୍ୟ : ପରସ୍ପର ସାପେକ୍ଷ ଦୁଇ ବା ତତୋଧିକ ଆଶ୍ରିତ ବାକ୍ୟର ମିଳନରେ ଯେଉଁ ବାକ୍ୟ ଗଠିତ ହୁଏ, ତାହା ଜଟିଳ ବାକ୍ୟ । ଯଥା-

ଯେ ଦନ୍ତେ ରାମକୁ ହସିଲା । ସେ ଭାଜି ଭୂମିରେ ପଡ଼ିଲା ॥

ଯୌଗିକ ବାକ୍ୟ : ଦୁଇ ବା ତତୋଧିକ ନିରପେକ୍ଷ ବାକ୍ୟର ମିଶ୍ରଣରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ ଯୌଗିକ ବାକ୍ୟ କହନ୍ତି । ଯଥା-

ତୁ ଅନୁଗ୍ରହ ମୋତେ କର । ଏ କାମାନଳ ପରିହର ॥

୪/୨୫/୨୧୫

କହ ତୁ ତୋର କିସ ନାମ । କି ପ୍ରୟୋଜନେ ତୋ ଗମନ

॥ ୩/୨୦/୧୦୯

ଭାଗବତରଏହି ଦୁଇ ପଦରେ ବ୍ୟବହୃତ ଗୋଟିଏ ଗୋଟିଏ ପାଦ ଗୋଟିଏ ଗୋଟିଏ ସରଳବାକ୍ୟ । ଭାବ ଦୃଷ୍ଟିରୁ ଏଗୁଡ଼ିକ ଯୌଗିକ ବାକ୍ୟର ଯୋଗ୍ୟତା ରଖନ୍ତି କିନ୍ତୁ ଏଥିରେ କୌଣସି ସଂଯୋଜକ ଅବ୍ୟୟ ପଦର ବ୍ୟବହାର ନାହିଁ ।

ଭାବ ଅନୁସାରେ ବାକ୍ୟକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ଯଥା- (୧) ବିବୃତି ସୂଚକ ବାକ୍ୟ, (ଖ) ପ୍ରଶ୍ନ ସୂଚକ ବାକ୍ୟ, (୩) ବିସ୍ମୟ ସୂଚକ ବାକ୍ୟ ଏବଂ (୪) ଆଦେଶ ସୂଚକ ବାକ୍ୟ ।

କ୍ରିୟାର ସ୍ଥିତି ଦୃଷ୍ଟିରୁ ବାକ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । କ୍ରିୟାଯୁକ୍ତ ବାକ୍ୟ ଏବଂ କ୍ରିୟାହୀନ ବାକ୍ୟ ।

କ୍ରିୟାଯୁକ୍ତ ବାକ୍ୟ :

ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥

୧୧/୧୦/୧୧୪

କ୍ରିୟାହୀନ ବାକ୍ୟ- ବିଚିତ୍ର ବୀର୍ଯ୍ୟ ଶୁଦ୍ଧ କର୍ମା ।

ଅଶେଷ ତାହାର ମହିମା ॥ ୭/୮/୧୮୧

ରଚନା ଦୃଷ୍ଟିରୁ ବାକ୍ୟ ଦୁଇ ପ୍ରକାର । ଯଥା- ପୂର୍ଣ୍ଣ ବାକ୍ୟ ଓ ଅପୂର୍ଣ୍ଣ ବାକ୍ୟ ।

ପୂର୍ଣ୍ଣ ବାକ୍ୟ- ବାକ୍ୟର ସମସ୍ତ ଅଂଶ ଥାଇ ଯେଉଁ ବାକ୍ୟ ରଚନା କରାଯାଏ, ତାହା ପୂର୍ଣ୍ଣ ବାକ୍ୟ ।

ବ୍ରହ୍ମାଙ୍କୁ ପଚାରିଲେ ଯେତେ । ପ୍ରସନ୍ନେ କହିବି ମୁଁ ତୋତେ ॥

୨/୪/୮୪

ଏଥିରେ କର୍ତ୍ତା, କର୍ମ, କ୍ରିୟା ସହ ସମସ୍ତ ଯୋଗ୍ୟତା ଥିବାରୁ ଏହା ପୂର୍ଣ୍ଣ ବାକ୍ୟ ।

ଅପୂର୍ଣ୍ଣ ବାକ୍ୟ- ପ୍ରଶ୍ନ ଉତ୍ତର କ୍ଷେତ୍ରରେ ବା ଦୁଇ ଜଣଙ୍କ କଥୋପ କଥନରେ ପଦଗୁଡ଼ିକର ଲୋପହୋଇ ଅପୂର୍ଣ୍ଣ ବାକ୍ୟ ସୃଷ୍ଟି ହୁଏ । ଯଥା-

ଯାଅନ ଧର ଏତେବେଳେ ।

ପଛେ ଘେନିବି ତୋତେ କୋଳେ ॥ ୧୦/୧୦/୨୫

ଏଠାରେ 'ଯାଅ' ଏବଂ 'ନଧର ଏତେବେଳେ' ଦୁଇଟି ଅପୂର୍ଣ୍ଣ ବାକ୍ୟ ।

କାବ୍ୟିକ ବିଶେଷତା :

କାବ୍ୟ ରଚନା ସମୟରେ ବାକ୍ୟ ଗଠନର ନିୟମକୁ ପରିତ୍ୟାଗ କରିବାକୁ ପଡ଼ିଥାଏ । ଅନେକ କଥାକୁ ଗୋଟିଏ ଶବ୍ଦରେ ଏବଂ ଧାଡ଼ିରେ କହିବାକୁ ପଡ଼ିଥାଏ । ପଦମେଳ ପାଇଁ ନିୟମ ଭାଙ୍ଗିବାକୁ ପଡ଼ିଥାଏ । ଏହା ହିଁ କାବ୍ୟିକ ବିଶେଷତା ।

ପଦଲୋପ : ବାକ୍ୟରେ ବ୍ୟବହୃତ ବିଭିନ୍ନ ପଦର ଲୋପ କାବ୍ୟିକ ଭାଷାରେ ହୋଇଥାଏ । ପଦର ଲୋପ ହୋଇଥିଲେ ମଧ କାବ୍ୟର ସୌନ୍ଦର୍ଯ୍ୟ ବା ଅର୍ଥରେ କୌଣସି ପରିବର୍ତ୍ତନ ହୋଇନଥାଏ । ଯଥା-

କ୍ରିୟା ଲୋପ- ବ୍ରହ୍ମା ବଚନ ଇଷ୍ଟ ମୋର ।

ଏଣୁ ମନୁଷ୍ୟ ଅବତାର ॥ ୧୧/୮/୭

କର୍ତ୍ତା ଲୋପ- ବସି ଯେ ଥିଲା ବୃକ୍ଷଡାଳେ ॥

୭/୨/୧୮୨

କର୍ମ ଲୋପ- ମୁନି ବିଶ୍ୱରୂପ ହସିଲେ ॥ ୬/୭/୮୦

ନମସ୍ତେ ଅନନ୍ତ ମୁରତି ॥ ୭/୮/୧୮୦

ସଂକ୍ଷେପୀକରଣ

ବାକ୍ୟର ସୌନ୍ଦର୍ଯ୍ୟ ପାଇଁ ସଂକ୍ଷେପୀକରଣର ଆବଶ୍ୟକତା ଥାଏ । ଏହା ଦ୍ୱାରା ଅନେକ ଶବ୍ଦକୁ ଅଳ୍ପରେ ପ୍ରକାଶ କରିହୁଏ । ଯଥା-

ସମାସ ଦ୍ୱାରା- ଖଗେନ୍ଦ୍ର ପକ୍ଷ ନାଦ ସ୍ୱର ।

ସୁର ମୁନୀନ୍ଦ୍ର ମନୋହର ॥ ୪/୩୦/୨୭

ଖଗେନ୍ଦ୍ର- ଖଗମାନଙ୍କର ଇନ୍ଦ୍ର ଅର୍ଥାତ୍ ଖଗମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ସନ୍ଧି ଦ୍ୱାରା- ଚଣ୍ଡାଟ୍ଟହାସ ଶୋହେ ତୁଣ୍ଡେ ॥ ୪/୫/୪୯

ଚଣ୍ଡ + ଅଟ୍ଟହାସ = ଚଣ୍ଡାଟ୍ଟହାସ

କୃଦନ୍ତ ଦ୍ୱାରା- ପୁଣି ପଳାନ୍ତେ କର ଛାଡ଼ି । ୧୦/୯/୯୭
- ପଳ୍ (ଧାତୁ)+ ଅନ୍ତେ(ପ୍ରତ୍ୟୟ) = ପଳାନ୍ତେ

ତଦ୍ଧିତ ଦ୍ୱାରା- ଜାନକୀ ଲକ୍ଷ୍ମଣେ କହିଲେ ॥ ୯/୧୦/୫୦
-ଜନକ (ଶବ୍ଦ) + ଈ(ପ୍ରତ୍ୟୟ) = ଜାନକୀ

ପ୍ରତ୍ୟୟ ଲୋପ- ଚକ୍ର ଉଞ୍ଚାଇ ମହାକୋପେ ॥

୧/୯/୧୧୪

ଏଠାରେ 'ଚକ୍ର' ପଦ ନିକଟରେ ଦ୍ୱିତୀୟା ବିଭକ୍ତିର ପ୍ରତ୍ୟୟ 'କୁ'ର ଲୋପ ହୋଇଛି ।

ବିସ୍ତୃତୀକରଣ-ବେଳେବେଳେ କବି ଯତିପାତ ପାଇଁ ପଦର ବିସ୍ତୃତି କରଣ କରିଥାନ୍ତି ।

ପ୍ରତ୍ୟୟ ଯୋଗ- ଅତ୍ୟନ୍ତ ହୋଇଲାକ ଦୁଃଖି ।

୯/୯/୭୫ ।

ଏଠାରେ 'ହୋଇଲା' ପଦରେ 'କ' ପ୍ରତ୍ୟୟ ଯୋଗ କରାଯାଇଛି ।

ଶବ୍ଦର ସରଳୀକରଣ- ମୃତ ପ୍ରାଣୀକି ନ ସୁମରି ॥

୭/୨/୬୯

ଏଠାରେ 'ସ୍ମରି' ପଦଟି ସରଳୀକରଣ ଦ୍ୱାରା 'ସୁମରି'ରେ ପରିଣତ ହୋଇଛି ।

ବାକ୍ୟରେ ଏକାଧିକ ପ୍ରଶ୍ନସୂଚକ ପଦର ବ୍ୟବହାର-

କି ତୋର ନାମ କିବା ଅର୍ଥେ । କେଣେ ଅଇଲୁ କହ ଏଥେ ॥ ୮/୯/୧୩

ବାକ୍ୟରେ ଏକାଧିକ ସର୍ବନାମ ପଦର ବ୍ୟବହାର-

ମୋ ତହୁଁ ନ ଜାଣୁ ତୁ ଆନ । ମୁହିଁ ତୋହର ନିଜ ଧନ । ।

୧୦/୬୫/୧୦୧

ଶବ୍ଦତତ୍ତ୍ୱ : ଶବ୍ଦତତ୍ତ୍ୱ କହିଲେ ଶବ୍ଦ ବିଷୟକ ଅଧ୍ୟୟନକୁ ବୁଝାଏ । ଅର୍ଥାତ୍ ଏଥିରେ ଶବ୍ଦ ରଚନା, ବର୍ଗୀକରଣ, ବ୍ୟୁତ୍ପତ୍ତି ଆଦିର ଅଧ୍ୟୟନ ହୋଇଥାଏ ।

ଅର୍ଥ ପ୍ରକାଶରେ ସାମର୍ଥ୍ୟ ରଖୁଥିବା ଧ୍ୱନି ବା ଧ୍ୱନି ସମଷ୍ଟିକୁ ଶବ୍ଦ କୁହାଯାଏ । ଶବ୍ଦକୁ ମଣିଷ ଆବଶ୍ୟକତା ଅନୁସାରେ ନିର୍ମାଣ କରେ ବା ବ୍ୟବହାର କରେ । ପ୍ରାଚୀନ ଗ୍ରନ୍ଥ ଅଧ୍ୟୟନ ଦ୍ୱାରା ଶବ୍ଦର ନିର୍ମାଣ ତଥା ବ୍ୟବହାର ସଂପର୍କରେ ଜଣାଯାଇ ଥାଏ । ଜଗନ୍ନାଥ ଦାସଙ୍କ ଭାଗବତରେ ବ୍ୟବହୃତ କେତେକ ଶବ୍ଦର ବ୍ୟୁତ୍ପତ୍ତି ଦୃଷ୍ଟିରୁ ଆଲୋଚନା ନିମ୍ନରେ କରାଗଲା ।

ଚଉକତି: ଅଗ୍ନି ବେଢ଼ିଲା ଚଉକତି । ୧୦/୧୮/୮୭

ଚତୁଃକତି-ଚଉକତି । ସଂସ୍କୃତ ଏବଂ ଦେଶଜ ଶବ୍ଦର ମିଶ୍ରଣରେ ଏହି ଶବ୍ଦ ଗଠିତ । ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍ । ୮/୧/୧୩୩) ସୂତ୍ର ଅନୁସାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ତ' ବର୍ଣ୍ଣର ଲୋପ ହୋଇ 'ଚତୁଃ' ଶବ୍ଦଟି 'ଚଉ'ରେ ପରିଣତ ହୋଇଛି । ପ୍ରାକୃତର ଏହି 'ଚଉ'ରେ ଦେଶଜ ବିଶେଷ୍ୟ 'କତି' ସଂଯୁକ୍ତ ହୋଇ 'ଚଉକତି' ଶବ୍ଦ ସୃଷ୍ଟି ହୋଇଛି ।

ଦୁହୁଁଣୀ: ଆଣ ତୁ ଦୁଧର ଦୁହୁଁଣୀ । ୧୦/୧୨/୨୯

ଦୁହୁଁଣୀର ଅର୍ଥ ଦୁଧ ଦୁହାଁ ପାତ୍ର । ଜଗନ୍ନାଥ ଦାସ ଦୁହାଁ କ୍ରିୟାରୁ ଏହି ନୂତନ ଶବ୍ଦଟି ଗଠନ କରିଛନ୍ତି । ପ୍ରାୟତଃ ଏହା ବର୍ତ୍ତମାନ ଅବ୍ୟବହୃତ ।

ଯୁଝନ୍ତି: ଯୁଝନ୍ତି ବାହା ନାଦ କରି ॥ ୧୦/୧୨/୯୦

ଯୁଦ୍ଧନ୍ତି-ଯୁଝନ୍ତି । ଏହା ଏକ ପ୍ରାକୃତ ଶବ୍ଦ । ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର (ସାଧ୍ୱସ-ଦ୍ଧ-ହ୍ୟାଂ-ଝ । ୮/୨/୨୬) ସୂତ୍ରାନୁସାରେ 'ଦ୍ଧ' ସଂଯୁକ୍ତ ବ୍ୟଞ୍ଜନ 'ଝ'ରେ ପରିଣତ ହୋଇଛି ।

ଆଗସରି : ଗୋପୀୟେ ଗଲେ ଆଗସରି ।

ଭିତରେ ପଶିଲା ଅସୁରୀ । ୧୦/୭/୩୫

'ଅଗ୍ର' ଧାତୁରୁ ପ୍ରାକୃତରେ 'ଆଗ' ଏବଂ 'ଶ୍ରୀ' ଧାତୁରୁ 'ସରି' ଶବ୍ଦ ସୃଷ୍ଟ । ଏହା ଘୁଞ୍ଚିଯିବା ଅର୍ଥରେ ବ୍ୟବହୃତ । ବର୍ତ୍ତମାନ 'ସରିଯିବା' ଶବ୍ଦ ବଙ୍ଗଳାରେ ପ୍ରଚଳିତ ଯାହାର ଅର୍ଥ ଆଗରୁ ଘୁଞ୍ଚିଯିବା । ଏହା ଏକ କ୍ରିୟାପଦ । ବଙ୍ଗଳାର ସୀମାନ୍ତ ଓଡ଼ିଶାରେ ଏହାର ପ୍ରଭାବ ଲକ୍ଷ୍ୟ କରାଯାଏ ।

ଅର୍ଥତତ୍ତ୍ୱ : ଅର୍ଥ ସମ୍ବନ୍ଧୀୟ ସମସ୍ତ ପ୍ରକାର ବିଚାର ଆଲୋଚନାକୁ ଅର୍ଥତତ୍ତ୍ୱ କହନ୍ତି । ଅର୍ଥର ପ୍ରକାଶ ଓ ପରିବର୍ତ୍ତନ ସମ୍ବନ୍ଧୀୟ ଆଲୋଚନା ଏଥିରେ ସ୍ଥାନ ପାଇଥାଏ ।

ବିଧାନ : ଆଣିଲା ହୋମର ବିଧାନ । ୧୦/୯/୩୩

ବିଧାନର ପ୍ରକୃତ ଅର୍ଥ 'ନୀତି ନିୟମ' । ଏଠାରେ ବିଧାନ ଶବ୍ଦଟି 'ସାମଗ୍ରୀ' ଅର୍ଥରେ ବ୍ୟବହୃତ ।

ପ୍ରଳମ୍ଵ: ପ୍ରଳମ୍ବ କଲା ତତକ୍ଷଣ । ୧୦/୨/୧୦୧

ପ୍ରଳମ୍ବ ଶବ୍ଦକୁ 'ପ୍ରଣାମ କରିବା' ଅର୍ଥରେ ବ୍ୟବହାର କରାଯାଇଛି । ଲମ୍ବ ହୋଇ ତଳେ ପଡ଼ି ହାତ ଯୋଡ଼ି ନମସ୍କାର କରିବା ହିଁ ପ୍ରଳମ୍ବ ।

ମଞ୍ଚେ : ମଞ୍ଚେ ଜନ୍ମିଲେ ଦେବତାଏ । ୧୦/୨/୨

ମଞ୍ଚେ ଶବ୍ଦଟି 'ମର୍ତ୍ତ୍ୟ' ଶବ୍ଦ ପାଇଁ ବ୍ୟବହୃତ । ମଞ୍ଚ ହେଉଛି ଅଭିନୟର ସ୍ଥଳ । ପୃଥିବୀରେ ଯେ ଜନ୍ମ ହୁଏ ସେ ମୃତ୍ୟୁ ପରେ ପୁନଶ୍ଚ ଫେରିଯାଏ । ଅର୍ଥାତ୍ ମର୍ତ୍ତ୍ୟ ଠିକ ମଞ୍ଚ ପରି ହୋଇଥିବାରୁ ଜଗନ୍ନାଥ ଦାସ ତାହାର ପ୍ରୟୋଗ କରିଛନ୍ତି । ଏଠାରେ କବିଙ୍କର ପ୍ରୟୋଗ କୌଶଳ ବା ସାମର୍ଥ୍ୟ ପ୍ରଶଂସନୀୟ । ଶବ୍ଦ ନିଜ ଅର୍ଥ ଅତିରିକ୍ତେ ଭିନ୍ନ ଅର୍ଥ ପ୍ରକାଶରେ ସକ୍ଷମ ହୋଇପାରିଛି ।

ଘାୟେ : ଦଉଡ଼ି ଟାଣିବାର ଘାୟେ ।
ବସ୍ତ୍ର ନରହେ ଦେବୀ କାୟେ ॥

'ଆଘାତ' ଅର୍ଥ ଉଦ୍ଦେଶ୍ୟରେ ଘାୟେର ପ୍ରୟୋଗ ହୋଇଥାଏ । କିନ୍ତୁ ଏଠାରେ ଘାୟେ ଶବ୍ଦଟି 'ସମୟ' ଅର୍ଥରେ ବ୍ୟବହୃତ ହୋଇଛି ।

ପେଟେ: ଧାନ ଅଂଜଳି ପେଟେ ଦେଇ । ୧୦/୧୨/୩୬

ଏହି ଶବ୍ଦକୁ ଜଗନ୍ନାଥ ଦାସ ସୃଷ୍ଟି କରିଛନ୍ତି । ଏହାର ଅର୍ଥ ସଂପୂର୍ଣ୍ଣ ବା ଉଛୁଳିବା ଅବସ୍ଥା । ଏଠାରେ ଅଞ୍ଜଳିରେ ଧାନର ପରିମାଣ ଦେଉଳିଆ ଥିଲା ବା ଉଛୁଳିକରି ଥିଲା ବୋଲି ଜଗନ୍ନାଥ ଦାସ କହିବାକୁ ଚାହିଁଛନ୍ତି । ତେଣୁ ପେଟେ ଶବ୍ଦର ବ୍ୟବହାର କରିଛନ୍ତି । ସାଧାରଣତଃ ପେଟେ ଖାଇବା ଅର୍ଥ ପେଟ ପୂର୍ଣ୍ଣକରି ଖାଇବା ।

ବଢ଼ିଗଲା : ଶରତ ଋତୁ ବଢ଼ିଗଲା । ୧୦/୨୩/୨

ବଢ଼ିଗଲା ଅର୍ଥ 'ଶେଷ ହେଲା' । ସାଧାରଣତଃ ପୂଜାର କ୍ରିୟା କର୍ମ ଶେଷ ହେଲା ଉଦ୍ଦେଶ୍ୟରେ ଏହି ଶବ୍ଦ ପ୍ରୟୋଗ ହୋଇଥାଏ । ଏଠାରେ କିନ୍ତୁ ଋତୁ ସହିତ ସଂଯୁକ୍ତ । ଶରତ ଋତୁ ଶେଷ ହେଲା ସ୍ଥାନରେ ବଢ଼ିଗଲା କ୍ରିୟା ବ୍ୟବହୃତ । ଏଠାରେ ଅର୍ଥର ପରିସୀମାର ବୃଦ୍ଧି ଘଟିଛି ।

ହରନ୍ତି: ଦିନ ହରନ୍ତି ବୃନ୍ଦାବନେ । ୧୦/୧୩/୩

ଏଠାରେ ହରନ୍ତି ଶବ୍ଦଟି 'ଅତିବାହିତ କରିବା' ଅର୍ଥରେ ବ୍ୟବହୃତ । ବର୍ତ୍ତମାନ ଏ କ୍ଷେତ୍ରରେ ହରନ୍ତିର ପ୍ରୟୋଗ ନାହିଁ କହିଲେ ଚଳେ । ଏହା ଏକ ପ୍ରାଚୀନ ପ୍ରୟୋଗ ।

ଉପୁଜିଲା : ଆମ୍ଭର ଯଶ ଉପୁଜିଲା । ୧୦/୨୩/୫୦

ଉପୁଜିଲା ଶବ୍ଦର ଅର୍ଥ 'ସୃଷ୍ଟି ହେବା' । ସାଧାରଣତଃ ଯଶ ସହ ଏହି କ୍ରିୟାର ବ୍ୟବହାର ଦେଖାଯାଏ ନାହିଁ । ଏ କ୍ଷେତ୍ରରେ ଅର୍ଥର ସୀମା ପରିବ୍ୟାପ୍ତ ।

ବାଳକ ଯୁବତୀ : ତୁମ୍ଭେ ଯେ ବାଳକ ଯୁବତୀ ।
୧୦/୨୩/୭୨

ଏହାର ଆକ୍ଷରିକ ଅର୍ଥ 'କମ୍ ବୟସର ଯୁବତୀ' କିନ୍ତୁ ଏ ପ୍ରସଙ୍ଗରେ 'କମ୍ ବୁଦ୍ଧି ସଂପନ୍ନ' ଯୁବତୀକୁ ସୂଚାଉଛି । ତେଣୁ ଏହି ଶବ୍ଦ ଉପରେ କମ୍ ବୟସ ସ୍ଥାନରେ କମ୍ ବୁଦ୍ଧି ଅର୍ଥ ଆରୋପିତ ।

ଜଗନ୍ନାଥ ଦାସ ଭାଗବତକୁ ପ୍ରାକୃତ ଭାଷାରେ ରଚନା କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ ହେଁ କେତେକ ଆଲୋଚକ ବା ଭାଷାବିତ୍ ଜଗନ୍ନାଥ ଦାସଙ୍କୁ ଦୋଷ ଦିଅନ୍ତି ଯେ ସେ ଓଡ଼ିଆ ଭାଷାକୁ ସଂସ୍କୃତ ଅଭିମୁଖୀ କରାଇଛନ୍ତି ତଥା ତତ୍ସମ ବହୁଳ କରିଛନ୍ତି ଏବଂ ଓଡ଼ିଆ ଭାଷାର ପଥରୋଧ କରି ଭାଷାକୁ ପଥଭ୍ରଷ୍ଟ କରାଇଛନ୍ତି, ଯାହା ଅର୍ଥହୀନ ।

ତତ୍ସମ ଶବ୍ଦ ଅର୍ଥାତ ଯେଉଁ ଅସଂସ୍କାରିତ ଶବ୍ଦ ସଂସ୍କାରିତ ଶବ୍ଦ ସହ ସମାନ । ଯେଉଁ ପ୍ରାକୃତ ଶବ୍ଦଗୁଡ଼ିକ ସଂସ୍କାରିତ ଭାଷା ତଥା ସଂସ୍କୃତ ସହ ସମାନ ହେଲା ତାହାକୁ ତତ୍ସମ କୁହାଗଲା । ଭରତମୁନି ନାଟ୍ୟଶାସ୍ତ୍ରରେ ପ୍ରାକୃତ ଶବ୍ଦକୁ ସମାନ, ବିଭ୍ରଷ୍ଟ ଏବଂ ଦେଶୀ ଆଦି ତିନି ଭାଗରେ ବିଭକ୍ତ କରିଛନ୍ତି । ଯାହା ଅସଂସ୍କାରିତ ଭାଷା ପ୍ରାକୃତ ଏବଂ ସଂସ୍କାରିତ ଭାଷା ସଂସ୍କୃତ ଉଭୟରେ ବ୍ୟବହୃତ

ତାହା ସମାନ ଶବ୍ଦ । ଯଥା- କମଳ, ଅମଳ, ରେଣୁ, ତରଂଗ, ଲୋଳ, ସଲିଳ ଆଦି । (୫)

ସମୟାନୁସାରେ ସମାଜରେ ପ୍ରଚଳିତ ଭାଷାର ଜନପ୍ରିୟ ଶବ୍ଦ ସାହିତ୍ୟରେ ଥାଏ । ଅର୍ଥାତ୍ ସମାଜରେ ପ୍ରଚଳିତ ଶବ୍ଦ ସର୍ବଦା ସାହିତ୍ୟର ଭାଷା ହୁଏ କେବେହେଲେ ସାହିତ୍ୟର ଭାଷା ଲୋକମୁଖର ଭାଷା ହୁଏ ନାହିଁ । ଲେଖକ ଧରି ରଖିବାର ମାଧ୍ୟମ ମାତ୍ର । ବହୁ ବର୍ଷ ପରେ ସେହି ସାହିତ୍ୟ ହୁଏ ପରିବର୍ତ୍ତନଶୀଳ ଭାଷାର ଲିଖିତ ଦଲିଲ ବା ମୂକସାକ୍ଷୀ । ଜଗନ୍ନାଥ ଦାସଙ୍କ ସମୟକୁ ଭାଷାର ପରିବର୍ତ୍ତନ ହୋଇସାରିଥିଲା ଏବଂ ସେ ଲୋକକଥିତ ଭାଷାରେ ଭାଗବତ ରଚନା କରିଥିଲେ ।

ପ୍ରାନ୍ତଟୀକା :

(୧) ପଣ୍ଡା, ଭଗବାନ । ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୮, ପୃ-୨୫ ।

(୨) ନାୟକ, କଳ୍ପତରୁ । ଭାଗବତର ଭାଷା ବିଶ୍ଳେଷଣ, ମିତା ବୁକ୍ସ, କଟକ, ପ୍ରଥମ ସଂସ୍କରଣ, ୨୦୧୭, ପୃଷ୍ଠା- ଘ ।

(୩) ଶକାରାଭୀରଚଣ୍ଡାଳଶବରଦ୍ରବିଡୋଡ୍ରଜା ହୀନା ବନେଚରାଣାଂ ଚ ବିଭାଷା ନାଟକେ ସ୍ମୃତା ।୫୦ । ଦ୍ୱିବେଦୀ, ପାରସନାଥ । ଶ୍ରୀଭରତମୁନି ପ୍ରଣିତଂ ନାଟ୍ୟଶାସ୍ତ୍ରମ୍, ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ପ୍ରଥମ ସଂସ୍କରଣ, ୨୦୦୧, ପୃ-୫୫୬ ।

(୪) ପ୍ରାକୃତ ପାଠ- ଚୟନିକା, ଭୋଗିଲାଲ ଲହେରଚାନ୍ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡୋଲଜୀ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନିୟୁଦିଲ୍ଲୀ, ଦ୍ୱିତୀୟ ସଂସ୍କରଣ, ୨୦୧୨ ।

(୫) ପାଠ୍ୟମେକଂ ତୁ ବିଜ୍ଞେୟଂ ସଂସ୍କୃତଂ ପ୍ରାକୃତଂ ଯଥା କମଳେମଳରେଣଗତରଙ୍ଗଲୋଳସଲିଳାଦି ବାକ୍ୟସଂପନ୍ନମ୍ ପ୍ରାକୃତବନ୍ଧେଷ୍ୱେବଂ ସଂସ୍କୃତମପି ଯୋଗମୁପଯାତି ।।୪ ।। ଦ୍ୱିବେଦୀ, ପାରସନାଥ । ଶ୍ରୀଭରତମୁନି ପ୍ରଣିତଂ ନାଟ୍ୟଶାସ୍ତ୍ରମ୍, ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ପ୍ରଥମ ସଂସ୍କରଣ, ୨୦୦୧, ପୃ-୫୪୦ ।

ଓଡ଼ିଆ ବିଭାଗ
ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର

ISSN -2583-147X(P), **Vol.- 8, Issue No.XII, March 2023**
Bastabatara Pariprakash Prachee
Peer Reviewed and Referred Research Journal

ଭାଷାବିତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ଡକ୍ଟର ଆଶୁତୋଷ ରାଉତ

ବାଣୀଭୂଷଣ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓଡ଼ିଆ ଭାଷା-ସାହିତ୍ୟରେ ଜଣେ କୃତିମାନ ସ୍ରଷ୍ଟା । ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକର ପୃଷ୍ଠଭୂମିରେ ସଂକଟାପନ୍ନ ଓଡ଼ିଆ ଭାଷାଚର୍ଚ୍ଚାରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର ମୌଳିକତା ଉଲ୍ଲେଖନୀୟ । ସେ ପୁରୀ ଜିଲ୍ଲାର ଭାର୍ଗବୀ ନଦୀ ତୀରବର୍ତ୍ତୀ ଦକ୍ଷିଣ ରାଜସ ଗ୍ରାମରେ ୧୮୮୨ ମସିହା ମେ ମାସ ୧୪ ତାରିଖ ସୋମବାର ଦିନ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଦାମୋଦର ରଥ ଏବଂ ମାତାଙ୍କର ନାମ କମଳାଦେବୀ । ମୁଖ୍ୟ ଭାବରେ ଚାଷ ଓ ଗୌଣ ଭାବରେ ପୌରହିତ୍ୟ ତାଙ୍କ ବଂଶର ଥିଲା କୌଳିକ ବୃତ୍ତି । ଶିଶୁ ବୟସରେ ତାଙ୍କର ପଢ଼ାପଢ଼ି ପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଇଥିଲା । ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ପଢ଼ି ସେ ପରୀକ୍ଷା ଦେଉଥିଲେ ଏବଂ ଛାତ୍ରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରୁଥିଲେ । 'କଟକ ଟ୍ରେନିଂ ସ୍କୁଲ'ର ଶିକ୍ଷକ ଓ ଛାତ୍ରଙ୍କୁ ନେଇ ୧୮୯୫ ମସିହାରେ ସଂଗଠିତ ହୋଇଥିବା 'ଆଲୋଚନା ସଭା'ର ସେ ଥିଲେ ସଂପାଦକ । 'ଆଲୋଚନା ସଭା' ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୦୩ ମସିହା ମେ ମାସ ସାତ ତାରିଖରୁ 'ଉତ୍କଳ ସାହିତ୍ୟ ସମାଜ' ନାମରେ ରୂପାନ୍ତରିତ ହୋଇଥିଲା । ପଣ୍ଡିତ ରଥଙ୍କର ସାହିତ୍ୟାନୁରାଗ ତଥା ଲେଖାରେ ମୁଗ୍ଧ ହୋଇ ମଧୁସୂଦନ ରାଓ ଓ ରାଧାନାଥ ରାୟଙ୍କ ସୁପାରିଶ କ୍ରମେ ୧୯୦୪ ମସିହାରେ ତାଙ୍କୁ 'ବାଣୀଭୂଷଣ' ଉପାଧିରେ ଭୂଷିତ କରାଯାଇଥିଲା । ତାଙ୍କର ଏହି ପାଣ୍ଡିତ୍ୟ ଓ ଅଧ୍ୟବସାୟ ଅନେକଙ୍କୁ ଈର୍ଷାନ୍ୱିତ କରିଥିଲା । ଈର୍ଷାଳୁମାନଙ୍କ ମତରେ ଅମଙ୍ଗଳସୂଚକ ବାରକୁ ଯେପରି ମଙ୍ଗଳବାର ନାମ ଦିଆ ଯାଇଅଛି, ସେହିପରି ଅବାଣୀଭୂଷଣଙ୍କୁ 'ବାଣୀଭୂଷଣ' ପଦ ପ୍ରଦାନ କରାଯାଇଛି । ଆଉ କେହି କେହି କହିଲେ, ମୃତ୍ୟୁଞ୍ଜୟ ଉପାଧି ପରୀକ୍ଷାରେ ପାଶ୍ କରି ଉପାଧି ପାଇ ପାରିବେ ନାହିଁ ଦେଖି ଏପରି କୌଶଳରେ ଗୋଟାଏ 'କାଠଯୋଡ଼ି କୂଳିଆ' ଉପାଧି ନେଲେ । ଅର୍ଥାତ୍ 'ବାଣୀଭୂଷଣ' ଉପାଧିକୁ 'କାଠଯୋଡ଼ି କୂଳିଆ' ଉପାଧି କହି ବିଦ୍ରୂପ କରୁଥିଲେ ।

ଭାଷାବିତ ରଥ ପ୍ରଥମେ କଟକର ପ୍ୟାରୀମୋହନ ଏକାଡ଼େମୀ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ପରେ ଭିକ୍ଟୋରିଆ ସ୍କୁଲ୍‌ରେ ଶିକ୍ଷକ ଓ ୧୯୦୫ ଫେବୃଆରୀ ମାସରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ତାଙ୍କର ଧାରଣା ଥିଲା ଯେ, ସଂସ୍କୃତ ଜ୍ଞାନ ବିନା ଭାରତୀୟ ସଂସ୍କୃତିରେ ପ୍ରବେଶ ଅସମ୍ଭବ । ତେଣୁ ସେ ସଂସ୍କୃତକୁ ଭଲ ଭାବରେ ପଢୁଥିଲେ । ୧୯୦୬ ମସିହାରେ ବିହାର, ଓଡ଼ିଶା ଓ ଛୋଟ ନାଗପୁରର ସମସ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ସଂସ୍କୃତ କାବ୍ୟୋପାଧି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲେ । ହାଣ୍ଡରସନ୍ ସାହେବ ପଣ୍ଡିତ ରଥଙ୍କୁ ୧୯୧୯ ମସିହାରେ କଟକ ଟ୍ରେନିଂ ସ୍କୁଲ୍‌ର ହେଡ୍ ପଣ୍ଡିତ ଭାବେ ନିଯୁକ୍ତି ଦେଲେ । ୧୯୨୧ ମସିହା ଜାନୁଆରୀ ମାସରୁ ପଣ୍ଡିତ ରଥ କଲିଜିଏଟ୍ ସ୍କୁଲକୁ ବଦଳି ହୋଇ ୧୯୨୪ ମସିହା ଏପ୍ରିଲ ମାସ ଦଶ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଅତ୍ୟଧିକ ପରିଶ୍ରମ ତାଙ୍କ କର୍ମମୟ ଜୀବନର ଏକ ବିଶିଷ୍ଟ ଲକ୍ଷଣ ଥିଲା ।

ପଣ୍ଡିତ ରଥଙ୍କ ପାରିବାରିକ ଜୀବନ ସୁଖମୟ ନଥିଲା । ସେ ମାତ୍ର ବାର ବର୍ଷ ଦାମ୍ପତ୍ୟ ଜୀବନ ବିତାଇ ପାରିଥିଲେ । କାରଣ ୧୯୧୨ ମସିହାରେ ହଇଜା ରୋଗରେ ଆକସ୍ମିକ ଭାବେ ତାଙ୍କର ସ୍ତ୍ରୀ ଓ ଜ୍ୟେଷ୍ଠ ପୁତ୍ର ମୃତ୍ୟୁମୁଖରେ ପଡ଼ିଲେ । ତାଙ୍କ ବନ୍ଧୁମାନଙ୍କୁ ଏହି ଦୁଃଖ ଖବର ଜଣାଇ ସେ କାନ୍ଦି ପକାଇ କହୁଥିଲେ- *"ଭାଇ, ପୁତ୍ର ସହିତେ ପତ୍ନୀ ମଲା / ସର୍ବ ସମ୍ପଦ ମୋର ଗଲା ।"* ତଥାପି ସେ ଧୈର୍ଯ୍ୟର ସହ ଓଡ଼ିଆ ଭାଷା-ସାହିତ୍ୟ କ୍ଷେତ୍ରରେ ଯୁକ୍ତ ରହିଥିଲେ । ମାତ୍ର ୪୨ ବର୍ଷ ବୟସରେ ଅର୍ଥାତ ୧୯୨୪ ମହିହା

ଏପ୍ରିଲ ମାସ ୧୦ ତାରିଖ ଗୁରୁବାର ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ତାଙ୍କ ସଂପର୍କରେ ଡ. କୁଞ୍ଜବିହାରୀ ଦାଶ କହିଥିଲେ- *"ମୃତ୍ୟୁଞ୍ଜୟ ସମୀକ୍ଷକ ଓ ଗବେଷକମାନଙ୍କର ଚିର ସ୍ମରଣୀୟ । ତାଙ୍କ ଜୀବନ ସ୍ମରଣ ମାତ୍ରେ ପଦଟିଏ କବିତା ମନରେ ଆସେ –*

ଯେତେ ଅଶ୍ରୁଧାର

କରିଥିଲ ହୃଦୟର ହାର

କରି ସେ ପାରିଲା ନାହିଁ

ପଙ୍କିଳ ତ ସାଧନାର ପଥ

ଚାଲିଗଲା ଗଡ଼ ପରେ ଗଡ଼ଜୟୀ

ମୃତ୍ୟୁଞ୍ଜୟ ରଥ ।" (ଜୀବନାୟନ, ପୃଷ୍ଠା-୧୬୩)

ପଣ୍ଡିତ ରଥ ଏକାଧାରାରେ ଜଣେ ଶିକ୍ଷକ, ଅନୁବାଦକ, ପାଠ୍ୟ ପୁସ୍ତକ ରଚୟିତା, କବି, ଭାଷାବିତ, ପ୍ରତ୍ନତତ୍ତ୍ୱବିତ, ଜୀବନୀକାର, ଔପନ୍ୟାସିକ, ପ୍ରାବନ୍ଧିକ, ଟିପ୍‌ପଣୀକାର, ସମାଲୋଚକ ଓ ସଂପାଦକ ଥିଲେ । ତାଙ୍କ ସୃଷ୍ଟି ସମଗ୍ରକୁ ନିମ୍ନୋକ୍ତ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

(୧) ପାଠ୍ୟ ପୁସ୍ତକ –

'ପ୍ରବନ୍ଧ ପାଠ' (୧୯୦୭), 'ସାହିତ୍ୟ ପାଠ', 'ନାରୀ ଦର୍ପଣ' (ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ-୧୯୧୭), 'ସୁଖବୋଧ ବ୍ୟାକରଣ' (୧୯୧୭), 'ରସାବଳୀ' (୧୯୨୦), 'ସରଳ ଓଡ଼ିଆ ଅଭିଧାନ', 'ଓଡ଼ିଆ ରଚନା ଓ ଅନୁବାଦ' (୧୯୨୧), ଓଡ଼ିଆ ପକେଟ୍ ଅଭିଧାନ (୧୯୨୫) ।

(୨) ଭାଷାତତ୍ତ୍ୱ -

'ମୂଳ ଶବ୍ଦବୋଧିକା' (୧୯୦୧), 'ଧ୍ୱନ୍ୟାତ୍ମକ ଭାଷା', 'ଭାଷା ରହସ୍ୟ', 'ଓଡ଼ିଆ ଭାଷାର ମୂଳ', 'ଶବ୍ଦ ରହସ୍ୟ', 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', 'ଗ୍ରାମ୍ୟ ଭାଷା', 'ଶବ୍ଦାର୍ଥ ଚର୍ଚ୍ଚା', 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' ,'ଖଣ୍ଡିଏ ପତ୍ର' ।

(୩) ପ୍ରତ୍ନତତ୍ତ୍ୱ –

'ନରସିଂହ ଦେବଙ୍କ ତାମ୍ରଶାସନ', 'ଚାଟେଶ୍ୱର ଶିଳାଲିପି', 'ଜଗନ୍ନାଥ ଶିଳାଲିପି', 'ପୁରାତନ ପୋଥି', 'ଓଡ଼ିଆ ପୋଥି', 'ପ୍ରାଚୀନ ଭୂଗୋଳ', 'ଉତ୍କଳ ପତ୍ରିକା: ଊନବିଂଶ ଶତାବ୍ଦୀ' (୧୯୨୦) ।

(୪) ଜୀବନ ଚରିତ -

ଆଦିକବି ଶାରଳା ଦାସ' (୧୯୧୧) ପରେ 'ଶାରଳା ଚରିତ' ନାମରେ ପ୍ରକାଶିତ, 'କର୍ମଯୋଗୀ ଗୌରୀଶଙ୍କର' (୧୯୨୫), 'ଅଚ୍ୟୁତାନନ୍ଦ ଦାସ', 'ବ୍ରହ୍ମଙ୍କ ମଧୁସୂଦନ', 'ଈଶ୍ୱରଚନ୍ଦ୍ର ବିଦ୍ୟାସାଗର', 'ଅଭିମନ୍ୟୁ ସାମନ୍ତସିଂହାର', 'ଦୀନକୃଷ୍ଣ ଦାସ' ।

(୫) ଅନୁବାଦ (ସଂସ୍କୃତରୁ) -

କାବ୍ୟ ବା କାବ୍ୟାଂଶ – 'କୁମାର ସମ୍ଭବ' (୧୯୧୫), 'ଅଜ ବିଳାପ', 'ରତି ବିଳାପ' ।

ନାଟକ– 'ମୃଚ୍ଛ କଟିକ', 'ବିକ୍ରମୋର୍ବଶୀ' (୧୯୦୯), 'ମୁଦ୍ରାରାକ୍ଷାସ' (୧୯୧୦), 'ମାଳତୀ ମାଧବ' (୧୯୧୬), 'ଉତ୍ତର ରାମ ଚରିତ' (ଆଂଶିକ ଭାବେ ପଞ୍ଚମ ଅଙ୍କରୁ ଶେଷ ପର୍ଯ୍ୟନ୍ତ) ।

ଗଳ୍ପ- 'କଥା ସରିତ ସାଗର' (କିୟଂଦଶ ଅନୁବାଦ) ।

(୬) ସାଧାରଣ ସାହିତ୍ୟ -

ଖଣ୍ଡ କବିତା- 'ନିଭୃତ ନିଳୟ' (୧୯୧୩)

କାବ୍ୟ– 'ନରାଜ' (୧୯୧୦,୧୯୨୮)

ଶିଶୁ କବିତା – 'ମଶା ଓ ମହୁମାଛି', 'କୁନି', 'ବେଙ୍ଗ ରଜା'

ଉପନ୍ୟାସ – 'ଅଦ୍ଭୁତ ପରିଣାମ' (୧୯୧୫)

ପ୍ରବନ୍ଧ - 'ଚାଟଶାଳୀ', 'ଚତୁଷ୍ପାଠୀ'

ସମାଲୋଚନା– 'ପ୍ରାଚୀନ ଓଡ଼ିଆ ସାହିତ୍ୟ', 'ଅରକ୍ଷିତ ଓ ମହିମଣ୍ଡଳ ଗୀତା','କବିବର ରାଧାନାଥ'

ସଂପାଦନା – 'ଉତ୍କଳ ରଚନା' (ରାଧାନାଥ ରାୟ ପ୍ରଣୀତ)

ଟିପ୍‌ପଣୀ – 'ଶୁଭସ୍ତମ୍ଭ', 'ଚିତ୍ରୋତ୍ପଳା', 'ମହାବିନାୟକ', 'ଚଣ୍ଡିଖୋଲ', 'ଧଉଳିଗିରି', 'ରତ୍ନଗିରି', 'ଉଦୟଗିରି', 'ବିରଜାକ୍ଷେତ୍ର', 'ଛତିଆ', 'ସପ୍ତମାତୃକା ମନ୍ଦିର','ଲେମ୍ୱାଳ ଗାଦି', 'ଝାଡ଼େଶ୍ୱର', 'ଅଶ୍ୱତ୍ଥାମା ପାହାଡ଼', 'କୌଶଲ୍ୟାଗଙ୍ଗ', 'ଦଶପଲ୍ଲା', 'ନୀଳମାଧବ' ଇତ୍ୟାଦି ।

ଭାଷାବିତ୍ ରଥଙ୍କର ଭାଷା ସମ୍ପର୍କିତ ସମୁଦାୟ ରଚନା ସତରଟି । ସେଗୁଡ଼ିକ ଯଥାକ୍ରମେ- ମୂଳ 'ଶବ୍ଦବୋଧିକା' (୧୯୦୧), 'ଶବ୍ଦାର୍ଥ ଚର୍ଚ୍ଚା' (୧୯୦୨), 'ଭାଷା ରହସ୍ୟ'

(୧୯୦୩), 'ଗ୍ରାମ୍ୟ ଭାଷା' (୧୯୦୩), 'ଧ୍ୱନ୍ୟାତ୍ମକ ଭାଷା' (୧୯୦୩), 'ଖଣ୍ଡିଏ ପତ୍ର' (୧୯୦୩), 'ଓଡ଼ିଆ ଭାଷାର ମୂଳ' (୧୯୦୪), 'ଶବ୍ଦ ରହସ୍ୟ' (୧୯୦୫), 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', 'ଜଗନ୍ନାଥ ଶିଳାଲିପି' (୧୯୧୩), 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' (୧୯୧୫), 'ସୁଖବୋଧ ବ୍ୟାକରଣ' (୧୯୧୭), 'ଓଡ଼ିଆ ରଚନା ଓ ଅନୁବାଦ' (୧୯୨୧), 'ଓଡ଼ିଆ ପକେଟ୍ ଅଭିଧାନ' (୧୯୨୫), 'ସରଳ ଓଡ଼ିଆ ଅଭିଧାନ', 'ନରସିଂହ ଦେବଙ୍କ ତାମ୍ରଶାସନ', 'ଚାଟେଶ୍ୱର ଶିଳାଲିପି' । ଏହି ରଚନାଗୁଡ଼ିକୁ ଭାଷାଚର୍ଚ୍ଚା, ଧ୍ୱନିଚର୍ଚ୍ଚା, ଶବ୍ଦଚର୍ଚ୍ଚା, ବ୍ୟାକରଣ ଚର୍ଚ୍ଚା ଓ ଅଭିଧାନ ଚର୍ଚ୍ଚା ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ ।

ଭାଷା ଚର୍ଚ୍ଚା :

ଭାଷା ରହସ୍ୟ, ଓଡ଼ିଆ ଭାଷାର ମୂଳ, ଗ୍ରାମ୍ୟ ଭାଷା ଏବଂ ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି ପ୍ରବନ୍ଧ ଭାଷାଚର୍ଚ୍ଚା ପର୍ଯ୍ୟାୟଭୁକ୍ତ । 'ଭାଷା ରହସ୍ୟ' ପ୍ରବନ୍ଧରେ ବାଣିଜ୍ୟ-ବ୍ୟବସାୟ, ଶିକ୍ଷା ଅଥବା ଅଶିକ୍ଷା ହେତୁ, ରାଷ୍ଟ୍ର ବିପ୍ଳବ ପ୍ରଭୃତିର ସଂଘର୍ଷଣ ଦ୍ୱାରା ଭାଷାର କ୍ଷୟ ହୋଇ କାଳକ୍ରମେ ପ୍ରତ୍ୟେକ ଭାଷାରୁ ସୃଷ୍ଟ 'ଅପଭାଷା'ର ସଦୃଷ୍ଟାନ୍ତ ଆଲୋଚନା କରାଯାଇଛି । 'ଅପଭାଷା' କହିଲେ ଅଶ୍ଳୀଳ ଭାଷା ନୁହେଁ; ଏଠାରେ 'ଅପଭାଷା' ପ୍ରାକୃତିକ ପରିବର୍ତ୍ତନ ଫଳରେ ସୃଷ୍ଟି ହୋଇଥିବା ଭାଷାକୁ ବୁଝାଉଛି । ଅପଭାଷା ସୃଷ୍ଟିର ନିୟମ ଆକାର ସମ୍ବନ୍ଧୀୟ ଓ ଅନ୍ୟଟି ଭାବ ବା ଅର୍ଥ ସମ୍ବନ୍ଧୀୟ ଭେଦରେ ଦ୍ୱିବିଧ । ଆକାର ସମ୍ବନ୍ଧୀୟ ନିୟମ ଧ୍ୱନି ପରିବର୍ତ୍ତନକୁ ଆଧାର କରିଥିଲାବେଳେ ଅର୍ଥ ପରିବର୍ତ୍ତନ ଭାବକୁ ଭିତ୍ତି କରିଛି ।

'ଓଡ଼ିଆ ଭାଷାର ମୂଳ' ପ୍ରବନ୍ଧରେ ଗବେଷକ ରଥ ସଂସ୍କୃତରୁ ପ୍ରାକୃତ ମଧ୍ୟ ଦେଇ ଓଡ଼ିଆ ଭାଷାର ସୃଷ୍ଟି ହୋଇଥିବାର ମତବ୍ୟକ୍ତ କରିଛନ୍ତି । ଉଦାହରଣ ସ୍ୱରୂପ– ସଂ. 'କଥଂ' ପ୍ରାକୃତରେ 'କହଂ' ହୋଇ ଓଡ଼ିଆରେ 'କାହିଁକି ?' ହୋଇଛି । ଏଠାରେ 'ଥ୍' ମହାପ୍ରାଣ ଧ୍ୱନି 'ହ୍' ଧ୍ୱନିରେ ପରିଣତ ହୋଇଛି । ଏହିଭଳି ଆଠଗୋଟି ନିୟମକୁ ଆଧାର କରି ଓଡ଼ିଆ ଭାଷାର ମୂଳକୁ ବିଚାର କରାଯାଇଛି । ଓଡ଼ିଆ ଅକ୍ଷରର ସୃଷ୍ଟି ସମ୍ପର୍କରେ ଆଲୋଚନା କରି ସେ ବ୍ରାହ୍ମୀ ଲିପିକୁ ମୂଳ ଏବଂ ଦେଶ ପ୍ରଚଳିତ ଲିପିମାନଙ୍କ ମଧ୍ୟରେ ଦେବନାଗରୀ ଅକ୍ଷରକୁ ପ୍ରଥମ ଭାବେ ଗ୍ରହଣ କରିଛନ୍ତି । ଓଡ଼ିଆ ଭାଷାର ଅକ୍ଷର ସଂପର୍କରେ ସେ କହିଛନ୍ତି– *"ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଗୋଲ ଓଡ଼ିଆ ଅକ୍ଷରର ସୃଷ୍ଟି ହୋଇଅଛି ।"* (ଓଡ଼ିଆ ଭାଷାର ମୂଳ, ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ଦ୍ୱିତୀୟ ସଂଖ୍ୟା, ପୃଷ୍ଠା-୬୧) କିନ୍ତୁ ପଞ୍ଚଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ମଧ୍ୟ ଓଡ଼ିଆ ଅକ୍ଷର ପୂର୍ଣ୍ଣାଙ୍ଗ ହୋଇନଥିଲା । କେବେ ପୂର୍ଣ୍ଣାଙ୍ଗ ହେଲା ବା ଆଧୁନିକ ଆକାର ଧାରଣ କଲା ସେ ସଂପର୍କରେ ଭାଷାବିତ୍ ନିରବ ।

'ଗ୍ରାମ୍ୟ ଭାଷା' ପ୍ରବନ୍ଧରେ ଓଡ଼ିଆ ଭାଷାର ମୌଳିକତା ଏବଂ ଗାଉଁଲୀ ଭାଷାର ଉତ୍କର୍ଷତା ସଂପର୍କରେ ବିଚାର କରାଯାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ଭାଷାର ରୂପ ଭିନ୍ନ । ଭାଷାବିତ ରଥ ଗ୍ରାମ୍ୟ ଓଡ଼ିଆ ଭାଷାର ଧ୍ୱନି, ଶବ୍ଦ, କ୍ରିୟା, ବିଭକ୍ତି ଆଦିର ବିଶ୍ଳେଷଣ ପୂର୍ବକ ପ୍ରାକୃତ ଓ ସଂସ୍କୃତ ସହ ଥିବା ସଂପର୍କକୁ ନିର୍ଦ୍ଧାରଣ କରିଛନ୍ତି । ଯେପରି– ଗ୍ରାମ୍ୟ-ଓଡ଼ିଆର 'ଗାଇମି' ଶବ୍ଦର ମୂଳରୂପ ପ୍ରାକୃତରେ 'ଗାଏମି' ଏବଂ ସଂସ୍କୃତରେ 'ଗାୟାମି' । ଗ୍ରାମ୍ୟ ଭାଷାର ଶବ୍ଦ ପ୍ରାକୃତର ଅଧିକ ନିକଟବର୍ତ୍ତୀ ମନେକରି ଭାଷାବିତ୍ ରଥ କେତେକ ବାକ୍ୟ ମୂଳରେ ଶବ୍ଦ ଓ ସ୍ୱତନ୍ତ୍ର ଶବ୍ଦର ଉଦାହରଣ ପ୍ରଦାନ କରିଛନ୍ତି । ଯଥା–

ବାକ୍ୟ– ପ୍ରାକୃତ– ଜେ ମେ ସିରିଣଂ ଣ ସହନ୍ତି । ଓଡ଼ିଆ– ଯେ ମୋ ଶିରି ନ ସହନ୍ତି ।

ଶବ୍ଦ– ଅହ୍ମଘର(ପ୍ରା.) ଆମ ଘର(ଓ.), ତୁରନ୍ତ(ପ୍ରା.)] ତୁରନ୍ତ (ଓ) ଇତ୍ୟାଦି ।

ଓଡ଼ିଆ ଭାଷାର କଥିତ ରୂପ ଲିଖିତଠାରୁ ପୃଥକ । ସାଧାରଣତଃ ଗ୍ରାମାଂଚଳର ଭାଷାକୁ କଥିତ ରୂପ ଭାବେ ଗ୍ରହଣ କରାଯାଏ ଏବଂ ଓଡ଼ିଶାର ବିଭିନ୍ନ ଅଂଚଳରେ ଗ୍ରାମ୍ୟ ଭାଷା ବା କଥିତ ଭାଷାର ରୂପ ଭିନ୍ନ ଭିନ୍ନ । ତଥାପି କଥିତ ଭାଷାର (କଟକ, ବାଲେଶ୍ୱର ଆଦି ଅଂଚଳରେ ପ୍ରଚଳିତ) ଧ୍ୱନି, ଶବ୍ଦ, ବିଭକ୍ତି, କ୍ରିୟା ଆଦିର ବିଶ୍ଳେଷଣ ପୂର୍ବକ ପ୍ରାକୃତ ସହ ଏହାର ସଂପର୍କ ନିର୍ଦ୍ଧାରଣ କରିଛନ୍ତି ଭାଷାବିତ୍ ରଥ । ଗ୍ରାମ୍ୟ ଭାଷାର ଏପରି ଭାଷାତାତ୍ତ୍ୱିକ ଆଲୋଚନା ଏହା ପୂର୍ବରୁ ପରିଦୃଷ୍ଟ ହୁଏ ନାହିଁ । ଏହି ଆଲୋଚନାରୁ ଭାଷାର ଅସ୍ତିତ୍ୱ, ସ୍ୱରୂପ ଓ ପାର୍ଥକ୍ୟ ସ୍ପଷ୍ଟ ହୁଏ । ଭାଷାର ମୌଳିକତା ଗ୍ରାମ୍ୟ ଭାଷାରେ ନିହିତ ଥାଏ । ଏ ସଂପର୍କରେ ଭାଷାବିତ୍ ରଥଙ୍କ ମତ ହେଉଛି– *"ଭାଷାର ରୀତି ଗ୍ରାମ୍ୟତାରୁ ମିଳେ । ନାଗରିକ ଭାଷା ବହୁଆଡୁ ପ୍ରତିଘାତ ପାଇ କଳୁଷିତ ହୋଇପାରେ, କିନ୍ତୁ ଗ୍ରାମ୍ୟ ଭାଷା ପକ୍ଷରେ ସେପରି କୌଣସି ଅନ୍ତରାୟ ନଥିବାରୁ ଦେଶୀୟ ରୀତି ଓ ଭାବ ସେଥିରେ ଅଟଳ ରହିଥାଏ ।"* ('ଗ୍ରାମ୍ୟ ଭାଷା', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ଦ୍ୱିତୀୟ ସଂଖ୍ୟା, ପୃ-*୬୯-୭୦)*

'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' ପ୍ରବନ୍ଧରେ ଓଡ଼ିଆ ସାହିତ୍ୟିକ ଭାଷାକୁ ବିଚାର କରାଯାଇଛି । ଗବେଷକଙ୍କ ମତରେ- *"ଯାହାର ଭାଷାରେ ଯେତିକି ମୋହ ଅଛି, ସେ ତେତିକି ପାଠକ ସମାଜର ହୃଦୟ ଅଧିକାର କରି ବସିବେ ଏବଂ ତାହାଙ୍କ ଭାଷା ତେତିକି ସ୍ଥାୟିତ୍ୱ ବା ଅମରତ୍ୱ ଲାଭ କରିବ । ଏ ବିଷୟରେ ଭକ୍ତକବି ଜଗନ୍ନାଥ ଉତ୍କଳରେ ଅଗ୍ରଣୀ ଅଟନ୍ତି ।"* (ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି, ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୪୧)

ଓଡ଼ିଆ ଭାଷା-ସାହିତ୍ୟର ଉନ୍ନତି ପାଇଁ ଉତ୍ସାହୀ ହେବା ଆବଶ୍ୟକ ମନେକରି ଉଦ୍‌ବୋଧନ ବାଣୀରେ ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶ ପାଇଁ ଗଠନମୂଳକ ପ୍ରସ୍ତାବ ଦିଆଯାଇଛି । ଏହା ସମକାଳୀନ ଭାଷା ଓ ସାହିତ୍ୟିକ ପରିସ୍ଥିତିର ଏକ ଅନାସକ୍ତ ବିଶ୍ଳେଷଣ । ତତ୍‌କାଳୀନ ଭାଷା ଓ ସାହିତ୍ୟର ଅବସ୍ଥା ଓ ପରିସ୍ଥିତି କଥା ଚିନ୍ତାକରି ପଣ୍ଡିତ ରଥ ଉପସ୍ଥାପନ କରିଥିବା ପ୍ରସ୍ତାବ ଗୁଡ଼ିକର ଏକ ସାର୍ବଜନିକ ଓ ସର୍ବଜନୀନ ଆବେଦନ ରହିଛି । ଏଥିରୁ ତାଙ୍କର ଭାଷା ସାହିତ୍ୟ ପ୍ରୀତି ଓ ନିଃସ୍ୱାର୍ଥପର ବ୍ୟକ୍ତି ଚରିତ୍ରର ପରିଚୟ ମିଳେ ।

ଧ୍ୱନି ଚର୍ଚ୍ଚା :

ଧ୍ୱନିଚର୍ଚ୍ଚା ପର୍ଯ୍ୟାୟରେ 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ' ପ୍ରବନ୍ଧ ସ୍ଥାନିତ । ଏଥିରେ ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଧ୍ୱନି ଓ ଲିପିର ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇ ଉଚ୍ଚାରଣ ଓ ଲିଖନ ବ୍ୟବସ୍ଥାର ସଂସ୍କରଣ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟ ଓଡ଼ିଆ ଭାଷାର ଉଚ୍ଚାରଣ ସମ୍ବନ୍ଧୀୟ । ଏଥିରେ ଶବ୍ଦ ଉଚ୍ଚାରଣର ଅସମତା ହେତୁ ପରିଲକ୍ଷିତ ବିଭିନ୍ନାର୍ଥ ସହିତ ବର୍ଣ୍ଣାଶୁଦ୍ଧିର ସମ୍ଭାବନାକୁ ବିଶ୍ଳେଷଣ କରାଯାଇଛି । ଶବ୍ଦ ଉଚ୍ଚାରଣର ଅସମତା ହେତୁ ପରିଲକ୍ଷିତ ବିଭିନ୍ନାର୍ଥର ଗୋଟିଏ ଉଦାହରଣ ନିଆଯାଇପାରେ । ଯଥା- 'ବିସ' ଶବ୍ଦର 'ସ୍' ଧ୍ୱନିକୁ ଯଦି ମୂର୍ଦ୍ଧା ପ୍ରଦେଶରୁ ଉଚ୍ଚାରଣ କରାଯାଏ, ତାହାର ଅର୍ଥ ହେବ 'ଜହର' ବା 'ଗରଳ' । ଯଦି 'ସ୍' ଧ୍ୱନିକୁ ବର୍ତ୍ସ ପ୍ରଦେଶରୁ ଉଚ୍ଚାରଣ କରାଯାଏ, ତାହେଲେ ତା'ର ଅର୍ଥ ହେବ 'ମୃଣାଳ' । ବର୍ଗ୍ୟ 'ବ' ଓ ଅବର୍ଗ୍ୟ 'ବ' ଏବଂ ବର୍ଗ୍ୟ 'ଜ' ଓ ଅବର୍ଗ୍ୟ 'ଯ' ଭଳି ବର୍ଣ୍ଣାଶୁଦ୍ଧିଗତ ସମ୍ଭାବନା ଓ ତାର ସମାଧାନ ସଂପର୍କରେ ବିଚାର କରିଛନ୍ତି । ଯେପରି- ସଂସ୍କୃତ ଭାଷାରେ ବର୍ଗ୍ୟ 'ବ' ଓ ଅବର୍ଗ୍ୟ 'ବ'ର ଉଚ୍ଚାରଣ ଓ ଆକାର ଅଲଗା ଅଲଗା । ଓଡ଼ିଆ ଓ ବଙ୍ଗଳାରେ 'ବ'ର ଉଚ୍ଚାରଣ ଓ ଆକାର ଭିନ୍ନ । ଏ କ୍ଷେତ୍ରରେ ଭାଷାବିତ୍ ରଥ ମତ ଦିଅନ୍ତି ଯେ ଆଧୁନିକ ହିନ୍ଦୀ 'ବ'(ଇର) ଓ 'ୱ'(ଔର) ଧ୍ୱନିରେ ଯେଉଁଭଳି ଭିନ୍ନତା ରହିଛି ସେହିଭଳି ପାର୍ଥକ୍ୟ ପାଇଁ ଓଡ଼ିଆ ଭାଷାରେ ବର୍ଗ୍ୟ 'ବ' ଗର୍ଭରେ ଗୋଟିଏ ବିନ୍ଦୁ ଦେଲେ ଯଥେଷ୍ଟ ହୁଅନ୍ତା । କାରଣ ତା'ର ବ୍ୟବହାର ଓଡ଼ିଆ ଭାଷାରେ ବେଶୀ ପରିମାଣରେ ନାହିଁ । ଯଦି ଏହାକୁ ସ୍ୱୀକାର କରାନଯାଏ ତାହା ହେଲେ ଅବର୍ଗ୍ୟ 'ବ' ବର୍ଣ୍ଣଟିକୁ ସମ୍ପୂର୍ଣ୍ଣ ବାଦ ଦିଆଯିବା ଉଚିତ ହେବ । ନଚେତ୍ ଭାଷାରେ ବହୁଳ ବର୍ଣ୍ଣାଶୁଦ୍ଧି ହେବ ।

ପ୍ରବନ୍ଧର ଦ୍ୱିତୀୟ ପର୍ଯ୍ୟାୟ ଓଡ଼ିଆ ଭାଷାର ଯୁକ୍ତାକ୍ଷର । ମୂଳ ସଂସ୍କୃତଠାରୁ ପୃଥକ ଥିବା ସଂଯୁକ୍ତ ବର୍ଣ୍ଣର ଲିଖନ ଓ ଉଚ୍ଚାରଣ ଏଥିରେ ଆଲୋଚିତ । ଯେପରି- 'ହ୍ନ' ସଂଯୁକ୍ତ ବର୍ଣ୍ଣଟି 'ହ୍' ଓ 'ନ୍' ବ୍ୟଞ୍ଜନ ଧ୍ୱନି ସହିତ 'ଅ' ସ୍ୱର ଧ୍ୱନିର ସଂଯୋଗରେ ସୃଷ୍ଟ । ଗଠନ ଦୃଷ୍ଟିରୁ ଏହାର ଉଚ୍ଚାରଣରେ ପ୍ରଥମେ 'ହ୍' ଓ ପରେ 'ନ୍' ଧ୍ୱନି ଆସିବା କଥା । କିନ୍ତୁ ଉଚ୍ଚାରଣ କଲାବେଳେ ପ୍ରଥମେ 'ନ୍' ଓ ପରେ 'ହ୍' ଧ୍ୱନି ଉଚ୍ଚାରିତ । ଉଦାହରଣ ସ୍ୱରୂପ- ଚିହ୍ନ, ବହ୍ନି ଆଦି ଶବ୍ଦ । ଏହିଠାରେ ଭାଷାବିତ୍ ରଥ ପ୍ରଶ୍ନ ଉଠାଇଛନ୍ତି ଯେ- *"ଏହି ଶବ୍ଦ ଦ୍ୱୟକୁ ଯଦି ପଦ୍ୟରେ ବିଶ୍ଳେଷଣ କରାଯାଏ ତାହାହେଲେ 'ଚିହ୍ନ' ଓ 'ବହ୍ନି' ବଦଳରେ 'ଚିନହ' ଓ 'ବନହି' ଲେଖିପାରିବୁ କି ?"* (ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ, ମୁକୁର, ତୃତୀୟ ଭାଗ, ପଞ୍ଚମ ସଂଖ୍ୟା, ପୃଷ୍ଠା-୧୧୦) ଉତ୍ତରରେ କୁହାଯାଇପାରେ ନା । ପ୍ରକୃତରେ 'ଚିହ୍ନ' ଓ 'ବହ୍ନି' ଶବ୍ଦ ଦ୍ୱୟକୁ ପଦ୍ୟରେ ଲେଖିଲେ 'ଚିହନ' ଓ 'ବହନି' ହେବ । ଓଡ଼ିଆ ଭାଷାରେ ଏହାର ବ୍ୟବହାର ଶବ୍ଦର ମଧ୍ୟ ଓ ଅନ୍ତ ସ୍ଥାନରେ ଅଛି; କିନ୍ତୁ ଆଦ୍ୟରେ ନାହିଁ । ଯଥା- ଆହ୍ନିକ ଓ ଜହ୍ନ । ଏହିଭଳି ହ୍ଲ, ହ୍ୟ, ଞ୍ଚ, ଷ୍ଟ, କ୍ଷ, ଙ୍ଗ ଓ ରେଫ୍ (ର୍) ସଂଯୁକ୍ତ ବର୍ଗର ବିଚାର କରାଯାଇଛି ।

ଭାଷାବିତ୍ ରଥଙ୍କ ସଂପର୍କରେ ପ୍ର. ସବିତା ପ୍ରଧାନ 'ଭାଷାଶୈଳୀ ଅବବୋଧ' ପୁସ୍ତକରେ ଲେଖିଛନ୍ତି- *"ଗ୍ରୀଏରସନ୍ ୧୯୨୧ ମସିହାରେ ଓଡ଼ିଶା-ବିହାର ସରକାରଙ୍କୁ ଓଡ଼ିଆରେ କୌଣସି ଅକ୍ଷର ତାଲିକା ନଥିବା କଥା ଜଣାଇ ଚିଠି ଦିଅନ୍ତି । ଏହାର ଫଳସ୍ୱରୂପ ପଣ୍ଡିତ କାଶୀନାଥ ଦାସ ଓ ମୃତ୍ୟୁଞ୍ଜୟ ରଥ ୧୯୨୪ରେ ଏକ ତାଲିକା ପ୍ରସ୍ତୁତ କରିଥିଲେ । ଯାହା ସାର୍ ମାକ୍‌ଫର୍ସନଙ୍କ ମୁଖବନ୍ଧ ସହିତ 'ଓଡ଼ିଆ ବର୍ଣ୍ଣମାଳା'* (The Oriya

Alphabet) *ନାମରେ ପ୍ରକାଶିତ ହୋଇଥିଲା ।"* (ଭାଷାଶୈଳୀ ଅବବୋଧ, ପୃଷ୍ଠା-୩୭)

ଶବ୍ଦ ଚର୍ଚ୍ଚା :

'ଶବ୍ଦ ରହସ୍ୟ', 'ଶବ୍ଦାର୍ଥ ଚର୍ଚ୍ଚା', 'ଧ୍ୱନ୍ୟାତ୍ମକ ଭାଷା', 'ଖଣ୍ଡିଏ ପତ୍ର' ପ୍ରବନ୍ଧ ଏବଂ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦ 'ଶବ୍ଦଚର୍ଚ୍ଚା' ପର୍ଯ୍ୟାୟଭୁକ୍ତ । ଧ୍ୱନି ଭାଷାର ସର୍ବନିମ୍ନ ଏକକ ହୋଇଥିଲାବେଳେ ଶବ୍ଦ ହେଉଛି ଅର୍ଥର ମୂଳ ଆଧାର । ଶବ୍ଦଚର୍ଚ୍ଚା ପର୍ଯ୍ୟାୟ ତିନୋଟି ଉପପର୍ଯ୍ୟାୟରେ ବିଭକ୍ତ । (୧) ଧ୍ୱନ୍ୟାତ୍ମକ ଶବ୍ଦ, (୨) ଶବ୍ଦାର୍ଥ ଚର୍ଚ୍ଚା, ଏବଂ (୩) ଶବ୍ଦର ବିଭାଗୀକରଣ ।

(୧) ଧ୍ୱନ୍ୟାତ୍ମକ ଶବ୍ଦ- 'ଧ୍ୱନ୍ୟାତ୍ମକ ଭାଷା' ପ୍ରବନ୍ଧ ଉକ୍ତ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ଏହି ପ୍ରବନ୍ଧ ରଚନା କରି ଭାଷାବିତ ରଥ ଓଡ଼ିଆ ଭାଷାରେ ଧ୍ୱନି ଅନୁକରଣ ଦ୍ୱାରା ସୃଷ୍ଟ ଏକ ଅର୍ଥକ୍ଷମ ଶବ୍ଦ ରହିଥିବା ବିଷୟ ଆବିଷ୍କାର କରିଥିଲେ । ଭାଷା ସମାଜର ପ୍ରାଣ, ଭାବ ପ୍ରକାଶ କରିବାର ମାଧ୍ୟମ । ଭାଷାର ସର୍ବନିମ୍ନ ଏକକ ହେଉଛି ଧ୍ୱନି । ପ୍ରକୃତିର ଧ୍ୱନିକୁ ଅନୁକରଣ କରି ମଣିଷ ଧ୍ୱନି ସୃଷ୍ଟି କରିଛି । ବସ୍ତୁର ଧ୍ୱନ୍ୟାନୁକାରୀ ଶବ୍ଦ ଦ୍ୱାରା ଭାବ ପ୍ରକାଶ କରିବା ହେଉଛି ଧ୍ୱନ୍ୟାତ୍ମକ ଭାଷା । ବର୍ତ୍ତମାନ ଏହା 'ଧ୍ୱନ୍ୟାତ୍ମକ ଶବ୍ଦ' ନାମରେ ପରିଚିତ । ଓଡ଼ିଆ ଭାଷାରେ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ସଂଖ୍ୟା ବେଶୀ । ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକ ମୁଖ୍ୟତଃ ପ୍ରାକୃତିକ ଜଗତର ବିଭିନ୍ନ ଧ୍ୱନିକୁ ଅନୁସରଣ କରି ଗଢ଼ିଉଠିଥିବା ମନେହୁଏ । ଅନେକ ପ୍ରୟୋଜନୀୟ ଭାବ ଅଳ୍ପ ସମୟ ମଧ୍ୟରେ ସ୍ପଷ୍ଟ ଭାବେ ପ୍ରକାଶ କରାଯାଇପାରେ ବୋଲି, କବିମାନେ ନିଜ ନିଜ କୃତିରେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର କରିଥାନ୍ତି । ପଣ୍ଡିତ ରଥଙ୍କ ମତରେ, *"ହୁଏତ ଧ୍ୱନ୍ୟାତ୍ମକ ଭାଷା ଦ୍ୱାରା ଯାହା ବ୍ୟକ୍ତ ହେବ ତାହା ଅନ୍ୟ କୌଣସି ରୂପେ ସ୍ପଷ୍ଟ ବ୍ୟକ୍ତ ହୋଇପାରିବ ନାହିଁ ।"(୧୪)* । 'ଧ୍ୱନ୍ୟାତ୍ମକ ଶବ୍ଦ' ଆଲୋଚନାରେ ସେ କେତେକ ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହୃତ ବାକ୍ୟର ଉଦାହରଣ ଦେଇଛନ୍ତି । ଯେପରି- 'ମେଘ ବରସିଲା ଟପର ଟପର', 'ଦନ୍ତ କଡ଼ମଡ଼ି ସିଂହ ପଡ଼େ ଆଚମ୍ବିରେ' ଇତ୍ୟାଦି । ତେବେ ସବୁ ଧ୍ୱନ୍ୟାତ୍ମକ ଶବ୍ଦର ଉଦାହରଣ ଦିଆଯାଇନାହିଁ । ଏହାର କାରଣ ସବୁ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟାଖ୍ୟା ନିମିତ୍ତ ସ୍ଥାନ ଓ ସମୟର ଅଭାବ । ଏହି ଅଭାବ ଭିତରେ କିନ୍ତୁ ରଥ ମହାଶୟଙ୍କ ପାଖରେ ସୁଯୋଗ ଥିଲା ଯେ ସେ ଅର୍ଥ ଦୃଷ୍ଟିରୁ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ବିଭାଗୀକରଣ କରିପାରିଥାନ୍ତେ । ଡ. ସବିତା ପ୍ରଧାନଙ୍କ 'ଭାଷା-ଶୈଳୀ ଅବବୋଧ' ପୁସ୍ତକ ଏବଂ ଡ. ହର ପ୍ରସାଦ ମିଶ୍ରଙ୍କ 'ବ୍ୟାବହାରିକ ଓଡ଼ିଆ ବ୍ୟାକରଣ' ପୁସ୍ତକରେ ଅର୍ଥ ଦୃଷ୍ଟିରୁ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ବିଭାଗୀକରଣ ହୋଇଛି । ତେଣୁ ଡ. ପ୍ରଧାନ ଓ ଡ. ମିଶ୍ରଙ୍କ ବିଭାଗୀକରଣକୁ ଦୃଷ୍ଟିରେ ରଖି ଯଦି ବିଭାଗୀକରଣ କରାଯାଏ, ତେବେ ତାହାକୁ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

(କ) ଧ୍ୱନି ଅନୁକରଣ (ଝମ୍ ଝମ୍, ସୁ ସୁ ଇତ୍ୟାଦି) ।

(ଖ) କ୍ରିୟା ଓ ତତ୍‌ଜାତ ଧ୍ୱନିର ମିଳିତ ଅନୁକରଣ (ଡଗ ଗଡ, ଥପ୍ ଥପ୍ ଇତ୍ୟାଦି) ।

(ଗ) କ୍ରିୟା ବିଧିର ଅନୁକରଣ (ପିଚ୍ ପିଚ୍, କେଁ କେଁ ଇତ୍ୟାଦି) ।

(ଘ) ଶାରୀରିକ ଅନୁଭୂତି ଅନୁସରଣ (ଟାଇଁ ଟାଇଁ, ଖେଁ ଖେଁ ଇତ୍ୟାଦି) ।

(ଙ) ମାନସିକ ଅନୁଭୂତି ଅନୁକରଣ (ଟଙ୍ଗ୍ ଟଙ୍ଗ୍, ଶକ୍ ଶକ୍ ଇତ୍ୟାଦି) ।

(ଚ) ଅବସ୍ଥା ଅନୁକରଣ (ଜଳ ଜଳ, ଶଲ୍ ଶଲ୍ ଇତ୍ୟାଦି) ।

ଭାବ କ୍ଷୟ ପ୍ରତି ଦୃଷ୍ଟିନିକ୍ଷେପ କରି ଧ୍ୱନ୍ୟାତ୍ମକ ଶବ୍ଦର ଗୁରୁତ୍ୱକୁ ପାଠକ ସମ୍ମୁଖରେ ଉପସ୍ଥାପନ କରାଯାଇଛି । ଯେପରି- "ଅଗ୍ନି ଧକ୍ ଧକ୍ ହୋଇ ଜଳୁଅଛି । 'ଧକ୍ ଧକ୍' କହିଲା କ୍ଷଣି ଅଗ୍ନି ଶିଖାର ସେହି ଧକ୍ ଧକ୍ ଶବ୍ଦ ଏବଂ ଚିତ୍ର ଯୁଗପତ୍ ମାନସଗୋଚର ହୁଏ ।" (ଧ୍ୱନ୍ୟାତ୍ମକ ଭାଷା, ଉତ୍କଳ ସାହିତ୍ୟ, *୬ଷ୍ଠ* ଭାଗ, ୧୨ଶ ସଂଖ୍ୟା, ଚୈତ୍ର, ୧୩୧୦, ପୃ.-୨୭୭) ଏଠାରେ 'ଧକ୍ ଧକ୍' ଶବ୍ଦକୁ ବାଦ ଦେଇ ଭାବ ବ୍ୟକ୍ତ କରିବା ଅସମ୍ଭବ । ଦ୍ୱିତ୍ୱ ଉଚ୍ଚାରଣ ଧ୍ୱନ୍ୟାତ୍ମକ ଶବ୍ଦର ପ୍ରମୁଖ ବୈଶିଷ୍ଟ୍ୟ । କେତେକ ଧ୍ୱନ୍ୟାତ୍ମକ ଶବ୍ଦର ଏକକ ଉଚ୍ଚାରଣ ମଧ୍ୟ ରହିଛି । ଯେପରି- ପଚ୍ କରି ଗୋଡ଼ ଖସିଗଲା । ଏଠାରେ 'ପଚ୍' ଏକକ ଧ୍ୱନ୍ୟାତ୍ମକ ଶବ୍ଦ । ଏହା ପୂର୍ବରୁ ଧ୍ୱନ୍ୟାତ୍ମକ ଶବ୍ଦର ଭାଷାତାତ୍ତ୍ୱିକ ବିଶ୍ଳେଷଣ ହୋଇଥିବା ପରିଦୃଷ୍ଟ ହୁଏ ନାହିଁ । ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଏହାର ଅଧିକାଂଶ ଶବ୍ଦ ଦେଶଜ । ଭାଷାବିତ ରଥଙ୍କ ସଂଗୃହୀତ ଧ୍ୱନ୍ୟାତ୍ମକ ଶବ୍ଦ ଏକାକ୍ଷରୀ (ଖେଁ ଖେଁ), ଦ୍ୱିଅକ୍ଷରୀ (ଖଟ୍ ଖଟ୍) ଏବଂ ତିନି ଅକ୍ଷରୀ (ଫଁକର ଫଁକର) । ତାଙ୍କର ଓଡ଼ିଆ ଭାଷା କ୍ଷେତ୍ରରେ ଧ୍ୱନ୍ୟାତ୍ମକ ଶବ୍ଦ ଉପରେ ଆଲୋଚନା ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଥମ ଏବଂ ସ୍ୱାଗତଯୋଗ୍ୟ ।

(୨) ଶବ୍ଦାର୍ଥ ଚର୍ଚ୍ଚା : ଉକ୍ତ ପର୍ଯ୍ୟାୟରେ 'ଶବ୍ଦ ରହସ୍ୟ', 'ଶବ୍ଦାର୍ଥ ଚର୍ଚ୍ଚା' ଏବଂ 'ଖଣ୍ଡିଏ ପତ୍ର' ପ୍ରବନ୍ଧ ଅନ୍ତର୍ଭୁକ୍ତ । ଏହି ପ୍ରବନ୍ଧଗୁଡ଼ିକରେ ଶବ୍ଦ ଓ ଅର୍ଥର ସଂଜ୍ଞା ଏବଂ ଏହାର ସମ୍ବନ୍ଧକୁ ଦର୍ଶାଯାଇଛି । ଭାଷାବିତ୍ ରଥଙ୍କ ମତରେ ଦୁଇଟି ଉପାୟରେ ଅର୍ଥକୁ ପରିସ୍ଫୁଟ କରାଯାଇପାରେ । ଗୋଟିଏ ବ୍ୟୁତ୍ପତ୍ତି ଦ୍ୱାରା ଏବଂ

ଅନ୍ୟଟି ଉପମା ଦ୍ୱାରା । ଶବ୍ଦର ବ୍ୟୁତ୍ପତ୍ତି ଦ୍ୱାରା କିଭଳି ଅର୍ଥ ସ୍ପଷ୍ଟ ଅନୁମେୟ ଏହାର ଗୋଟିଏ ଉଦାହରଣ ନିଆଯାଇପାରେ– *"ପନ୍ନଗ; ପଦ୍(ପଦ) + ନଗ- ଯେ ପାଦରେ ଗମନ କରେ ନାହିଁ ଅର୍ଥାତ୍ ଯାହାର ପାଦ ନାହିଁ ସେ ପନ୍ନଗ । ସୁତରାଂ ଶବ୍ଦଟିରୁ ପ୍ରତିପନ୍ନ ହେଉଅଛି ଯେ ଏହା ସର୍ପର ନାମ ।"* (ଶବ୍ଦ ରହସ୍ୟ, ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୦୨) ଏହିଭଳି ଯୁଦ୍ଧିଷ୍ଠିର, ନଗ, ଭୁଜଗ, ପତଙ୍ଗ, ଚନ୍ଦ୍ର, ସୁବର୍ଣ୍ଣ, ନାକ, ପତତ୍ର, ବିଷ୍ଣୁ ଓ ରସଜ୍ଞା ଶବ୍ଦର ଉତ୍ପତ୍ତିଗତ ଅର୍ଥକୁ ବିଚାର କରାଯାଇଛି ।

ଉପମା ଭାବ ପ୍ରକାଶର ଏକ ସୂକ୍ଷ୍ମ ଉପାୟ । ଉପମାବଦ୍ଧ ଶବ୍ଦଗୁଡ଼ିକୁ ତୁଳନା କରି ନ ଦେଖିଲେ ପ୍ରକୃତ ଅର୍ଥବୋଧ ହେବ ନାହିଁ । କବିଗଣ କିନ୍ତୁ ନିଜର କବିତ୍ୱର ପରିଚୟ ନିମିତ୍ତ ଉପମାର ପ୍ରୟୋଗ କରିଛନ୍ତି । ଏହାର ଉଦାହରଣ ଦେବାକୁ ଯାଇ ଗବେଷକ ରଥ ମତ ଦିଅନ୍ତି- *"ଶୂଳ(ଅସ୍ତ୍ର) କଷ୍ଟଦାୟକ, ତାହା ସ୍ପର୍ଶେନ୍ଦ୍ରିୟଗ୍ରାହ୍ୟ ହେଲେ ହେଁ ତୁଳନାରେ ସେହି ଅନୁଭବ ଅନ୍ୟାନ୍ୟ ଇନ୍ଦ୍ରିୟଠାରେ ଆରୋପିତ ହୋଇଥାଏ । ଯଥା – ସେ କଥା ମୋର କର୍ଣ୍ଣଶୂଳ ହେଲା ଅର୍ଥାତ ଶୂଳ ସ୍ପର୍ଶେନ୍ଦ୍ରିୟ ପ୍ରତି ଯେପରି କଷ୍ଟଦାୟକ, ସେ କଥା ଶ୍ରବଣେନ୍ଦ୍ରିୟ ପ୍ରତି ସେହିପରି ।"* (ଶବ୍ଦ ରହସ୍ୟ, ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୦୪) ଶବ୍ଦର ଉତ୍ପତ୍ତି ଏବଂ ଉପମା ଦ୍ୱାରା କବିତ୍ୱ ଓ ଭାବୁକତା ରହିଥିବା ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ । ଏହିଭଳି ବହୁ ଶବ୍ଦଗଠନଗତ ଚମତ୍କାରିତା ଏବଂ ତାର ଉତ୍ପତ୍ତି ସଂପର୍କରେ ଆଲୋଚନା ରହିଛି ।

(୩) ଶବ୍ଦର ବିଭାଗୀକରଣ : ଉକ୍ତ ପର୍ଯ୍ୟାୟରେ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦ ଅନ୍ତର୍ଭୁକ୍ତ । ଏହା ଏକ ପାଠ୍ୟ ପୁସ୍ତକ । ଏଥିରେ ଓଡ଼ିଆ ଭାଷାରେ ମିଶିଥିବା ତତ୍ସମ, ତଦ୍ଭବ, ଦେଶଜ, ଆରବୀ, ପାର୍ସୀ, ଉର୍ଦ୍ଦୁ, ହିନ୍ଦୀ, ଇଂରାଜୀ ଓ ପର୍ତ୍ତୁଗୀଜ ଶବ୍ଦର ବିଭାଗୀକରଣ ଏବଂ ଶବ୍ଦର ଅର୍ଥ ଅନୁସାରେ ଏକାର୍ଥ ବର୍ଗ, ନାନାର୍ଥ ବର୍ଗ, ବିପରୀତାର୍ଥ ବର୍ଗ ଓ ଦ୍ୱିରୂପ ବର୍ଗର ବିଭାଗୀକରଣ କରାଯାଇଛି ।

ଅଭିଧାନ ଚର୍ଚ୍ଚା :

ଉକ୍ତ ପର୍ଯ୍ୟାୟରେ 'ମୂଳ ଶବ୍ଦବୋଧିକା', 'ପକେଟ ଓଡ଼ିଆ ଅଭିଧାନ' ଏବଂ 'ସରଳ ଓଡ଼ିଆ ଅଭିଧାନ' ପୁସ୍ତକ ତ୍ରୟ ଅନ୍ତର୍ଭୁକ୍ତ । 'ମୂଳ ଶବ୍ଦବୋଧିକା' ଅଭିଧାନରେ ପ୍ରଦତ୍ତ ୧୯୮୩ଟି ଶବ୍ଦର ମୂଳ ରୂପ ସଂସ୍କୃତ ବୋଲି ଦର୍ଶାଯାଇଛି । ପକେଟ ଓଡ଼ିଆ ଅଭିଧାନଟି ଶବ୍ଦ-ଅର୍ଥ ସଂପର୍କିତ । ଶବ୍ଦଗୁଡ଼ିକର ମୂଳ ରୂପକୁ ଦେଖାଇ ଗବେଷକ ରଥ ସଂସ୍କୃତ ଶବ୍ଦ ଅପଭ୍ରଂଶ ଶବ୍ଦରେ ପରିଣତ ହେବାର ଷୋହଳ ଗୋଟି ନିୟମକୁ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ଯଥାକ୍ରମେ- ସଂସ୍କୃତ-ଅପଭ୍ରଂଶ = ବ-ଉ, ଅବ-ଓ, ଟ-ଡ଼, ଠ-ଢ଼, ପ-ବ, ଭ-ହ, ଖ ଓ ଭ-ହ, ସ୍ତ-ଥ, କ୍ଷ-ଖ, ତ୍-ନ୍ତ, ମ-ଅଁ, ଶ,ସ-ଛ, ର-ଇ, ୟ-ଅ, କ,ତ,ଦ,ପ (ବ)-ଅ ଏବଂ ନ-ଣ । ଉକ୍ତ ନିୟମଗୁଡ଼ିକ ପରେ ପ୍ରତ୍ୟେକ ଯୁକ୍ତାକ୍ଷରର ଉତ୍ପାଦକ ବର୍ଣ୍ଣଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରଧାନ ବର୍ଣ୍ଣ କିମ୍ବା ପ୍ରଥମ ବର୍ଣ୍ଣ ହିଁ ଅବଶିଷ୍ଟ ରହିଥାଏ । ଶେଷରେ ୨୩୪ଟି ସଂସ୍କୃତ ଶବ୍ଦାବଳୀର ସୂଚନା ରହିଛି ।

'ପକେଟ ଓଡ଼ିଆ ଅଭିଧାନ'ଟି ଶବ୍ଦର ଅର୍ଥ ସଂପର୍କିତ । ଉକ୍ତ ଅଭିଧାନଟି ଭାଷାବିତ୍ ରଥ ଏବଂ ତାଙ୍କର ଶିଷ୍ୟ ଶ୍ରୀ ବାଂଛାନିଧି ମିଶ୍ରଙ୍କ ଦ୍ୱାରା ସଂକଳିତ । ଭାଷାବିତ୍ ରଥ ପକେଟ ଅଭିଧାନ ରଚନା କାର୍ଯ୍ୟରେ ବ୍ରତୀ ହୋଇ 'ପ' ଅକ୍ଷର ପର୍ଯ୍ୟନ୍ତ ସଂକଳନ କରିଥିବା ସମୟରେ ଦୁର୍ଭାଗ୍ୟବଶତଃ ମୃତ୍ୟୁ ଘଟିଥିଲା । ଉକ୍ତ ଅଭିଧାନ ପ୍ରକାଶର ବିଶେଷ ଭାବରେ ଆବଶ୍ୟକତା ଅନୁଭବ କରି ପ୍ରକାଶକ ଶ୍ରୀ ଆକୁଳ ମିଶ୍ର ମହାଶୟ ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କୁ ଦେଇଥିଲେ । ଅଭିଧାନଟି ୬୭୮ ପୃଷ୍ଠା ବିଶିଷ୍ଟ । ଅନ୍ୟ ଅଭିଧାନ ଭଳି ଏଥିରେ ମଧ୍ୟ ସାଂକେତିକ ଚିହ୍ନର ବ୍ୟବହାର ରହିଛି । ସେଗୁଡ଼ିକ ଯଥାକ୍ରମେ- ବି.-ବିଶେଷ୍ୟ, ବିଂ.- ବିଶେଷଣ, କ୍ରି.- କ୍ରିୟା, କ୍ରି. ବି.- କ୍ରିୟା ବିଶେଷ୍ୟ, କ୍ରି. ବିଂ.- କ୍ରିୟା ବିଶେଷଣ, ସର୍ବ.- ସର୍ବନାମ (୪୪୭ ପୃଷ୍ଠାରୁ ଏହା 'ସ.' ସଂକେତକୁ ଗ୍ରହଣ କରିଛି), ଅ.- ଅବ୍ୟୟ, ଦେ.- ଦେଶଜ ଶବ୍ଦ, ସ. ସମ୍ବଲପୁର ଶବ୍ଦ ଏବଂ ଯା.- ଯାବନିକ ଶବ୍ଦ । ଭାଷାବିତ୍ ରଥଙ୍କ ଦ୍ୱାରା ସଂକଳିତ ହୋଇଥିବା ଶବ୍ଦ ସଂଖ୍ୟା ୧୧,୭୫୦ । ଏଥିମଧ୍ୟରୁ ସ୍ୱରବର୍ଣ୍ଣରେ ୨୭୨୦ଟି ଶବ୍ଦ ଏବଂ ବ୍ୟଞ୍ଜନ ବର୍ଣ୍ଣରେ ୯୦୩୦ଟି ଶବ୍ଦ ରହିଛି ।

ଓଡ଼ିଆ ଭାଷାରେ ଏକଭାଷିକ, ଦ୍ୱିଭାଷିକ, ତ୍ରିଭାଷିକ ଓ ଚତୁର୍ଭାଷିକ ଅଭିଧାନ ରହିଛି । ପଣ୍ଡିତ ରଥଙ୍କର ପକେଟ ଅଭିଧାନ ଏକଭାଷିକ । ପ୍ରତ୍ୟେକ ବର୍ଣ୍ଣର ନାମକରଣ କରାଯାଇଛି । ଯେମିତି 'ଅ' ବର୍ଣ୍ଣକୁ ଆଦିସ୍ୱର, 'ଆ' ବର୍ଣ୍ଣକୁ ଦ୍ୱିତୀୟ ସ୍ୱର ଇତ୍ୟାଦି । 'ତରୁଣ ଶବ୍ଦକୋଷ'(ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ଦ୍ୱାରା ସଂକଳିତ) ଭଳି କେତେକ ମାନକ ଅଭିଧାନଗୁଡ଼ିକରେ ଦୀର୍ଘ 'ଋ' ଓ ଦୀର୍ଘ 'ଌ' ବର୍ଣ୍ଣର ଶବ୍ଦ ନାହିଁ । ଉକ୍ତ ଅଭିଧାନରେ 'ଋ'କୁ ଅଷ୍ଟମ ସ୍ୱରବର୍ଣ୍ଣ ନାମରେ ନାମିତ କରାଯାଇ ଗୋଟିଏ(କେବଳ ଋ)ର ଅର୍ଥ (ଅଷ୍ଟମ ସ୍ୱରବର୍ଣ୍ଣ, ବି. ଶିବ, ଦୈତ୍ୟ, ସ୍ୱର୍ଗ)କୁ ବିଚାର କରାଯାଇଛି ।

ସେହିଭଳି ଦୀର୍ଘ 'ଌ' ବର୍ଣ୍ଣକୁ ନବମ ସ୍ୱର ଭାବେ ଗ୍ରହଣ କରାଯାଇଛି । ଏଥିରେ କେବଳ ଦୀର୍ଘ 'ଌ' ବର୍ଣ୍ଣର ଅର୍ଥ ନବମ ସ୍ୱରବର୍ଣ୍ଣ, ପୃଥିବୀ ଓ ପର୍ବତ ବୋଲି ଗ୍ରହଣ କରାଯାଇଛି ।

କେତେକ ଅଭିଧାନରେ 'କ୍ଷ' ବର୍ଣ୍ଣ 'କ' ବର୍ଣ୍ଣ ପରେ ଥିଲାବେଳେ ଆଉ କେତେକ ଅଭିଧାନରେ 'ହ' ବର୍ଣ୍ଣ ପରେ ଥାଏ । ଯେଉଁ ଅଭିଧାନଗୁଡ଼ିକରେ 'ହ' ବର୍ଣ୍ଣ ପରେ 'କ୍ଷ' ବର୍ଣ୍ଣ ଥାଏ, ସେଗୁଡ଼ିକୁ ଓଡ଼ିଆ ଲିପି ବା ବର୍ଣ୍ଣମାଳା ଦୃଷ୍ଟିରୁ ସ୍ଥାନିତ କରାଯାଇଥାଏ । ଯେଉଁ ଅଭିଧାନଗୁଡ଼ିକରେ 'କ' ବର୍ଣ୍ଣ ପରେ 'କ୍ଷ' ବର୍ଣ୍ଣ ଥାଏ, ସେଗୁଡ଼ିକୁ ଓଡ଼ିଆ ଧ୍ୱନିର ଉଚ୍ଚାରଣ ଦୃଷ୍ଟିରୁ ବିଚାର କରାଯାଇଥାଏ । ଏଗୁଡ଼ିକ ବୈଜ୍ଞାନିକ ରୀତିରେ ବିଚାର୍ଯ୍ୟ । ଭାଷାବିତ୍ ରଥଙ୍କ ଅଭିଧାନ ଏହି ଶ୍ରେଣୀର । ଅର୍ଥାତ୍ ସେ 'କ୍ଷ' ବର୍ଣ୍ଣକୁ 'କ' ବର୍ଣ୍ଣ ପରେ ବିଚାର କରିଛନ୍ତି । ଏଥିରେ 'କ୍ଷ' ବର୍ଣ୍ଣକୁ ସ୍ୱତନ୍ତ୍ର ବର୍ଣ୍ଣ ଭାବେ ନ ବିଚାରି 'କ' ବର୍ଣ୍ଣ ସହ ଯୋଗ କରି ବିଚାର କରିଛନ୍ତି । କରିବାର ପ୍ରମୁଖ କାରଣ ହୋଇପାରେ ଯେ 'କ' ଓ 'ଷ'ର ଯୋଗରେ 'କ୍ଷ'ର ସୃଷ୍ଟି । ସେହିଭଳି 'ଞ'କୁ ବ୍ୟଞ୍ଜନର ଦଶମ ବର୍ଣ୍ଣ ଭାବେ ଗ୍ରହଣ କରାଯାଇଛି । ଏହାର ଅର୍ଥ ବ୍ୟଞ୍ଜନର ଦଶମ ବର୍ଣ୍ଣ, ଶୁକ୍ରାଚାର୍ଯ୍ୟ ଓ ଘର୍ଘର ଶବ୍ଦ ।

ବ୍ୟାକରଣ ଚର୍ଚ୍ଚା :

'ଓଡ଼ିଆ ଭାଷାର ମୂଳ' ପ୍ରବନ୍ଧ ଚର୍ଚ୍ଚାରେ ଓଡ଼ିଆ ବ୍ୟାକରଣ ସଂସ୍କୃତାନୁସାରୀ ଏବଂ ଏହା ପ୍ରାକୃତ ଅପେକ୍ଷା ଉତ୍କୃଷ୍ଟ ବୋଲି ଦର୍ଶିତ । ଏଥିରେ ବ୍ୟାକରଣର ଦଶଗୋଟି ବିଷୟର ସଂକ୍ଷିପ୍ତ ଆଲୋଚନା ରହିଛି । ଏଗୁଡ଼ିକ ଯଥାକ୍ରମେ- (୧) ବର୍ଣ୍ଣମାଳା, (୨) ସନ୍ଧି, (୩) ସମାସ, (୪) ଲିଙ୍ଗ, (୫) କାରକ, (୬) କ୍ରିୟା ପ୍ରକରଣ, (୭) କୃଦନ୍ତ, (୮) ତଦ୍ଧିତ, (୯) ଛନ୍ଦ ଓ (୧୦) ରୀତି । 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର 'ପ୍ରଥମ ଖଣ୍ଡ' ଅନ୍ତର୍ଭୁକ୍ତ ତୃତୀୟ ପରିଚ୍ଛେଦରୁ ଅଷ୍ଟମ ପରିଚ୍ଛେଦ ପର୍ଯ୍ୟନ୍ତ ବିଷୟ ଉକ୍ତ ପର୍ଯ୍ୟାୟରେ ସ୍ଥାନିତ । ଏହା ଛାତ୍ରମାନଙ୍କ ପାଠ୍ୟ ପୁସ୍ତକ ଭାବେ ବ୍ୟବହୃତ ହେଉଥିଲା ।

ଭାଷାବିତ ରଥଙ୍କ 'ଜଗନ୍ନାଥ ଶିଳାଲେଖ' ପ୍ରବନ୍ଧରେ ଓଡ଼ିଆ ଭାଷାର ପ୍ରାଚୀନତା ସଂପର୍କରେ ସମ୍ୟକ ସୂଚନା ରହିଛି । ପ୍ରବନ୍ଧଟିରେ ତିନୋଟି ବିଭିନ୍ନ ସମୟର ଲିପିକୁ ପାଠକମାନଙ୍କ ଆଗରେ ଉପସ୍ଥାପନ କରାଯାଇଛି । ତନ୍ମଧ୍ୟରେ ପ୍ରଥମଟି ରାଜା କପିଳେନ୍ଦ୍ର ଦେବ (୧୪୩୫-୬୭ ଖ୍ରୀ.ଅ.), ଦ୍ୱିତୀୟଟି ରାଜା ପୁରୁଷୋତ୍ତମ ଦେବ (୧୪୬୭-୯୭ ଖ୍ରୀ.ଅ.) ଏବଂ ତୃତୀୟଟି ରାଜା ପ୍ରତାପରୁଦ୍ର ଦେବଙ୍କ (୧୪୯୭-୧୫୪୦ ଖ୍ରୀ.ଅ.) ରାଜତ୍ୱ କାଳରେ ଖୋଦିତ । ଲିପିତ୍ରୟର ଭାଷା ଓଡ଼ିଆ । ତେବେ କପିଳେଶ୍ୱର ଦେବଙ୍କ ସମୟ ପଂଚଦଶ ଶତାବ୍ଦୀ । ଏହି ସମୟରେ ଆଦିକବି ସାରଳା ଦାସ 'ମହାଭାରତ' କାବ୍ୟ ଲେଖିଥିଲେ । ଏହାର ଭାଷା ଥିଲା ନିଛକ ଓଡ଼ିଆ । ଅର୍ଥାତ୍ ସଂସ୍କୃତର ଶୃଙ୍ଖଳିତ ବନ୍ଧନରୁ ମୁକୁଳି ଭାଷା ଲୋକମୁଖରେ ଉଚ୍ଚାରିତ ହେଉଥିଲା । ତେବେ ପ୍ରତାପରୁଦ୍ର ଦେବଙ୍କ ସମୟରେ ରଚିତ ଜଗନ୍ନାଥ ଦାସଙ୍କ 'ଭାଗବତ' ଓଡ଼ିଆ ମାନକ ଭାଷାର ଭିତ୍ତି । ପଣ୍ଡିତ ରଥଙ୍କ ମତରେ ଅଭିଲେଖଗୁଡ଼ିକରେ ସମୟ ବ୍ୟବଧାନ ସତ୍ତ୍ୱେ ଭାଷାର ପରିବର୍ତ୍ତନ ପରିଦୃଷ୍ଟ ହୁଏନାହିଁ । ତେଣୁ ଓଡ଼ିଆ ଭାଷାର ଶ୍ରୀବୃଦ୍ଧିରେ ବାଧା ସୃଷ୍ଟି ହୋଇଛି । ଭାଷା ଚର୍ଚ୍ଚା ଅଭିଲେଖଟିର ମୂଳ ଉଦ୍ଦେଶ୍ୟ ନୁହେଁ । ତାଙ୍କ ଆଲୋଚନାରେ ରହିଛି ଯେ ଜଗନ୍ନାଥଙ୍କ ଧାମରେ କୌଣସି ଆଦେଶ ବା ଆଜ୍ଞା ଜାରି କଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାକୁ ଜନସାଧାରଣ ଯଥେଷ୍ଟ ଭକ୍ତି ସହକାରେ ଗ୍ରହଣ କରନ୍ତି । ଅବମାନନା କରନ୍ତି ନାହିଁ । ତେଣୁ ରାଜା ଆଜ୍ଞା ମଧ୍ୟ ଜଗନ୍ନାଥଙ୍କ ନାମରେ ଶପଥ ଦିଆଯାଇଛି । ଧର୍ମର ଶାସନ ଯୋଗୁଁ ଅର୍ଥ, ସଂପତ୍ତି, ଭୂମିଦାନ ଆଦିର ଯଥାଯଥ ରକ୍ଷଣାବେକ୍ଷଣ ହେଉଛି । ଏବେ ପର୍ଯ୍ୟନ୍ତ ସେଥିରେ ଅନ୍ୟଥା ହୋଇନାହିଁ । ଲେଖକ ଏହାର ଏହି ମୂଲ୍ୟବୋଧ ଦିଗଟି ପ୍ରତି ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

'ଉତ୍କଳ ସାହିତ୍ୟ' ଓ 'ମୁକୁର' ପତ୍ରିକାରେ ସର୍ବମୋଟ ଦଶଗୋଟି ଭାଷା ଭିତ୍ତିକ ପ୍ରବନ୍ଧ, ତିନୋଟି ଅଭିଧାନ ଗ୍ରନ୍ଥ, ଗୋଟିଏ ବ୍ୟାକରଣ ଏବଂ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକ ରଚନା କରି ଭାଷାବିତ ରଥ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ସକ୍ଷମ ହୋଇଛନ୍ତି । ତାଙ୍କ ଭାଷାଚର୍ଚ୍ଚାରେ ଶବ୍ଦସ୍ତରୀୟ ଆଲୋଚନା ମୁଖ୍ୟ ସ୍ଥାନ ଗ୍ରହଣ କରିଛି । 'ଧ୍ୱନ୍ୟାତ୍ମକ ଶବ୍ଦ' ଉପରେ ଅନେକ ଭାଷାବିତ୍ ଚିନ୍ତା କରିନାହାନ୍ତି । ଓଡ଼ିଆ ଭାଷାରେ ଏପରି ଏକ ଅର୍ଥକ୍ଷମ ଶ୍ରେଣୀର ଶବ୍ଦ ସଂପର୍କରେ ସେ ପ୍ରଥମେ ଚିନ୍ତା କରିଥିଲେ । ଏହା ତାଙ୍କର ପ୍ରଥମ ଓ ପ୍ରଧାନ ସ୍ୱାତନ୍ତ୍ର୍ୟ । ସେହିପରି 'ଗ୍ରାମ୍ୟ ଭାଷା' ସଂପର୍କରେ ଭାଷାବିତ ରଥଙ୍କ ପୂର୍ବରୁ କୌଣସି ଆଲୋଚନା ହୋଇଥିବାର ଦୃଷ୍ଟିଗୋଚର ହୁଏ ନାହିଁ । ପ୍ରାକୃତ ଆଧାରରେ ଶବ୍ଦର ମୂଳ ଅନୁସରଣ କରିବା କ୍ଷେତ୍ରରେ ମଧ୍ୟ ସେ ସମ୍ଭବତଃ ପ୍ରଥମ ଓଡ଼ିଆ ଭାଷାବିତ । ତାଙ୍କର ବହୁ ଭାଷାରେ ଜ୍ଞାନ ଥିବାରୁ ଭାଷାଚର୍ଚ୍ଚାବେଳେ ଓଡ଼ିଆ ଭାଷାକୁ ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ ଏବଂ ଇଂରାଜୀ ଭାଷା ସହିତ ତୁଳନା କରିଛନ୍ତି । ଏଥିରୁ ତୁଳନାତ୍ମକ

ଭାଷାବିଜ୍ଞାନୀର ପରିଚୟ ସ୍ପଷ୍ଟ । ମଧୁସୂଦନ ରାଓ, ଶ୍ୟାମସୁନ୍ଦର ରାଜଗୁରୁ ଓ ଗୋପୀନାଥ ନନ୍ଦଶର୍ମାଙ୍କ ତୁଲ୍ୟ ସେ ଓଡ଼ିଆ ଭାଷାଚର୍ଚ୍ଚା ପ୍ରତି ଯତ୍ନବାନ ଥିଲେ । ତାଙ୍କର ଭାଷାଚର୍ଚ୍ଚାରେ ଗବେଷକର ଜିଜ୍ଞାସୁ ଦୃଷ୍ଟି, ତଥ୍ୟାନୁସନ୍ଧାନଗତ ଐତିହାସିକ ସୁଲଭ ସତ୍ୟନିଷ୍ଠା, ଅନାସକ୍ତ ଦୃଷ୍ଟିଭଙ୍ଗୀ ଓ ବିଶ୍ଳେଷଣଗତ ନିପୁଣତା ତଥା ଆନ୍ତରିକତାର ଚିହ୍ନ ସର୍ବତ୍ର ପରିଲକ୍ଷିତ । ତେଣୁ ଭାଷାବିତ ଭାବରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ସ୍ଥାନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ।

ସହାୟକ ଗ୍ରନ୍ଥସୂଚୀ :

୧. ଦାଶ, କୁଞ୍ଜବିହାରୀ- ଜୀବନାୟନ, କଟକ, ନାଳନ୍ଦା, ପ୍ରଥମ ସଂସ୍କରଣ-୧୯୭୮ ।

୨. ଦାଶ, ଗଗନେନ୍ଦ୍ରନାଥ- ଓଡ଼ିଆ ଭାଷାଚର୍ଚ୍ଚା ପରମ୍ପରା, ମଧୁପାଟଣା, କଟକ, ଓଡ଼ିଆ ଗବେଷଣା ପରିଷଦ, ପ୍ରଥମ ପ୍ରକାଶ- ୧୯୮୩ ।

୩. ପ୍ରଧାନ, ସବିତା- ଭାଷାଶୈଳୀ ଅବବୋଧ, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ-୨୦୦୫ ।

୪. ରଥ, ମୃତ୍ୟୁଞ୍ଜୟ-(କ) 'ଶବ୍ଦାର୍ଥ ଚର୍ଚ୍ଚା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୦୯ (୧୯୦୨) ।

(ଖ) 'ଶବ୍ଦାର୍ଥ ଚର୍ଚ୍ଚା(ପୂର୍ବାନୁବୃତ୍ତି)', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ତୃତୀୟ ସଂଖ୍ୟା ।

(ଗ) 'ଶବ୍ଦାର୍ଥ ଚର୍ଚ୍ଚା(୩)', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ଷଷ୍ଠ ସଂଖ୍ୟା, ଭାଦ୍ର, ୧୩୧୦ (୧୯୦୩) ।

(ଘ) 'ଖଣ୍ଡିଏ ପତ୍ର', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ନବମ ସଂଖ୍ୟା (୧୯୦୩) ।

(ଙ) 'ଶବ୍ଦାର୍ଥ ଚର୍ଚ୍ଚା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ଦଶମ ସଂଖ୍ୟା, ପୌଷ, ୧୩୧୦ (୧୯୦୩) ।

(ଚ) 'ଭାଷା ରହସ୍ୟ', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୧୦ (୧୯୦୩) ।

(ଛ) 'ଧ୍ୱନ୍ୟାତ୍ମକ ଭାଷା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ବାରଶ ସଂଖ୍ୟା, ଚୈତ୍ର, ୧୩୧୦ (୧୯୦୩) ।

(ଜ) 'ଗ୍ରାମ୍ୟ ଭାଷା', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ଦ୍ୱିତୀୟ ସଂଖ୍ୟା, ଜ୍ୟେଷ୍ଠ, ୧୩୧୦ (୧୯୦୩) ।

(ଝ) 'ଓଡ଼ିଆ ଭାଷାର ମୂଳ', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ବାରଶ ସଂଖ୍ୟା, ଚୈତ୍ର, ୧୩୧୧ (୧୯୦୪) ।

(ଞ) 'ଓଡ଼ିଆ ଭାଷାର ମୂଳ (୨)', ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୧୧ (୧୯୦୪) ।

(ଟ) 'ଓଡ଼ିଆ ଭାଷାର ମୂଳ (୩)', ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ଦ୍ୱିତୀୟ ସଂଖ୍ୟା, ଜ୍ୟେଷ୍ଠ, ୧୩୧୧ (୧୯୦୪) ।

(ଠ) 'ଶବ୍ଦ ରହସ୍ୟ', ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ, ୧୩୧୨ (୧୯୦୫) ।

(ଡ) 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି', ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ, ୧୩୨୨ (୧୯୧୫) ।

(ଢ) 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି(୨)', ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ଓ ପଞ୍ଚମ ସଂଖ୍ୟା, ଭାଦ୍ର, ୧୩୨୨ (୧୯୧୫) ।

(ଣ) 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', ମୁକୁର, ତୃତୀୟ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ ।

(ତ) 'ଓଡ଼ିଆ ବର୍ଣ୍ଣର ଉଚ୍ଚାରଣ', ମୁକୁର, ତୃତୀୟ ଭାଗ, ପଂଚମ ସଂଖ୍ୟା ।

(ଥ) ପକେଟ ଓଡ଼ିଆ ଅଭିଧାନ, କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ ।

(ଦ) ଓଡ଼ିଆ ରଚନା ଓ ଅନୁବାଦ, ବାଲୁବଜାର, କଟକ, କଟକ ଟ୍ରେଡ଼ିଂ କମ୍ପାନୀ, ତୃତୀୟ ମୁଦ୍ରଣ- ୧୯୫୫ ।

(ଧ) ମୂଳ ଶବ୍ଦବୋଧିକା, ପ୍ରଥମ ସଂସ୍କରଣ- ୧୯୦୧ ।

୫. ରଥ, ମୃତ୍ୟୁଞ୍ଜୟ ଓ ମିଶ୍ର, ବାଞ୍ଛାନିଧି- ଓଡ଼ିଆ ପକେଟ ଅଭିଧାନ, ବାଲୁବଜାର, କଟକ, କଟକ ଟ୍ରେଡ଼ିଂ କମ୍ପାନୀ, ନୂତନ ସଂସ୍କରଣ-୧୯୫୮ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ତୁଳସୀ ମହିଳା ମହାବିଦ୍ୟାଳୟ
କେନ୍ଦ୍ରାପଡ଼ା-୭୫୪୨୧୧
ଦୂରଭାଷ : ୮୭୦୯୪୦୫୦୭୦/
୯୭୫୮୦୧୫୪୫୪

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ